RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -167 ସଂଖ୍ୟା-୧୬୭
ଭୁବନେଶ୍ୱର, ଶୁକ୍ରବାର, ୧୨ ସେପ୍ଟେମ୍ବର ୨୦୨୫
Bhubaneswar, Friday, 12, September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ରାଜ୍ୟରେ 'ସାର'ର କୌଣସି ଅଭାବ ନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୯(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରି ସମସ୍ତ ଜିଲ୍ଲାରେ ଥିବା ପାକ୍ସ ଏବଂ ଲାମ୍ପସ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର କଳାବଜାରୀ କିମ୍ବା ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସ୍ଥାନରେ ସାରକୁ ଜବତ ନକରି ସେହି ସାରକୁ ନିକଟସ୍ଥ ପାକ୍ସ କିମ୍ବା ଲାମ୍ପସ୍ ?କୁ ସ୍ଥାନାନ୍ତରିତ କରି ଚ଼ାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।



ଲୋକସେବା ଭବନ ଠାରେ ଆୟୋଜିତ ବୈଠକର ଆଲୋଚ଼ନାରୁ ଜଣାଯାଇଛି ଯେ, ରାଜ୍ୟରେ ସାରର କୌଣସି ଅଭାବ ନାହିଁ। ସମସ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର ଆବଣ୍ଟନ କାର୍ଯ୍ୟ ସୁରୁଖୁରରେ ଚ଼ାଲିଛି। ସୂଚ଼ନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିଛନ୍ତି। ଆବଶ୍ୟକ ହେଲେ ଅଧିକ ସାର ପାଇଁ ଅନୁରୋଧ କରାଯିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧,୬୬,୭୩୩ ମେଟ୍ରିକ ଟନ ସାର ମଧ୍ୟରୁ ୯,୮୫,୯୬୭ ମେଟ୍ରିକଟନ ସାର ବିକ୍ରି ହୋଇସାରିଛି।

ବୈଠକରେ, ଜିଲ୍ଲାରେ ସାରର ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଏବଂ ଲାମ୍ପସ୍ ?କୁ ବିଭିନ୍ନ ଗ୍ରେଡ଼ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି, ମାର୍କଫେଡ଼ର ଅଧିକାରୀମାନଙ୍କୁ ସାରଯୋଗାଣ ତ୍ୱରାନ୍ୱିତ କରିବାକୁ ମଧ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାରୀ ରୋକିବା ପାଇଁ ଇନ୍‌ଫୋର୍ସମେଣ୍ଟକୁ ଅଧିକ କଡାକଡି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ଜିଲ୍ଲାରେ Crop Diversification ଏବଂ Integrated Farming Systemକୁ ଅଧିକ ଗୁରୁତ୍ୱ ଦେବା, ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଣୁ, ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚ଼ାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ସଫଳ ହୋଇ ପାରିବ। ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚ଼ାଷୀମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆ ଯାଉଛି ଏବଂ ଯେପରି ସେହି ଅଂଚ଼ଳରେ ଚ଼ାଷୀ ମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ, ପ୍ରତ୍ୟେକ ଜିଲ୍ଲାରେ ସାର ବଣ୍ଟନ କାର୍ଯ୍ୟକଳାପ ବିଷୟରେ ପଚ଼ାରି ବୁଝି ଥିଲେ ଏବଂ କୌଣସି ସ୍ଥାନରେ ଚ଼ାଷୀ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚ଼ିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚ଼ିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚ଼ିବ ଅରବିନ୍ଦ ପାଢୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଟ୍ରମ୍ପ ସହଯୋଗୀଙ୍କୁ ଗୁଳି କରି ହତ୍ୟା

ୱାଂଶିଟନ,୧୧।୯: ପ୍ରବଳ ଭିଡ ହୋଇଥିଲା। ଶହଶହ ଲୋକ ରୁଣ୍ଡ ହୋଇଥିଲେ। ଷ୍ଟେଜ ଉପରେ ଭାଷଣ ଦେଉଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ତଥା କଞ୍ଜରଭେଟିଭର ସକ୍ରିୟ ସଦସ୍ୟ ଚ଼ାର୍ଲି କିର୍କ। ଏହି ସମୟରେ ଭିଡ ଭିତରୁ ଚ଼ାଲିଥିଲା ଗୁଳି। ଭାଷଣ ଦେଉଥିବା ବେଳେ ଚ଼ାର୍ଲିଙ୍କ ବେକମୁଣ୍ଡାରେ ଧଡ କରି ମାଡ ହୋଇଥିଲା ଗୁଳି। ରକ୍ତ ଝରଝର ହୋଇ ବହି ଯାଇଥିଲା ଓ ଘଟଣା ସ୍ଥଳରେ ଆଖିବୁଜି ଥିଲେ ଟ୍ରମ୍ପଙ୍କ ମେକ ଆମେରିକା ଗ୍ରେଟ ଏଗେନର ଫାୟାରବ୍ରାଣ୍ଡ ନେତା ଚ଼ାର୍ଲି।

ଚ଼ାର୍ଲି ୟୁଟା ଭ୍ୟାଲି ୟୁନିଭର୍ସିଟି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷଣ ଦେବା ସମୟରେ ହିଁ ତାଙ୍କୁ ଗୁଳିମାଡ କରାଯାଇଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡର ଏକ ହୃଦୟବିଦାରକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ଚ଼ାର୍ଲି କିର୍କଙ୍କ ବେକମୁଣ୍ଡାରେ ଗୁଳି ମାଡ ହେଉଥିବା ଦେଖାଯାଉଛି। ଏତେ ଭିଡ ଓ ସର୍ବସମ୍ମୁଖରେ ଏତେ ବଡ ଘଟଣା ଘଟିଥିଲେ ହେଁ ଏପର୍ଯ୍ୟନ୍ତ ଆକ୍ରମଣକାରୀଙ୍କୁ ଧରିପାରିନି ଟ୍ରମ୍ପ ପ୍ରଶାସନ।

ସେହିପରି କାହିଁକି ଚ଼ାର୍ଲିଙ୍କୁ ଗୁଳି କରାଗଲା, ତା'ର କାରଣ ମଧ ଜଣାପଡି ନାହିଁ। ଘଟଣା ପରେ ଦୁଇଜଣ ସନ୍ଦିଗ୍ଧଙ୍କୁ ପୁଲିସ୍ ଉଠାଇ ନେଇଥିଲା। କିନ୍ତୁ ପରେ ସେମାନଙ୍କୁ ଛାଡି ଦିଆଯାଇଛି। ଏବେ ପୁଲିସ୍ ପ୍ରଶାସନ ଘରଘର ବୁଲି ଚ଼ାର୍ଲି ହତ୍ୟାକାରୀଙ୍କୁ ଖୋଜିବାରେ ଲାଗି ପଡିଛି। ୩୧ ବର୍ଷୀୟ ଚ଼ାର୍ଲି କିର୍କ ଆମେରିକାର ପ୍ରମୁଖ ଦକ୍ଷିଣପନ୍ଥୀ ନେତା। ବୁଧବାର ୟୁଟା ଭ୍ୟାଲି ୟୁନିଭର୍ସିଟି କ୍ୟାମ୍ପସରେ ସେ ଭାଷଣ ଦେଇଥିଲେ। ଟର୍ଣ୍ଣିଂ ପଏଣ୍ଟ ୟୁଏସର ପ୍ରତିଷ୍ଠାତା ଚ଼ାର୍ଲି ବନ୍ଧୁକ ହିଂସା ସମ୍ପର୍କରେ ଭାଷଣ ଦେବା ପରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କୁ ଟାର୍ଗେଟ କରି ଗୁଳି ମାଡ ହୋଇଥିଲା।ୟୁଟା ଡିର୍ପାଟମେଣ୍ଟ ଅଫ ପବ୍ଲିକ ସେଫ୍ଟୀ କମିଶନର ବିଉ ମାସନଙ୍କ କହିବା କଥେ ଆକ୍ରମଣକାରୀ କେବଳ ଗୋଟିଏ ଗୁଳି ଚ଼ଳାଇଛି। ଅର୍ଥାତ ଏହା ଟାର୍ଗେଟ କିଲିଂ। ସମ୍ଭବତଃ କୌଣସି ଉଚ୍ଚ଼ ସ୍ଥାନରୁ ଗୁଳି କରାଯାଇଥିଲା। ଦୁଇ ଜଣଙ୍କୁ ଏହି ଘଟଣାରେ ଅଟକ ରଖାଯାଇଥିଲା। ତେବେ ସେମାନଙ୍କୁ ଛାଡି ଦିଆଯାଇଛି। ଏବେ ଘର ଘର ବୁଲି ହତ୍ୟାକାରୀକୁ ଖୋଜା ଚ଼ାଲିଥିବା ସେ କହିଛନ୍ତି।




ଏପରି ହତ୍ୟାକାଣ୍ଡକୁ ଟ୍ରମ୍ପ ଦୃଢ଼ ଭାବେ ନିନ୍ଦା କରିଛନ୍ତି। ଏହା ଆମେରିକା ପାଇଁ ଗୋଟିଏ କଳାମୁହୂର୍ତ୍ତ ବୋଲି ସେ କହିବା ସହ ରବିବାର ଯାଏ ଚ଼ାର୍ଲିଙ୍କ ସ୍ମୃତିରେ ଜାତୀୟ ପତାକା ଅର୍ଦ୍ଧ ନିମିତ ହେବ ବୋଲି ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ କହିବା କଥା ଚ଼ାର୍ଲି ଆମେରିକାର ଭବିଷ୍ୟତ ଓ ଆମେରିକା ବିପ୍ଲବର ଜଣେ ଯୋଦ୍ଧା ଥିଲେ।

## ୭୪ ହଜାର ଅଙ୍ଗନବାଡି କର୍ମୀ ଦେବେ ସ୍ୱାସ୍ଥ୍ୟକର ଖଦ୍ୟାଭ୍ୟାସର ଟିପ୍ସ: ପ୍ରଭାତୀ

ଭୁବନେଶ୍ୱର୧୧।୯(ନି.ପ୍ର.): ରାଜ୍ୟ ସରକାର ଲୋକମାନଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ନେଇ ପରାମର୍ଶ ଦେବେ। ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ୭୪ ହଜାର ଅଙ୍ଗନବାଡ଼ି କେନ୍ଦ୍ର ଦ୍ୱାରା ମହିଳାଙ୍କୁ ଓ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟକର ଖଦ୍ୟାଭ୍ୟାସର ଟିପ୍ସ ଦିଆଯିବ।ଓଡ଼ିଶାରେ 'ଇଟ୍ ରାଇଟ୍ ? ଷ୍ଟେ ବ୍ରାଇଟ୍ ?' ଅଭିଯାନ ଆରମ୍ଭ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଶିଶୁ ଓ ମହିଳା ବିକାଶ ବିଭାଗ ସହ ୟୁନିସେଫର ମିଳିତ ସହଭାଗିତାରେ ଏହି ଅଭିଯାନ ଆରମ୍ଭ ହୋଇଛି। ଇଟ ରାଇଟ ଓ୍ୱେଷ୍ଟ ବ୍ରାଇଟ୍ ହେଲ୍‌ଦି ଡାଏଟ କ୍ୟାମ୍ପେନ ଆଜି ଓଡ଼ିଶାରେ ଆରମ୍ଭ ହୋଇଛି। ସେପ୍ଟେମ୍ବର ମାସ ପୋଷଣର ମାସ। ରାଜ୍ୟରେ ସେପ୍ଟେମ୍ବରରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟକର ଖାଦ୍ୟର କ୍ୟାମ୍ପେନ୍ ଆରମ୍ଭ ହୋଇଛି।ଶ୍ରୀମତୀ ପରିଡା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁସାରେ ଓବେଶିଟି ଏକ ବଡ଼ ସମସ୍ୟା ବର୍ତ୍ତମାନ ସମୟରେ। ତେଲ ଭାଜି ଠାରୁ ଦୂରରେ ରହି ନିଜ ଖଦ୍ୟଭ୍ୟାସରେ ବ୍ୟାୟାମ ଓ ଯୋଗକୁ ଯୋଡିବା। ସମସ୍ତେ ଫିଟ୍ ରହିବାକୁ ସ୍ୱଦେଶୀ ଖାଦ୍ୟ ଗ୍ରହଣ କରିବା। ଶୋଷ ହେଲେ କୋଲ୍ଡ୍ରିଙ୍କ ନୁହେଁ ବରଂ ପାଣି ପିଇବା। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସହ ୟୁନିସେଫ ର ମିଳିତ ଆନୁକୁଲ୍ୟରେ ଏହାର ଆୟୋଜନ କରାଯାଇଛି।

# ଅକ୍ଟୋବରରେ ଲା-ନିନା ବିପଦ

ନୂଆଦିଲ୍ଲୀ,୧୧।୯(ନି.ପ୍ର.): : ଜଳବାୟୁ ପ୍ରକ୍ରିୟା ଲା-ନିନା ପ୍ରଭାବରେ ଉଚ୍ଚ଼ ସାମୁଦ୍ରିକ ପୃଷ୍ଠ ତାପମାତ୍ରାର ଉପସ୍ଥିତି ଯୋଗୁ ପଶ୍ଚିମ ପ୍ରଶାନ୍ତ ମହାସାଗର ତଥା ଚ଼ାଇନା ସାଗର ଅଂଚ଼ଳରେ ସୃଷ୍ଟି ବାତ୍ୟା ଗୁଡିକର ଅବଶିଷ୍ଟ ଅଂଶ ବଙ୍ଗୋପସାଗର ରେ ପ୍ରବେଶ ସହ , ମୌସୁମୀ ପରବର୍ତୀ ବାତ୍ୟା ଋତୁକୁ ସକ୍ରିୟ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥାଏ । ଖାସକରୀ ପ୍ରଶାନ୍ତ ମହାସାଗର ଅଂଚ଼ଳରୁ ବଙ୍ଗୋପସାଗର ଅଂଚ଼ଳକୁ ପ୍ରବେଶ ଅବଶିଷ୍ଟ ଅଂଶ ଗୁଡିକ ମୁଖ୍ୟତ ଭାବେ ଆଣ୍ଡାମାନ ସାଗର ଅଞ୍ଚଳ ପ୍ରବେଶ କରିଥାଏ।

ସାଧାରଣତଃ ଏହି ସମୟରେ ଆଣ୍ଡାମାନ ଅଂଚ଼ଳରେ ଉପସ୍ତିତି ସ୍ଥଳଭାଗ ସହ ସାମୁଦ୍ରିକ ତରଙ୍ଗର ପ୍ରତିକ୍ରିୟା ଫଳରେ କିଛି ନିର୍ଦ୍ଦିଷ୍ଟ ସାମୁଦ୍ରିକ ଆଭ୍ୟନ୍ତରୀଣ ତରଙ୍ଗ ସୃଷ୍ଟି ହୋଇଥାଏ ଯାହା ଆଣ୍ଡାମାନ ଅଂଚ଼ଳର ପୃଷ୍ଠ ତାପମାତ୍ରାକୁ ୩୦ ଡିଗ୍ରୀ କିମ୍ବା ଅଧିକ ଧରି ରଖିବାରେ ସାହାଯ୍ୟ କରିଥାଏ । ଫଳସ୍ୱରୂପ ଏହି ବଶିଷ୍ଟ ଅଂଶ ଗୁଡିକ ବିଶେଷକରି ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ, ଉଚ୍ଚ ଆପେକ୍ଷିକ ଆର୍ଦ୍ରତା ଏବଂ ନିମ୍ନ ବାୟୁପ୍ରବାହ ତାରତମ୍ୟ ତଥା ଉଚ୍ଚ ସାମୁଦ୍ରିକ ପୃଷ୍ଠ ତାପମାତ୍ରା ସଂସ୍ପର୍ଶରେ ଆସି ଶକ୍ତିଶାଳୀ ହୋଇଉଠେ। ଏହି ପରିସ୍ଥିତି ଭାରତର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ଏବଂ ବନ୍ୟା ସହିତ ଅଧିକ ବିନାଶକାରୀ ଶକ୍ତିଶାଳୀ ପ୍ରଳୟଙ୍କରି ବାତ୍ୟା ସୃଷ୍ଟି କରିପାରେ।

ଯାହାର ଦିଗଦର୍ଶନ ହେଉଛି ୧୯୯୯ ର ମହାବାତ୍ୟା, ୨୦୦୯ ରେ ଅଇଲା, ୨୦୧୮ର ତିତିଲି, ୨୦୨୧ ରେ ଗୁଲାବ ଏବଂ ଜବାଦ, , ୨୦୨୨ ର ଅସାନି, ସେହିପରି ମୌସୁମୀ ପୂର୍ବବାତ୍ୟା ଋତୁ ରେ ୨୦୧୯ ରେ ଫନି, ୨୦୨୦ରେ ଅମ୍ଫାନ, ୨୦୨୧ ର ୟସ। ଏଠି ମଧ୍ୟରୁ ୧୯୯୯, ୨୦୧୮, ୨୦୨୧, ୨୦୧୯, ୨୦୨୦, ୨୦୨୨ ଏହି ସମସ୍ତ ଋତୁରେ ବଙ୍ଗୋପସାଗର ରେ ସୃଷ୍ଟି ବାତ୍ୟା ଓଡିଶାକୁ ପ୍ରଭାବିତ କରିଛି।

## ସର୍ବକାଳୀନ ନିମ୍ନସ୍ତରକୁ ଖସିଲା ଟଙ୍କା

ମୁମ୍ବାଇ,୧୧।୯: ଗୁରୁବାର ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତର ୮୮.୪୪୨୫କୁ ଖସିଛି, ଯାହା ଗତ ଶୁକ୍ରବାରର ୮୮.୩୬ ରେକର୍ଡଠାରୁ ୦.୩୯% କମ୍। ଆମେରିକାର ଭାରତୀୟ ସାମଗ୍ରୀ ଉପରେ ଗତ ମାସରୁ ଲାଗୁ ହୋଇଥିବା କଠୋର ଟାରିଫ୍ ନିବେଶକଙ୍କ ଆସ୍ଥାକୁ ଦୁର୍ବଳ କରିଛି, ଯାହା ଟଙ୍କାକୁ ଏସିଆର ସବୁଠାରୁ ଦୁର୍ବଳ ମୁଦ୍ରା ମଧ୍ୟରୁ ଗୋଟିଏ କରିଛି। ଚ଼ଳିତ ବର୍ଷ ଭାରତର ଋଣ ଓ ଇକ୍ୱିଟି ବଜାରରୁ ୧୧.୭ ବିଲିୟନ ଡଲାର ବିଦେଶୀ ନିବେଶ ପ୍ରତ୍ୟାହାର ହୋଇଛି।ଏହି ଟାରିଫ୍ ଭାରତର ଅର୍ଥନୀତି ଓ ବାଣିଜ୍ୟ ପରିଦୃଶ୍ୟକୁ ପ୍ରଭାବିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ପ୍ରଭାବ ହ୍ରାସ ପାଇଁ ଉପଭୋଗ କର ହ୍ରାସ କରିଛନ୍ତି, ଏବଂ ଭାରତ-ଆମେରିକା ବାଣିଜ୍ୟ ବାଧା ସମାଧାନ ପାଇଁ ଆଲୋଚ଼ନା ପୁନର୍ବାର ଆରମ୍ଭ କରୁଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଟଙ୍କାର ପତନକୁ ନିୟନ୍ତ୍ରଣ କରିବା ପାଇଁ ଡଲାର ବିକ୍ରି କରୁଛି, କିନ୍ତୁ ରପ୍ତାନିକାରୀଙ୍କ ଅର୍ଡର ଅନିଶ୍ଚିତତା ଓ ଆମଦାନୀକାରୀଙ୍କ ଡଲାର ଚ଼ାହିଦା ଟଙ୍କା ଉପରେ ଚ଼ାପ ସୃଷ୍ଟି କରୁଛି। ଏଚ଼ଡିଏଫସି ସିକ୍ୟୁରିଟିଜର ବିଦେଶୀ ମୁଦ୍ରା ଗବେଷଣା ବିଶ୍ଳେଷକ ଦିଲୀପ ପରମାର କହିଛନ୍ତି, "ଆମଦାନୀକାରୀଙ୍କ ଡଲାର ଚ଼ାହିଦା ଜାରି ରହିଥିବାବେଳେ ରପ୍ତାନୀ ଓ ବିଦେଶୀ ନିବେଶ ପ୍ରବାହ କମ୍ ହେଉଛି, ଯାହା ଟଙ୍କା ଉପରେ ଚ଼ାପ ସୃଷ୍ଟି କରୁଛି।"

## କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଦୁବାଇର ଯୁବରାଜଙ୍କ ଦ୍ୱାରା ଆଇଆଇଏମ, ଅହମ୍ମଦବାଦ ଦୁବାଇ କ୍ୟାମ୍ପସ ଉଦଘାଟିତ

# ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଗୌରବମୟ ଅଧ୍ୟାୟ ଯୋଡିହେଲା : ଧର୍ମେନ୍ଦ୍ର ପ୍ରଧାନ

ଦୁବାଇ,୧୧।୯(ନି.ପ୍ର.): ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ୟୁଏଇର ଉଚ୍ଚ଼ଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ଉପସ୍ଥିତିରେ ଦୁବାଇର ଯୁବରାଜ ଶେଖ୍ ହମଦାନ୍ ବିନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍ ?ଙ୍କ କରକମଳରେ ଆଇଆଇଏମ, ଅହମ୍ମଦବାଦର ଦୁବାଇ କ୍ୟାମ୍ପସ ଉଦଘାଟନ ହୋଇଯାଇଛି ।

ଏହି ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏହା ଆଉ ଏକ ବଡ଼ ପଦକ୍ଷେପ । ଏହି ନୂଆ କ୍ୟାମ୍ପସ ବିଶ୍ୱକୁ ଭାରତର ନୂଆ ପରିଚ଼ୟ ପ୍ରଦାନ କରିବ । ଏହି ଅନ୍ତର୍ଜାତୀୟ କ୍ୟାମ୍ପସ୍ ଜାତୀୟ ଶିକ୍ଷା ନୀତିରେ କଳ୍ପନା କରାଯାଇଥିବା 'ଆତ୍ମାରେ ଭାରତୀୟ, ଆଉଟଲୁକରେ ବିଶ୍ୱ' ନୀତିକୁ ଏକ ସର୍ବୋତ୍ତମ ଲଞ୍ଚପ୍ୟାଡ୍ ପ୍ରଦାନ କରିଛି । ଏହି କ୍ୟାମ୍ପସ ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଏକ ଗୌରବମୟ ଅଧ୍ୟାୟ ଯୋଡିହୋଇଛି । ଏହି ଅବସରରେ କ୍ୟାମ୍ପସରେ ପ୍ରଥମ ଏମବିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଅବସରରେ ମଧ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଥିଲେ ।

ଏହା ପୂର୍ବରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚ଼ଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ସହିତ ଏକ ସାକ୍ଷାତ୍ ଆଲୋଚ଼ନା କରିଥିଲେ । ଉଚ୍ଚ଼ଶିକ୍ଷାରେ ଦୁଇ ଦେଶର ଦ୍ୱିପାକ୍ଷିକ ସହଯୋଗ ଉପରେ ସମୀକ୍ଷା କରାଯିବା ସହ ଦୁଇ ଦେଶର ଜ୍ଞାନ ସେତୁକୁ ମଜଭୂତ୍ କରିବା ଉପରେ ଆଲୋଚ଼ନା ହୋଇଥିଲା । ଜ୍ଞାନ, ନବସୃଜନ ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଦିଗରେ ମଧ ଉଭୟ ମନ୍ତ୍ରୀ ଆଲୋଚ଼ନା କରିଥିଲେ । ସେହିପରି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ ଓ ଉଭା ହେଉଥିବା କ୍ଷେତ୍ରରେ ମିଳିତ ଗବେଷଣା, କାପାସିଟି ବିଲଡିଂ, ଦ୍ୱିପାକ୍ଷିକ ସାଂସ୍କୃତିକ ଏବଂ ଶୈକ୍ଷିକ ଆଦାନପ୍ରଦାନ ଉପରେ ମଧ ବୈଠକରେ ବିଚ଼ାରବିମର୍ଶ ହୋଇଥିଲା । ଦୁବାଇରେ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚ଼ ଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଶେଷ ଭାବରେ ଉଭୟ ପକ୍ଷର ପ୍ରାଥମିକତାକୁ ଆଗକୁ ବଢାଇବା,



ବିଶ୍ୱ ସହିତ ଯୋଡିହେବା ଏବଂ ୟୁଏଇରେ ଉଚ୍ଚ଼ତର ଭାରତୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାଦିଗରେ ମନ୍ତ୍ରୀଙ୍କ ସହଯୋଗକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ । ସେ କହିଥିଲେ, ଭାରତ ହେଉଛି ପ୍ରତିଭାବାନ ମାନବସମ୍ବଳର ପେଣ୍ଠସ୍ଥଳି ଏବଂ ୟୁଏଇ ବିଶ୍ୱସ୍ତରୀୟ ଆର୍ଥିକ କ୍ଷେତ୍ରର ପେଣ୍ଠସ୍ଥଳି । ଭାରତ ଏବଂ ୟୁଏଇ ନାଗରିକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ଼ କରିବା ତଥା ପୁରୁଣା ସମ୍ବନ୍ଧକୁ ବଜାୟ ରଖିବା ପାଇଁ ବଦ୍ଧପରିକର ।

ୟୁଏଇରେ ଭାରତୀୟ ଉଚ୍ଚ଼ ଶିକ୍ଷାନୁଗୁଡ଼ିକର ଏକ ଗୋଲଟେବୁଲ ସମ୍ମିଳନୀରେ ମଧ ଯୋଗ ଦେଇଥିଲେ ଶ୍ରୀ ପ୍ରଧାନ । ଉଚ୍ଚ଼ ଶିକ୍ଷାନୁଷ୍ଠାନର ଲିଡରମାନଙ୍କ ସହ ଶ୍ରୀ ପ୍ରଧାନ ଭବିଷ୍ୟତ ପାଇଁ ଥିବା ସେମାନଙ୍କର ଆଭିମୁଖ୍ୟ ଏବଂ ଯୋଜନା ବିଷୟରେ ଆଲୋଚ଼ନା କରିଥିଲେ । ବିଶ୍ୱ ଶିକ୍ଷା, ନବସୃଜନ ଏବଂ ଉଦ୍ୟମିତା ମାନଚ଼ିତ୍ରରେ 'ବ୍ରାଣ୍ଡ ଇଣ୍ଡିଆ'କୁ ସୁଦୃଢ଼ କରିବା ଉପରେ ମଧ ଶ୍ରୀ ପ୍ରଧାନ ବୈଠକରେ ମତପ୍ରକାଶ କରିଥିଲେ । ଏହାବ୍ୟତୀତ ଶ୍ରୀ ପ୍ରଧାନ ଗସ୍ତର ଅନ୍ତିମ ଦିନରେ ଦୁବାଇର ଭାରତୀୟ କନସୁଲେଟ୍ ?ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ସହ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ । ସେଠାରେ ଶିକ୍ଷକ ଦିବସ ପାଳନ ଅବସରରେ ଶ୍ରୀ ପ୍ରଧାନ ସିବିଏସଇ ସ୍କୁଲର ପ୍ରିନ୍ସିପାଲଙ୍କ ସହିତ ଆଲୋଚ଼ନା କରିବା ସହ ୟୁଏଇରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବର ମଧ ଶୁଭାରମ୍ଭ କରିଛନ୍ତି । ପ୍ରକାଶ ଥାଉ କି, ଗତକାଲି ଶ୍ରୀ ପ୍ରଧାନ ଆବୁଧାବିର ବାପ୍ସ ହିନ୍ଦୁ ମନ୍ଦିର ପରିଦର୍ଶନ କରିବା ସହ ସିମ୍ବିୟୋସିସ୍ ବିଶ୍ୱବିଦ୍ୟାଳୟ, ଦୁବାଇ କ୍ୟାମ୍ପସର ପ୍ରଥମ ବାର୍ଷିକଉତ୍ସବରେ ଯୋଗଦେଇଥିଲେ । ସିମ୍ବିୟୋସିସ୍ କ୍ୟାମ୍ପସର ଏହି ବାର୍ଷିକ ଉତ୍ସବରେ ଶ୍ରୀ ପ୍ରଧାନ କହିଥିଲେ ଏହି ବାର୍ଷିକ ଉତ୍ସବ କେବଳ ମାଇଲଖୁଣ୍ଟର ଉତ୍ସବ ନୁହେଁ ବରଂ ବିଶ୍ୱ ଶିକ୍ଷା ମାନଚ଼ିତ୍ରରେ ଭାରତର ବର୍ଦ୍ଧିତ ଉପସ୍ଥିତିର ଉତ୍ସବ । ସିମ୍ବିୟୋସିସ୍ ଗୁଣବତ୍ତା ଏବଂ ଉତ୍କର୍ଷତାର ସମାର୍ଥକ । ସେହିପରି ବାପ୍ସ ହିନ୍ଦୁ ମନ୍ଦିର ପାର୍ଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମେତ ଅନ୍ୟାନ୍ୟ କାରୁକାର୍ଯ୍ୟଗୁଡ଼ିକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଇଆଇଟି ଦିଲ୍ଲୀ ଆବୁଧାବି କ୍ୟାମ୍ପସରେ କେମିକାଲ ଇଞ୍ଜିନିୟରିଂ ଓ ଏନର୍ଜି ଏବଂ ସଷ୍ଟେନବିଲିଟି ବିଷୟରେ ବି.ଟେକ୍ ଏବଂ ପିଏଚ଼.ଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବିଦେଶରେ ସର୍ବପ୍ରଥମ ଅଟଳ ଇନକ୍ୟୁବେସନ୍ ସେଣ୍ଟରର ଉଦଘାଟନ କରିଥିଲେ ।

# ପଡୋଶୀ ରାଷ୍ଟ୍ରରେ ଅସ୍ଥିରତା ଭିତରେ ସ୍ଥିର ହୋଇ ଛିଡା ହୋଇଛି ଭାରତ

ନୂଆଦିଲ୍ଲୀ,୧୧।୯: ନେପାଳରେ ସୋସିଆଲ ମିଡ଼ିଆ ଫେସବୁକ, ହ୍ୱାଟ୍ସଆପ ଓ ଏକ୍ସ ସମେତ ୨୬ଟି ସୋସିଆଲ ମିଡ଼ିଆ ସାଇଟ ଉପରେ ବ୍ୟାନ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ସରକାର। ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ ନେପାଳର ଜେନ୍ ଜି ପିଢ଼ି(୧୯୯୬ ରୁ ୨୦୧୦ ମଧ୍ୟରେ ଜନ୍ମିତ ବ୍ୟକ୍ତି)। ଏହି ପ୍ରତିବାଦରେ ଏକାଧିକ ପିଲାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ମଙ୍ଗଳବାର ଏହି ପ୍ରତିବାଦ ସୀମା ପାର୍ କରିଥିବା ବେଳେ ଏବେ ଟିକେ ଥଣ୍ଡା ପ ?ିଛି ନେପାଳ। ସରକାର ପ୍ରତିବନ୍ଧକ ହଟାଇ ସାରିବା ପରେ ବି ପ୍ରତିବାଦର ନିଆଁ କୁହୁଳିଥିଲା, ଯେଉଁଥିରେ ସ୍ୱାହା ହୋଇଥିଲା ଦେଶର ପ୍ରଧାନମନ୍ତ୍ରୀ-ରାଷ୍ଟ୍ରପତିଙ୍କ ସମେତ ଅନେକ ବଡ ବଡ ନେତାଙ୍କ ଘର। ସ୍ଥିତି ଅଣାୟତ୍ତ ହେବା ଦେଖି ପ୍ରଧାନମନ୍ତ୍ରୀ କେ.ପି ଶର୍ମା ଓଲି ଇସ୍ତଫା ଦେବା ସହ ଗୃହମନ୍ତ୍ରୀଙ୍କ ସମେତ କ୍ଷମତାରେ ଥିବା ଦଳର ପ୍ରାୟ ସବୁ ନେତା ନିଜ ନିଜ ପଦରୁ ଇସ୍ତଫା ଦେଇଥିଲେ। ଜୀବନ ବଞ୍ଚାଇବା ପାଇଁ ସମସ୍ତେ ନିଜ ଘର ଛାଡିଥିବା ବେଳେ ଏବେ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି।

ଗୋଟାଏ ରାତି ମଧ୍ୟରେ ସରକାର ଭାଙ୍ଗିବା ସହ ଏବେ ନେପାଳର ଜେନ୍-ଜି ନୂଆ ସରକାର ଗଠନ ନେଇ ପ୍ରାର୍ଥୀଙ୍କ ନାମ ଦେବା ଆରମ୍ଭ କରିଛନ୍ତି। ଏଭଳି ରାତାରାତି ସରକାର ଭାଙ୍ଗିବା କିଛି ନୂଆ ନୁହେଁ। କିଛି ମାସ ତଳେ ବଂଲାଦେଶରେ ମଧ ସମାନ ଘଟଣା ଘଟିଥିଲା, ଯେଉଁଠି ଲୋକଙ୍କ କ୍ରୋଧ ଦେଖି ଡରରେ ଦେଶ ଛାଡିଥିଲେ ପ୍ରଧାନମନ୍ତ୍ରୀ ଶେଖ୍ ହସିନା। ତେବେ ବର୍ଷ ବର୍ଷ ହେଲାଣି ଚ଼ାରିପାଖରେ ହିଂସାର ଜ୍ୱାଳା ଜଳୁଥିବା ବେଳେ ଅଟଳ ହୋଇ ଛିଡା ହୋଇ ଭାରତ। ପଡ ?ାଶୀ ରାଷ୍ଟ୍ରରେ ଜନତା ନିଜ ନେତାମାନଙ୍କୁ ଗୋଡାଇ ଗୋଡାଇ ପିଟୁଥିବା ବେଳେ ଭାରତରେ ରହିଛି ଶାନ୍ତିର ବାତାବରଣ। ଭାରତର ସମ୍ବିଧାନ ପାଇଁ ଏହା ସମ୍ଭବ ହୋଇପାରିଥିବା କୁହାଯାଉଛି। ଭାରତରେ ମଧ ଅନ୍ୟ ଦେଶ ଭଳି ବିରୋଧୀ ଦଳ ଅଛନ୍ତି। କିନ୍ତୁ କେବେ ବି ପରିସ୍ଥିତି ଏତେ ଭୟଙ୍କର ହୋଇନାହିଁ। ଆଜି ଆମେ ଭାରତର ପଡୋଶୀ ରାଷ୍ଟ୍ର ଓ ସେଠାରେ ହୋଇଥିବା ସରକାର ବିରୋଧୀ ପ୍ରତିବାଦ ଏବଂ ଅଶାନ୍ତି ବିଷୟରେ ଜଣାଇବୁ।

୧. ଯଦି ଆମେ ବାଂଲାଦେଶ କଥା କହିବା ତେବେ ଅଗଷ୍ଟ ୨୦୨୪ରେ, ବାଂଲାଦେଶ ଏକ ବିରାଟ ରାଜନୈତିକ ଅସ୍ଥିରତା ଦେଖିଥିଲା। ପ୍ରଧାନମନ୍ତ୍ରୀ ଶେଖ ହସିନା ସରକାର ବିରୋଧରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ, ଯେଉଁଥିରେ ୬୦୦ ଲୋକ ପ୍ରାଣ ହରାଇଥିଲେ। ଜନତାଙ୍କ ବିରୋଧ ପରେ ଇସ୍ତଫା ଦେଇଥିଲେ ଶେଖ ହସିନା। ଇସ୍ତଫା ପରେ ସେନା ଦେଶର ଦାୟିତ୍ୱ ନେଇଥିଲା। ସଂରକ୍ଷଣ ପାଇଁ ହିଂସାତ୍ମକ ବିରୋଧକୁ ଦୃଷ୍ଟିରେ ରଖି ଶେଖ ହସିନା ଇସ୍ତଫା ଦେବା ସହ ଜୀବନ ବଞ୍ଚାଇବାକୁ ବାଂଲାଦେଶ ଛାଡି ଭାରତ ଚ଼ାଲିଆସିଥିଲେ। ଏହା ପରେ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କୁ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଥିଲା।

୨. ମ୍ୟାମାରର ବିଶେଷକରି ଚ଼ିନ୍ ରାଜ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ତୀବ୍ର ହୋଇଛି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ଶରଣାର୍ଥୀ ସଙ୍କଟ ସୃଷ୍ଟି କରିଛି। ୨୦୨୧ ମସିହାରେ ଆରମ୍ଭ ହୋଇଥିବା ସାମରିକ ବିଦ୍ରୋହ ପରଠାରୁ ୬୫ହଜାରରୁ ଅଧିକ ଶରଣାର୍ଥୀ ଭାରତକୁ ଚ଼ାଲି ଆସିଛନ୍ତି। ରଏଟର୍ସ ରିପୋର୍ଟ କରିଛି ଯେ, ମିଜୋରାମ ଏହି ଶରଣାର୍ଥୀଙ୍କ ପାଇଁ ଏକ ପ୍ରାଥମିକ ଗନ୍ତବ୍ୟସ୍ଥଳ ପାଲଟିଛି। ହଜାର ହଜାର ଶରଣାର୍ଥୀ ଏଠାରେ ଆଶ୍ରୟ ନେଉଛନ୍ତି। ଏହା ସ୍ଥାନୀୟ ସମ୍ବଳ ଉପରେ ଚ଼ାପ ପକାଇଛି ଏବଂ ଅଞ୍ଚଳରେ ଜାତିଗତ ଉତ୍ତ ?ଜନାକୁ ବୃଦ୍ଧି କରିଛି।

୩. ୨୦୦୧ ମସିହାରେ ଆଫଗାନ ସଂଘର୍ଷ ଆରମ୍ଭ ହୋଇଥିଲା ଯେତେବେଳେ ୯/୧୧ ଆକ୍ରମଣ ପରେ ଆମେରିକା ନେତୃତ୍ୱାଧୀନ ନାଟୋ ସେନା ତାଲିବାନକୁ କ୍ଷମତାରୁ ହଟାଇ ଅଲ-କାଏଦାକୁ ଟାର୍ଗେଟ କରିବା ପାଇଁ ହସ୍ତକ୍ଷେପ କରିଥିଲେ। ଏହି ଯୁଦ୍ଧ ଦୁଇ ଦଶନ୍ଧି ଧରି ଅର୍ଥାତ୍ ୨୦୨୧ ମସିହା ଅଗଷ୍ଟ ପର୍ଯ୍ୟନ୍ତ ଜାରି ରହିଥିଲା। ହେଲେ ଏହା ପରେ ଆମେରିକା ନିଜ ସୈନ୍ୟମାନେ ଦେଶରୁ ପ୍ରତ୍ୟାହାର କରିନେଇଥିଲା। ସୈନ୍ୟ ପ୍ରତ୍ୟାହାର ପରେ, ତାଲିବାନ ପୁଣି ଆଫଗାନସ୍ତାନକୁ କବଜାକୁ ନେଇ ରାଜ୍ ଆରମ୍ଭ କରିଥିଲା। ଏବେ ବି କିଛି ଅଞ୍ଚଳରେ ତାଲିବାନ, ଆଇଏସଆଇଏସ୍-କେ ଏବଂ ତାଲିବାନ ବିରୋଧୀ ରିପବ୍ଲିକାନ୍ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଛି ।

୪. ଶ୍ରୀଲଙ୍କା ୨୦୨୨ ମସିହାରେ ଆରମ୍ଭ ହୋଇଥିବା ଆର୍ଥିକ ସଙ୍କଟର କବଳରେ ଏବେ ବି ରହିଛି। ଇନ୍ଧନ, ଖାଦ୍ୟ, ଔଷଧର ଅଭାବ ଏବଂ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ପରିସ୍ଥିତିକୁ ଆହୁରି ଖରାପ କରିଛି। ୨୦୨୨ରେ ଏନେଇ ଜନତା ବିରୋଧ କରିବାରୁ ଦେଶ ଛାଡି ମାଳଦ୍ୱୀପକୁ ଖସି ପଳାଇଥିଲେ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେ। ସେଠାରୁ ସେ ସିଙ୍ଗାପୁର ଯିବା ପରେ ଇସ୍ତଫା ଦେଇଥିଲେ। ତାଙ୍କ ସହ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ ମଧ ଇସ୍ତଫା ଦେଇଥିଲେ।ତାଙ୍କ ପରେ ରାନିଲ ବିକ୍ରମସିଂଘେ ରାଷ୍ଟ୍ରପତି ପଦ ଗ୍ରହଣ କରିଥିଲେ। କିନ୍ତୁ ନିରନ୍ତର ବିରୋଧର ସମ୍ମୁଖୀନ ହୋଇଥିଲେ। ୨୦୨୪ରେ ନିର୍ବାଚ଼ନ ହେବା ପରେ ଅନୁରା କୁମାରା ଦିସାନାୟକେ ଏବଂ ନ୍ୟାସନାଲ ପିପୁଲ୍ସ ପାୱାର ଗଠବନ୍ଧନ କ୍ଷମତାକୁ ଆସିଥିଲା।

୫. ପାକିସ୍ତାନ ଲଗାତାର ରାଜନୈତିକ ଅସ୍ଥିରତା ଲାଗି ରହିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଅନାସ୍ଥା ଭୋଟ ମାଧ୍ୟମରେ ହଟାଯିବା ପରେ ପାକିସ୍ତାନରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଦେଶବ୍ୟାପୀ ପ୍ରତିବାଦ, ରାଲି, ପ୍ରାଦେଶିକ ବିଧାନସଭା ଭଙ୍ଗ ହେବା ସହ ନଭେମ୍ବର ୨୦୨୨ରେ ଖାନଙ୍କ ଉପରେ ବିଫଳ ହତ୍ୟା ଉଦ୍ୟମ କରାଯାଇଥିଲା।ତେହେରିକ-ଏ-ତାଲିବାନ୍ ପାକିସ୍ତାନ (ଟିଟିପି) ପରି ଗୋଷ୍ଠୀଗୁଡ଼ିକ ଉତ୍ତର-ପଶ୍ଚିମ ପାକିସ୍ତାନ ଏବଂ ବେଲୁଚ଼ିସ୍ତାନରେ ଆକ୍ରମଣକୁ ତୀବ୍ର କରିଛନ୍ତି। ପ୍ରାୟତଃ ଡ୍ରୋନ୍ ସାହାଯ୍ୟରେ ରାସ୍ତାପାର୍ଶ୍ୱରେ ବୋମା ବିସ୍ଫୋରଣ କରାଯାଉଛି।ପାକିସ୍ତାନର ଆର୍ଥିକ ସଙ୍କଟ, ଉଚ୍ଚ଼ ମୁଦ୍ରାସ୍ଫୀତି, ବେକାରୀ ସମସ୍ୟା, ଆଇଏମଏଫ ଉପରେ ନିର୍ଭରଶୀଳତା ଏବଂ ମାରାତ୍ମକ ବନ୍ୟା ଭଳି ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟ ଅଶାନ୍ତିକୁ ବଢାଇ ଦେଇଛି।

ଆଞ୍ଚଳିକ ମନ୍ଥନ
ଶୁକ୍ରବାର, ୧୨, ସେପ୍ଟେମ୍ବର, ୨୦୨୫ Friday,12 September 2025, Bhubaneswar




# ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ କେନ୍ଦ୍ରାପଡାର ଆନନ୍ଦିତା ପ୍ରଥମ

କେନ୍ଦ୍ରାପଡ଼ା,୧୧।୯:(ମନ୍ଥନ)ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶା ଲଳିତକଳା ଏକାଡେମୀ ଭୁବନେଶ୍ୱରଙ୍କ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା "ମୋ ସ୍ୱପ୍ନର ଓଡିଶା - ୨୦୩୭" ରେ କେନ୍ଦ୍ରାପଡାର ଝିଅ ଆନନ୍ଦିତା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ଉତ୍କଳ ରଙ୍ଗମଞ୍ଚ ଓଡିଶା ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା, ଓଡିଆ ଭାଷା



ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡା ସେଣ୍ଟ ଯୋଶେଫ ସ୍କୁଲର ପ୍ରଥମ ଶ୍ରେଣୀର ଛାତ୍ରୀ ପୌରାଞ୍ଚଳ ଅନ୍ତର୍ଗତ ନସଡିପୁର ଗ୍ରାମର ଆନନ୍ଦିତା ତ୍ରିପାଠୀଙ୍କୁ ମୋମେଣ୍ଟୋ, ଉତ୍ତରୀୟ ଓ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ସୁଶ୍ରୀ ତ୍ରିପାଠୀ ହେଉଛନ୍ତି ଡା. ସ୍ୱର୍ଗତ ରାଜକିଶୋର ତ୍ରିପାଠୀ ଓ ଡା. ସ୍ୱର୍ଣ୍ଣପ୍ରଭା ରଥଙ୍କ ନାତୁଣୀ ଏବଂ ମହେଶ୍ୱର ତ୍ରିପାଠୀ ଓ ଡା. ଶୁଭସ୍ମିତା ରଥଙ୍କର ସୁକନ୍ୟା ଅଟନ୍ତି।

# ଚାନ୍ଦା ମାଗି ମାଡ ମାରିବା ଘଟଣାକୁ ନେଇ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଢେଙ୍କାନାଳ,୧୧।୯:(ମନ୍ଥନ)ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ରଞ୍ଜନ ନାଏକ ଗାଡିକୁ ଅଟକାଇ ଚାନ୍ଦା ମାଗିବା ସହ ମାଡ ମାରିବାକୁ ନେଇ ତାଙ୍କ ପତ୍ନୀ ରଶ୍ମୀ ନାଏକ ଓ ସାହିର ଲୋକମାନେ ଆମ୍ବେଦକର ସେବା ସଂଗଠନର ସମ୍ପାଦକ ଚିତ୍ରସେନ ନାଏକଙ୍କ ସହିତ ସାକ୍ଷାତ କରି ତାଙ୍କର ଅଭିଯୋଗ ଜଣାଇବା ପରେ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ.ପି. ସୂର୍ଯ୍ୟମଣି ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ସୁରକ୍ଷା ଓ କ୍ଷତିପୂରଣ ପାଇଁ ଅନୁରୋଧ କରିଥିଲେ। ସୂଚନା ଅନଯାୟୀ ବଳରାମପୁରର ରବି ନାଏକଙ୍କ ପୁତ୍ର ରଞ୍ଜନ ନାଏକ ଗତ ୪ ତାରିଖ ରାତି ୧୧ଟା ବେଳେ ଟ୍ରକରେ ପାଣି ଟ୍ୟାପ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବଳରାମପୁର ଗ୍ରାମକୁ ଫେରୁଥିବା ବେଳେ ପରିଡ଼ା ସାହିର ହାସନ



ପରିଡ଼ା, ପିତା -ନଗେନ ପରିଡ଼ା ଓ ତା'ର ସହଯୋଗୀ କାଣ୍ଡବିନ୍ଧା ଗ୍ରାମର ଟିଟୁ ଓ ଆକାଶ ଟ୍ରକ୍ ଅଟକାଇ ଚାନ୍ଦା ମାଗିଲେ। ଚାନ୍ଦା ନ ଦେବାରୁ ମାଡ଼ ମାରିଥିଲେ। ଏହାପରେ ଟ୍ରକ୍ ନେଇ ମେଡିକାଲ ଆଡ଼କୁ ଗଲାବେଳେ ଅଭିଯୁକ୍ତମାନେ ପୁଣି ରଞ୍ଜନକୁ ଗାଡ଼ିରୁ ଘୋଷାଡି ନିସ୍ଥୁକ ମାଡ ଦେବା ସହିତ ୩୦ ହଜାର ଟଙ୍କା, ମୋବାଇଲ, ଲାଇସେନ୍ସ, ଗାଡ଼ି କାଗଜପତ୍ର, ମନି ପର୍ସ ଆଦି ଛଡ଼େଇ ନେଲେ। ବିରୋଧ କରିବାରୁ ସେମାନେ ମେଡିକାଲ ପଛପଟକୁ ଘୋଷାଡି ନେଇ ଅଶ୍ଲିଳ ଭାଷାରେ ଗାଳିଗୁଲଜ କରିବା ସହିତ ପ୍ରାଣକୁ ଆଜି ଜୀବନରେ ମାରିଦେବାକୁ କହି ଛାତିରେ ପଥର କଚାଡି ଦେବା ସହ ବେକରେ, ଛାତିରେ ଓ ପେଟରେ ଠିଆହୋଇ ନାଚିବାରୁ ସେ ଅଚେତ ହୋଇପଡ଼ିଲେ, ପାଟି ଓ ମୁଣ୍ଡରୁ ରକ୍ତ ବାହାରିବାରୁ ମରିଗଲା ବୋଲି ଛାଡିଦେଲେ। ଏ ଘଟଣାରେ ରଞ୍ଜନକୁ ଉଧାର କରିବା ପାଇଁ ସାଥୀ ଡ୍ରାଇଭର ଜଗନ୍ନାଥ ପ୍ରଧାନ ଓ ସୁପରଭାଇଜର ନିର୍ମଳ ୧୦୮ ଆମ୍ବୁଲାନ୍ସ ଡାକି ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନାକୁ ପଠାଇଲେ, ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଲେ। ସଦର ପୋଲିସ ଏତଲାର ରୁଜୁ କରି ବସିପଡିଥିବା ଯୋଗୁଁ ଅଭିଯୁକ୍ତମାନେ ପୀଡ଼ିତ ପରିବାରକୁ କେଶ୍ ଉଠାଇବାକୁ ଧମକ ଦେଉଛନ୍ତି। ଏଣୁ ସଦର ପୋଲିସ କୌଣସି ପଦକ୍ଷେପ ନ ନେବାରୁ ବାଧ ହୋଇ ଅତିରିକ୍ତ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ପୀଡିତଙ୍କୁ ପୁଣି ଥରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାପାଇଁ ଭର୍ତି କରାଯାଇଛି। ପୀଡ଼ିତ ରଞ୍ଜନ ଚାଲି ବୁଲି କରିପାରୁନାହାଁନ୍ତି କି କଥାବାର୍ତା କରିପାରୁନାହିଁ। ଅସହାୟ ଅନୁସୂଚିତ ଜାତି ପରିବାରକୁ ନ୍ୟାୟ ଦେବାପାଇଁ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।

# ଚଳିତବର୍ଷ କଳିଙ୍ଗ ବାଲିଯାତ୍ରା ମହୋତ୍ସବ କୁ ଅଧିକ ଆକର୍ଷଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

ପାରାଦୀପ, ୧୧।୯:(ମନ୍ଥନ)ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ସଭାପତି ଜେ.ସୋନାଲ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ଉତ୍ସବ କୁ ସରସ ସୁନ୍ଦର କରିହେବ ସମସ୍ତ ଙ୍କ ସହ ଯୋଗ କାମନା କରିଥିଲେ ଏବଂ ସ୍ଥାନୀୟ କଳାକାର ମାନଙ୍କୁ ପ୍ରଧନ୍ୟ ଦେବାକୁ କହିଥିଲେ ଏବଂ ସମସ୍ତଙ୍କ ସହଯୋଗ କାମନା କରୁଛନ୍ତି ।ଏ ପରିକି ମହୋତ୍ସବ କୁ ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ଆୟୋଜନ କରିବାକୁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧାକ୍ଷ ବସନ୍ତ




ବିଶ୍ୱାଳ ବାଲିଯାତ୍ରା ମହୋତ୍ସବ ଠାରୁ ରାତି ପାହିଲେ ପବିତ୍ର ବିଶ୍ୱକର୍ମା କୁ ଦୃଷ୍ଟିରେ ରଖି ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଙ୍କ ଦୃଷ୍ଟି ଆକର୍ଷଣ କରି ଗୁରୁତ୍ୱ ଦେଇଥିଲେ । ସେହିପରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଆଇନ ଶୃଙ୍ଖଳା କୁ ଦୃଷ୍ଟିରେ ରଖି ଦରକାର ହେଲେ ଆହୁରି ଅଧିକ ଫୋର୍ସ ବ୍ୟବସ୍ଥା କରିବେ ବୋଲି କହିଛନ୍ତି ପରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ମହାପାତ୍ର ଙ୍କ ସମେତ ପାରାଦୀପ ବନ୍ଦର, ଇଫକୋ, ପିପିଏଲ ଆଇଓସିଏଲ ସମସ୍ତ କମ୍ପାନୀ ଅଧିକାରୀ, ବାଲିଯାତ୍ରା କମିଟିର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୪ ତାରିଖରେ ଆଠଦିନ ବ୍ୟାପି ଏହି କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ପାଇଁ ଆଲୋଚନା କରିଥିଲେ । ଏହି ସଭାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପସଭାପତି ନିରଞ୍ଜନ ବେହେରା ମହୋତ୍ସବ ବିବରଣୀ ପାଠ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ତଥା କମିଟି ର ସମ୍ପାଦକ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ବହୁ ବୁଦ୍ଧିଜୀବୀ, କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ଅନୁଷ୍ଠାନର ପ୍ରତିନିଧି ମାନେ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ଉପାଦେୟ ଆଲୋଚନା ଓ ପ୍ରସ୍ତାବ ଦେଇଥିଲେ ।

# ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ

କୁକୁଡାଖଣ୍ଡି, ୧୧।୯:(ମନ୍ଥନ) କୁକୁଡଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁ ଉଚ୍ଚ ବିଦ୍ୟାଳୟର ସହଯୋଗ କ୍ରମେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଠାରୁ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି । ଏଥିରେ ବ୍ଲକର ୨୨ଟି ପଞ୍ଚାୟତର ସମସ୍ତ ଉଚ୍ଚ ବିଦ୍ୟାଳୟ ରୁ ୬୨୦ ଛାତ୍ରଛାତ୍ରୀ କବାଡି, ଖୋକ, ଯୋଗୋ, ହାଇଜମ୍ପ, ଲଙ୍ଗ ଜମ୍ପ, ଦୌଡ ଭଳି ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହିପ୍ରତିଯୋଗିତରେ ଭାଗ ନେଇଥିବା ବିଦ୍ୟାଳୟ ପକ୍ଷରୁ ୧୪୦ ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ । ଉଦଜାପନି ଦିବସରେ ରୋହିଗାଁ ସରପଞ୍ଚ ବୈଶିଷ୍ଟ୍ୟ କୁମାର ଜେନା, ସମିତି ସଭ୍ୟା ଲକ୍ଷ୍ମୀ ସ୍ୱାଇଁ, ଏବିଓ ସିମାକ୍ଷଞ୍ଚଳ କାର୍ଜି, ବିଆରସିସି ବସନ୍ତ ସେଠୀ, ରୋହିଗାଁ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ସାବତ, ହେମନ୍ତ ସେଠୀ, ସମସ୍ତ ସ୍କୁଲରୁ ଆସିଥିବା କ୍ରୀଡ଼ା ଶିକ୍ଷକ ଓ ବ୍ଲକ କର୍ମଚରି ସମେତ ଅଭିଭାବକ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗିତା ରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଦେଇ ଉତ୍ସାହିତ କରିଥିଲେ ।

# କଳା ମୁଗନି ପଥର ବେନିୟମ ଖନନକୁ ନେଇ ନିହଲପ୍ରସାଦ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ ପତ୍ର ଦାଖଲ

ଢେଙ୍କାନାଳ,୧୧।୯:(ମନ୍ଥନ)ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ ବ୍ଲକ ନିହଲପ୍ରସାଦ ପଂଚାୟତର ନିହଲପ୍ରସାଦ ଗ୍ରାମର ଅଧିବାସୀ ବାଘଲପୁରରେ ଥିବା ନିହଲପ୍ରସାଦ ରୋଡ୍ ମେଟାଲ-୧ କଳା ମୁଗୁନି ପଥର ଖଣି ଯାହାକି ସେହି ଗ୍ରାମର ଅଜିତ୍ ସାହୁ, ପିତା-ଗୋକୁଳାନନ୍ଦ ସାହୁ, ଚଂଚକତା କରି କିଛି ଅସାଧୁ କର୍ମଚାରୀମାନଙ୍କ ସହାୟତାରେ ନିଲାମ ମାଧ୍ୟମରେ ୫ ବର୍ଷ ପାଇଁ ପାଇଛନ୍ତି । ସେ ଏଠାରେ ବେଆଇନ୍ ଭାବରେ ବ୍ଲାଷ୍ଟିଙ୍ଗ୍ କରି ପଥର ଫୁଟାଉଛନ୍ତି ନିହଲପ୍ରସାଦ ଗ୍ରାମବାସୀବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଲିଖିତ ପତ୍ର ପ୍ରଦାନ କରିଛନ୍ତି। ନିହଲପ୍ରସାଦ ରୋଡ୍ ମେଟାଲ୍ କ୍ୱାରି-୧ରେ ବ୍ଲାଷ୍ଟିଂ ଅନୁମତି ନଥାଇ ମଧ୍ଯ ବଡ ବଡ ଗାତକରି କରୁଛନ୍ତି । ପ୍ରକାଶ ଥାଉକି ଜିଲ୍ଲାପାଳଙ୍କ ଆଦେଶ ପତ୍ର ସଂଖ୍ୟା- ୧୩୪୪/ତା ୦୫/୦୨/୨୦୨୧ ମତେ ବ୍ଲାଷ୍ଟିଂ ପରିମିସନ ପାଇଁ ପ୍ରାଧିକୃତ ଅଧିବାସୀଙ୍କ ଆଦେଶ ସଂଖ୍ୟା-୭ ଥିଲେ ମଧ୍ୟ ନିଲାମଧାରୀ ଏହାକୁ ବେଖାତିର୍ କରି ବ୍ଲାଷ୍ଟିଂ କରୁଛନ୍ତି । ଏବଂ ପ୍ରଶାସନକୁ ଚଂଚକତା କରି ଭୁଲ୍ ତଥ୍ୟ ଦେଉଛନ୍ତି ଯେ ସେ ପାଇଥିବା ଆଦେଶଟି ଚିଠି ସଂଖ୍ୟା-୧୧୦୧ ତା ୦୩/୦୮/୨୦୧୯ ତାରିଖରେ ଜିଲ୍ଲାପାଳ ଢେଙ୍କାନାଳଙ୍କଠାରୁ ମିଳିଥିଲା । କିନ୍ତୁ ଅନୁସନ୍ଧାନ କଲେ ଜଣା ପଡିବ କି ସେ ପାଇଥିବା ଖଣି ବର୍ଷ ୨୦୨୧-୨୨ ହୋଇ ମଧ୍ୟ ୨୦୧୯ ରେ କିପରି ଜିଲ୍ଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ହେବ । ଦ୍ୱିତୀୟରେ ଉକ୍ତ ଆଦେଶରେ ନିହଲପ୍ରସାଦ ରୋଡ୍ ମେଟାଲ୍-୧ ରେ ଏକ୍ସପ୍ଲୋଜର ବ୍ୟବହାର ପାଇଁ କୌଣସି ଆଦେଶ ନାହିଁ । ବରଂ ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ ଆଦେଶ ଥିଲା । ଏହା ସଂପୂର୍ଣ୍ଣ ଭୁଲ୍ ଏବଂ ବିଭ୍ରାନ୍ତକାରୀ ତଥ୍ୟ ଅଟେ । ପୁନଶ୍ଚ ଆମେ ଜଣାଇଦେବାକୁ ଚାହୁଁଅଛୁ କି ଆର୍‌ଟିଆଇ ରୁ ମିଳିଥିବା ତଥ୍ୟ ମୁତାବକ ଯାହାକି ମାଇନିଂ ଅଧିକାରୀ,ତାଳଚେରଙ୍କ ଠାରୁ ମିଳିଥିବା ଚିଠି ସଂଖ୍ୟା ୧୨୦୪/ ତା ୦୭/୦୫/୨୦୨୫ ରେ କେବଳ ୧ ଜଣଙ୍କୁ ଛାଡିଦେଲେ କୌଣସି ଲିଜଧାରୀଙ୍କୁ ଜିଲ୍ଲାପାଳ,ଢେଙ୍କାନାଳ ବ୍ଲାଷ୍ଟିଂ ଅନୁମତି ଦେଇନାହାନ୍ତି । ବ୍ଲାଷ୍ଟିଙ୍ଗ୍ କରୁଥିବା ସ୍ଥାନଠାରୁ ଜନବସତି ମାତ୍ର ୨୦୦ ମିଟର ଯାହାଫଳରେ ବଡ ବଡ ପଥର ଏବଂ ବ୍ଲାଷ୍ଟିଙ୍ଗ୍ ଶବ୍ଦରେ ଘର ଭାଙ୍ଗିଯାଉଛି । ଦିଆଯାଇଥିବା ନିୟମ ୯.୧୫ ଓ ୯.୧୬ କୁ ବେଖାତିର୍ କରି ବ୍ଲାଷ୍ଟିଙ୍ଗ୍ କରା ଯାଉଅଛି । ଯାହାଫଳରେ ଗ୍ରାମବାସୀଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହୋଇଅଛି । ଆଗରୁ ଏହି ବିଷୟରେ ତହସିଲଦାର ଗଁନ୍ଦିଆ ଚିଠି କରିଥିଲେ ମଧ୍ୟ ତାହାର କୌଣସି ସଠିକ୍ ଉତର ଲିଜଧାରୀ ଦେଇନଥିଲେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ଲଘୁ ଖଣିଜ ନିଲାମ ପାଇଁ ୫ ବର୍ଷ ଦୀର୍ଘମିଆଦୀ ଲିଜ୍ ହୋଇଥିଲେ ମଧ୍ୟ ଲିଜଧାରୀ ଚଂଚକତା କରି ସିଟିଓର ଅବଧିକୁ ୨୦୨୭କୁ ବଢାଇଛନ୍ତି । ସରକାରଙ୍କ ଦ୍ୱାରା ନିର୍ଣ୍ଣୟ ହୋଇଥିବା ଟଙ୍କା ପରିବର୍ତେ ଚଂଚକତା କରି କମ୍ ଟଙ୍କାରେ ରେଜିଷ୍ଟ୍ରେସନ କରିଛନ୍ତି । ଯାହାଫଳରେ ସରକାରଙ୍କର ଲକ୍ଷ ଲକ୍ଷ ରାଜସ୍ୱ ହାନୀ ହୋଇଅଛି । ଅନୁଯାୟୀ ଲିଜ୍ ଧାରୀ ଲିଜ୍ ପାଇବାର ୩ ସପ୍ତାହ ମଧ୍ୟରେ ରେଜିଷ୍ଟର ଡିଡ୍ କରାଇବେ ଯଦି ପୂର୍ବରୁ ମାଇନିଂ ପ୍ଲାନ୍ ଇସି ପାଇଥିବେ । ଲିଜ୍ ଧାରୀ ଅଜିତ୍ ସାହୁ, ବେଆଇନ୍ ଭାବରେ ମୌଜା-ନିହଲପ୍ରସାଦରେ ଲିଜ୍ ପାଇଥିବା ପ୍ଲଟ୍ ବ୍ୟତିତ ଅନ୍ୟ ରକ୍ଷିତ ଖାତାର ପ୍ଲଟ୍ ଯଥା- ପ୍ଲଟ୍ ନଂ- ୨୧୦୪, ପ୍ଲଟ୍ ୨୧୨୯, ପ୍ଲଟ୍- ୨୧୩୦, ପ୍ଲଟ୍ ନଂ-୨୧୦୬ ଓ ଆବାଦ ଯୋଗ୍ୟ ଅନାବାଦୀ ଖାତାର ପ୍ଲଟ୍ ନଂ- ୨୧୦୦, ୨୦୯୪, ୧୯୨୦, ୧୯୨୧, ୧୯୩୩,୧୯୩୪, ୧୯୨୩, ୧୯୨୪, ୨୦୯୦ ରୁ ବେଆଇନ୍ ଭାବରେ ଖଣି ଖାଦାନ କରୁଅଛନ୍ତି ବୋଲି ଦର୍ଶାଇଛନ୍ତି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ବେଆଇନ୍ ଖଣି ଖନନକୁ ରୋକିବା ସହିତ ସରକାରଙ୍କ ରାଜସ୍ୱ ହାନୀକୁ ଜଗିବା ବନ୍ଦ କରି ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ନିହଲପ୍ରସାଦ ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ।

# ଜୁଆଖେଳ ପ୍ରତିରୋଧ ନିମିତ ଇଣ୍ଡିଆନ୍ ପୋଟାସ ଲିମିଟେଡ୍‌ର ଶପଥପାଠ

ଢେଙ୍କାନାଳ,୧୧।୯:(ମନ୍ଥନ)ନୂଆଦିଲ୍ଲୀ ଇଣ୍ଡିଆନ୍ ପୋଟାସ୍ ଲିଃ ନିର୍ଦ୍ଦେଶକ ଡ. ପି.ଏସ୍. ଗେହେଲଟ୍‌ଙ୍କ ଆହ୍ୱାନ କ୍ରମେ ଜୁଆଖେଳ ପ୍ରତିରୋଧ ନିମନ୍ତେ ଏକ କାର୍ଯ୍ୟକ୍ରମ ଗତ ୧୦ ତାରିଖ ଦିବା ୧୨ଟା ସମୟରେ କମ୍ପାନୀ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।



ଜୁଆଖେଳ ଏକ ଅସାମାଜିକ ଖେଳ, ଯାହାକି ସମାଜର ଲକ୍ଷ ଲକ୍ଷ ପରିବାରକୁ ପ୍ରଭାବିତ କରିବା ସହିତ ସେମାନଙ୍କର ଜୀବନ ଧାରଣ କରିବାର ମାନ ନଷ୍ଟ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଇଣ୍ଡିଆନ୍ ପୋଟାସ୍ ଲିଃ, ହରିପୁର ଢେଙ୍କାନାଳ ୟୁନିଟ୍‌ର ସମସ୍ତ କର୍ମଚାରୀ କାରଖାନା ପରିସରରେ ଏକତ୍ରିତ ହୋଇଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଏଭଳି ଏକ ଘୃଣ୍ୟ, ଅଗଣତାନ୍ତ୍ରିକ ଓ ଅସାମାଜିକ ଖେଳକୁ ବିରୋଧ କରିବା ଓ ପ୍ରୋତ୍ସାହନ ନଦେବା। ଏହି ପରିପ୍ରେକ୍ଷୀରେ କମ୍ପାନୀର ୟୁନିଟ୍ ମୁଖ୍ୟ ବିକାଶ କୁମାର ଚୌଧାରୀଙ୍କ ନେତୃତ୍ୱରେ ସମସ୍ତ ଅଫିସର୍ ଏବଂ କର୍ମଚାରୀମାନଙ୍କୁ ଜୁଆଖେଳ ପ୍ରତିରୋଧ ନିମିତ ଶପଥପାଠ କରିଥିଲେ।

# ବୃକ୍ଷରୋପଣ ଓ ଗ୍ରାମ ରାସ୍ତା ସଫେଇ କଲେ ଗୋପାଳ ନଗର ଯୁବକ ସଂଘ

ନିଆଳି,୧୧।୯:(ମନ୍ଥନ)ଦୀର୍ଘ ବର୍ଷ ଧରି ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ଅବସ୍ଥା ଯୋଗୁଁ ଲୋକେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗୋବର,ମୃତ ଓ କାଦୁଅ ପଚ ପଚ ଯୋଗୁଁ କଟକ ଜିଲ୍ଲା ନିଆଳି ବ୍ଲକ୍ ନିଆଳି ପଞ୍ଚାୟତ ଗୋପାଳ ନଗର ତଥା ଗାୟାସହି ଗ୍ରାମ୍ୟ ରାସ୍ତା ଦୃର୍ଗନ୍ଧରେ ନାକ ଫାଟି ପଡୁଥିଲା । ଆଜି ଗୋପାଳ ନଗର ଗାୟାସହି ଯୁବକ ସଂଘ



ପକ୍ଷରୁ ରାସ୍ତା ସଫେଇ କରାଯିବା ସହିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ନିଆଳି ବ୍ଲକ୍ ନିଆଳି ପଞ୍ଚାୟତ ଗୋପାଳ ନଗର ତଥା ଗାୟାସାହି ଗ୍ରାମରେ ଦୀର୍ଘ ବର୍ଷ ଧରି ଗ୍ରାମର ରାସ୍ତା ଉପରେ ଗୋବର,ମୃତ ଓ କାଦୁଅ ଯୋଗୁଁ ଗାୟାସାହିର ଲୋକେ ଯାତାୟାତର ଅସୁବିଧାର ସମ୍ମୁଖୀନ ହେବା ସହିତ ରାସ୍ତାରେ ଜମି ରହୁଥିବା ଅପରିଷ୍କାର ପାଣି ଯୋଗୁଁ ଦୁର୍ଗନ୍ଧ ହେବା ସହିତ ମଶାଙ୍କ ପ୍ରାଦୁର୍ଭାବ ହେଇଥିଲା । ଗୋପାଳ ନଗର ତଥା ଗାୟାସାହି ଯୁବକ ସଂଘ ପକ୍ଷରୁ ଆଜି ରାସ୍ତା ସଫେଇ କରାଯାଇଛି । ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘର ସଭାପତି ଶ୍ରୀଧର ଦାଶ, ସମ୍ପାଦକ ରମାକାନ୍ତ ଦାଶ, ଦେବପ୍ରିୟା ରାଉତ,ଶୀମନ୍ତ କୁମାର ଦାଶ,ସଚ୍ଚି ବେହେରା, ନିରଞ୍ଜନ ଦାସ, ଆଶିଷ ଚନ୍ଦ୍ର ଦାସ,ନିରଞ୍ଜନ ବେହେରା, ବିଭୂତି ଭୂଷଣ ମଲ୍ଲିକ,ବିକ୍ରମ ବେହେରା ଓ ସତିଷ ନାୟକ ପ୍ରମୁଖ ରାସ୍ତା ସଫେଇ ସହିତ ବୃକ୍ଷ ରୋପଣ କରିଥିଲେ ।

# ନିଖିଳ ଉତ୍କଳ ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ଢେଙ୍କାନାଳ ଜିଲ୍ଲା କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ,୧୧।୯:(ମନ୍ଥନ)ନିଖିଳ ଉତ୍କଳ ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ଜିଲ୍ଲା କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଜିଲ୍ଲା ଲେଖକ ସଂସଦ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା କମିଟି ସଭାପତି କ୍ଷୀରୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର ସାଧାରଣ ସଂପାଦକ ମାୟାଧର ମଲ୍ଲିକ, ସଂଗଠନ ସମ୍ପାଦକ କସ୍ତୁରି ଚରଣ ସୁବୁଦ୍ଧି, ସଂଯୋଜକ ରାଜ କିଶୋର ସ୍ୱାଇଁ ଓ କୋଷାଧକ୍ଷ ଲକ୍ଷ୍ମଣ ନନ୍ଦ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ଇପିଏଫ୍ ସର୍ବନିମ୍ନ ମାସିକ ପେନ୍‌ସନ୍ ଟ.୧୦୦୦/- ରୁ ଟ.୯୦୦୦/- ସହ ମହଙ୍ଗା ଭତା ପ୍ରଦାନ ଓ ତା.୦୧.୦୯.୨୦୧୪ ପରର କର୍ମଚାରୀଙ୍କ ଉଚ୍ଚତମ ହାରରେ ପେନ୍‌ସନ୍ ପାଇବା ପାଇଁ ଆଲୋଚନା କରାଯାଇଥିଲା



। ଜିଲ୍ଲା କମିଟିରେ କ୍ଷିରୋଦ କୁମାର ବେହେରା ସଭାପତି ଓ ସଦାନନ୍ଦ ସାହୁଙ୍କୁ ସଂପାଦକ ଭାବେ ନିର୍ବାଚିତ କରାଯାଇଥିଲା । ସଂଘର ସଂଗଠକ ସଂପାଦକ ଭାବେ ଉତ୍କଳ ଆଜବେଷ୍ଟର କର୍ମଚାରୀ ଅମରେନ୍ଦ୍ର ସିଂଙ୍କୁ ଚୟନ କରାଯାଇଥିଲା ଓ ସେ ତାଙ୍କ ବକ୍ତବ୍ୟରେ ଉଚ୍ଚତମ ପେନ୍‌ସନ୍ ପାଇବା ପାଇଁ ଇପିଏଫ୍ କେନ୍ଦ୍ରୀୟ କମିଶନରଙ୍କ ପାଖରେ ଦାବୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସଂଘର ଉପଦେଷ୍ଟା ସୁଶିଲ୍ କୁମାର ରାଉତ ସର୍ବନିମ୍ନ ପେନ୍‌ସନ୍ ଓ ଉଚ୍ଚତମ ପେନ୍‌ସନ୍ ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ରାଜ୍ୟ କମିଟି ସଭାପତି ସଂଜୟ କୁମାର ରଥ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ତାଙ୍କର ଉଦ୍‌ବୋଧନ ପ୍ରଦାନ କରି ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନୁଗୁଳ ଜିଲ୍ଲା କମିଟି ସଭାପତି ଦୁଃଖବନ୍ଧୁ ପଟ୍ଟନାୟକ ଯୋଗଦେଇ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଢେଙ୍କାନାଳ ଜିଲ୍ଲା କମିଟି ସଭାପତି କ୍ଷିରୋଦ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ ଜାରି

ବୁଗୁଡ଼ା,୧୧।୯:(ମନ୍ଥନ)ସ୍ଥାନୀୟ ପିପୁଲ୍ସ କଲେଜର ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ୨୦୦୮ ପରବର୍ତ୍ତୀ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ ଦାବି କରି ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଧାରଣା ଜାରି ରହିଥିବା ବେଳେଏହା ଆଜି ୨୫ ଦିନରେପହଞ୍ଚିଛି । ସାରା ରାଜ୍ୟରେ ଏହି ଆନ୍ଦୋଳନ ଜାରି ରହିଥିବା ପରିପ୍ରେକ୍ଷୀରେ ବୁଗୁଡା ପିପୁଲ୍ସ କଲେଜର ଅଧ୍ୟାପକ ଓ କର୍ମଚାରୀବୃନ୍ଦ ସାମୂହିକ ଭାବେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ କଲେଜ ସମ୍ମୁଖରେ ଗତ ଅଗଷ୍ଟ ୧୮ ତାରିଖରୁ ସମସ୍ତେ ଧାରଣା ବସିଛନ୍ତି । ଫଳରେ କଲେଜରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱକାଳ ସ୍ୱଳ୍ପ ଦରମାରେ ଚଳିବା କଷ୍ଟକର ହୋଇ ପଡିଥିବାରୁ ସଂଘ ତରଫରୁ ଏଭଳି ଚରମ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି । ଯେଉଁ ଦିନ ପର୍ଯ୍ୟନ୍ତ ଅନୁଦାନ ନୀତି ସମ୍ବନ୍ଧୀୟ କୌଣସି ପଦକ୍ଷେପ ନିଆଯାଇନାହିଁ ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି । ତେବେ କଲେଜର ୧୯ ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏହି ଧାରଣାରେ ବସିଥିବା ଜଣାଯାଇଛି ।

# ସନ୍ଥ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ ପାଳିତ

ଭୁବନେଶ୍ୱର,୧୧।୯:(ମନ୍ଥନ)ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା, ମହାନ ସନ୍ଥ ଭାରତରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ ଗୁରୁବାର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟିର ସଭାପତି ଜୟନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଭୂମି ଅଧିକାର ଓ ଭୂଦାନ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ କହିଲେ ଯେ, ୨୦୨୯ ବେଳକୁ ଓଡ଼ିଶାରେ କେହି ଭୂମିହୀନ ବୋଲି କହିବାକୁ ରହିବେ ନାହିଁ ଏହା ଆମ ସରକାରର ଆହ୍ୱାନ। ଆଜି ପର୍ଯ୍ୟନ୍ତ ସରକାରୀ ଯୋଜନାରେ ଯେତେ ଜମି ଭୂମିହୀନଙ୍କୁ ପଟ୍ଟା ଦିଆଯାଇଛି ସେମାନଙ୍କୁ ଚିହ୍ନଟ କରି ଜମି ଯୋଗାଇ ଦିଆଯିବ। ୭୫୦୦ କିସମକୁ ୨୨ଟି କିସମରେ ୩୫୦୦ ସତ୍ତ୍ୱ ଥିବା ପଟ୍ଟାକୁ ୪ଟି ସତ୍ତ୍ୱରେ ସାମିଲ୍ କଲୁ। ଏହା ସରକାରର ବଡ଼ ଉପଲବ୍ଧି ଅନୁସୂଚିତ ଜାତି ଓ ଜନଜାତି ଲୋକ ଅସୁବିଧାରେ ପଡ଼ି ଜମି ବିକିଲେ ତାକୁ ସରକାର କିଣି ସେହି ଜମି ଏକ ଲ୍ୟାଣ୍ଡ ବ୍ୟାଙ୍କରେ ରଖି ତାକୁ ଭୂମିହୀନଙ୍କୁ ଦିଆଯିବ ଏବଂ ଯଦି କାହାକୁ ଜମି ଦିଆଯାଇ ନଥିବ ପୁଣି ସେ ଜମି ସରକାର ଦରରେ କିଣିପାରିବେ। ଭୂଦାନ ଆନ୍ଦୋଳନରେ ଜମି ପାଇଥିବା ଜମିକୁ ଯଦି କିଏ ହଡ଼ପ କରିଥିବ କିମ୍ବା ମାଡ଼ି ବସିଥିବ ତେବେ ତାକୁ ପୁନଃ ଉଦ୍ଧାର କରି ଦିଆଯିବ। ଜମି ଦାନ ପାଇଁ ଭୂଦାନ ଆନ୍ଦୋଳନରେ ରାଜଦ୍ୱ ଅଂଶୀଦାର ହେବ ବୋଲି ଦୃଢୋକ୍ତି କରିଥିଲେ। ମାନ୍ୟବର ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ କହିଲେ ଯେ, ସମାଜ ଓ ଦେଶର ପ୍ରକୃତ ବିକାଶ କେବଳ ଭୌତିକ ବିକାଶ ନୁହେଁ, ବୌଦ୍ଧିକ ବିକାଶ ହେଲେ ହିଁ ହୋଇପାରିବ। ବିନୋବା ଭୂଦାନ ଆନ୍ଦୋଳରେ ତ୍ୟାଗ ମାଧ୍ୟମରେ ଭୂମି ଆଣି ଭୂମିହୀନଙ୍କୁ ଦେବା ପାଇଁ ସାମାଜିକ ବୌଦ୍ଧିକ ବିକାଶ ପାଇଁ ଚେଷ୍ଟା କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତଚରଣ ଦାସ କହିଲେ ଯେ, ଯଦି ଦୀର୍ଘବର୍ଷ ପୁରୁଷାନୁକ୍ରମିକ ଧରି ଜମିରେ ଘର କରି ଓ ଚାଷ କରି ଆଜି ମଧ୍ୟ ସେମାନଙ୍କ ମାଲିକାନା ନାହିଁ। ଆଦିବାସୀମାନେ ଜଙ୍ଗଲ ଜମିର ଅଧିକାର ପାଇଁ ଆଉ କେତେଦିନ ସଂଘର୍ଷ କରିବେ। ଭୂମି, ଜମି ପାଇଁ ନ୍ୟାୟ ଆଜିର ଦିନରେ ସବୁଠୁ ବଡ଼ ଆହ୍ୱାନ। ଶିଳ୍ପପତିଙ୍କ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ କିନ୍ତୁ ଭୂମିହୀନ ଲୋକଙ୍କ ପାଇଁ କେବେ ଜମି ଦିଆଯିବ ବୋଲି ପ୍ରଶ୍ନ କରିଥିଲେ। ଆମ ଓଡ଼ିଶାର ଅଧ୍ୟକ୍ଷ ଓ ସମ୍ବାଦ ପରିବାରର ମୁଖ୍ୟ ଶ୍ରୀଯୁକ୍ତ ସୌମ୍ୟରନ ପଟ୍ଟନାୟକ କହିଲେ ଯେ, ସମୟାନୁବର୍ତ୍ତିତାରେ ମୂର୍ତ୍ତିମନ୍ତ ପ୍ରତୀମ ଥିଲେ ବିନୋବା ଭାବେ। ତେଣୁ ସମୟ ଜ୍ଞାନ ଠିକ୍ ରହିଲେ ଆମେ ଆଗକୁ ଯିବା, ନଚେତ ପରିଣାମ ଓଲଟା ହେବ। ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଦୀପକ ମାଲବ୍ୟ କହିଲେ ଯେ, ବିଜ୍ଞାନକୁ ଅଜ୍ଞାନ ଲୋକଙ୍କୁ ବ୍ୟବହାର କରିବାକୁ ଦେଲେ ପରମାଣୁ ଯୁଦ୍ଧ ହେଉଛି। ସେହିପରି ଭୂଦାନ ଆନ୍ଦୋଳନରେ ଦିଆଯାଇଥିବା ଜମି ବଡ଼ ବଡିଆ ଲୋକଙ୍କୁ ଦେଲେ ଫଳ ସେହିପରି ଓଲଟା ହେବ। ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ଅଧ୍ୟକ୍ଷା ଶ୍ରୀମତୀ ଦମୟନ୍ତୀ ଦେବୀ କହିଲେ ଯେ, ବିନୋବାଜୀଙ୍କ ଆଦର୍ଶ ଅନୁପାଳନ ଆଗାମୀ ଦିନରେ ଏକ ସନ୍ତୁଳିତ ବ୍ୟବସ୍ଥିତ ଓ ଶାନ୍ତ ସମୃଦ୍ଧ ସମାଜ ଗଠନ ପାଇଁ ନିତ୍ୟାନ୍ତ ଆବଶ୍ୟକ। ବିନୋବା ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ଭାରତ ନିର୍ବାଚନ ଆୟୋଗର ପ୍ରାକ୍ତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ କହିଲେ ଯେ, ସମସ୍ତ ରାଜନୈତିକ ଓ ସାମାଜିକ ବ୍ୟକ୍ତି ନିଜ କାର୍ଯ୍ୟକୁ ଆତ୍ମସମୀକ୍ଷା କରିବା ଉଚିତ ଯେ ସେମାନେ ସମାଜ ପାଇଁ କେତେ ଓ ନିଜ ସ୍ୱାର୍ଥ ପାଇଁ କେତେ କାମ କରିଛନ୍ତି। ଯେହେତୁ ସେମାନେ ସମାଜ ପାଇଁ ଆଦର୍ଶ ତେଣୁ ସେମାନେ ପ୍ରଥମେ ସମାଜକୁ ଦିଅନ୍ତୁ, ପେର ନିଜକ ପାଇ ରଖନ୍ତୁ।

# କନ୍ଧୁଣି ଦେବି ମହୋତ୍ସବରେ ଯୋଗଦେଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ

ବ୍ରହ୍ମପୁର,୧୧।୯:(ମନ୍ଥନ)ଗଞ୍ଜାମ ଜିଲ୍ଲା ସୋରଡ଼ା ଠାରେ ବର୍ତ୍ତମାନ ଚାଲିଛି ମା କନ୍ଧୁଣି ଦେବିଙ୍କର କଣ୍ଟାପିଡ଼ା ଯାତ୍ରାୟବୁଧବାର ଦିନ କନ୍ଧୁଣି ଦେବି ମହୋତ୍ସବ ଆରମ୍ଭ ହୋଇଯାଇଛି ଯାହାକି ଦୀର୍ଘ ଚାରିଦିନ ଧରି ଚାଲିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ୍ ଓ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଙ୍କ ସହ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ , ସୋରଡା ବିଧାୟକ ନୀଳମଣି ବିଷୋୟୀ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିପସା ପାରୁଲ , ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ,ଏନ ଏ ସି ଅଧ୍ୟକ୍ଷ ଶି ଶଙ୍କର ପଣ୍ଡା ଓ ସମସ୍ତ କାଉନସିଲର ଯୋଗ ଦେଇଥିଲେ ।

ସୃଜନ

ଶୁକ୍ରବାର ·୧୨ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

FRIDAY 12 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

### ସମଦୂରତା ଶୋଭା ପାଉନି

ରାଜ୍ୟର ମୁଖ୍ୟ ବିରୋଧି ଦଳ ବିଜେଡି( ବିଜୁ ଜନତା ଦଳ) ଉପ-ରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବା ନୂଆ ନୁହେଁ, କିମ୍ବା ବିସ୍ମିତ ହେବାର ନାହିଁ। ଅତୀତରେ ରାଜ୍ୟରେ ବିଜେଡିର ଲମ୍ବା ଶାସନ କାଳରେ ସମଦୂରତାର ଦ୍ୱାହି ଦେଇ ବହୁବାର ଜାତୀୟ ସ୍ତର ମତଦାନରୁ ବିରତ ରହିଥିଲା। ଥରେ ମାତ୍ର ଉପ-ରାଷ୍ଟ୍ରପତ ନିର୍ବାଚନରେ ବିରୋଧି ମେଂଟର ପ୍ରାର୍ଥୀ ଗୋପାଳ କୃଷ୍ଣ ଗାନ୍ଧୀଙ୍କ ସପକ୍ଷରେ ମତ ଦେଇଥିଲା। ସେହିପରି କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଯେତେବେଳେ ପାର୍ଲିଆମେଂଟରେ ସଂକଟର ସମ୍ମୁଖୀନ ହେଉଥିଲା, ସେତେବେଳେ ବିଜେଡି ଶାସକ ମେଂଟ ସପକ୍ଷରେ ଭୋଟ ଦେଇ ବହୁ ବିବାଦୀୟ ବିଲ୍‌କୁ ଗୃହୀତ କରାଇବାରେ ସହଯୋଗ କରିଥିବା ବହୁ ନଜୀର ରହିଛି। ନିକଟରେ ବହୁଚର୍ଚ୍ଚିତ ୱାକଫ ବିଲକୁ ପ୍ରଥମରୁ ଦୃଢ ବିରୋଧ କରି ତୁମ୍ବୀ ତୋଫାନ କରିଥିବାବେଳେ ରାଜ୍ୟସଭାରେ ଭୋଟ ସମୟରେ ଦଳର ଭୋଟ ଦୁଇଭାଗ ହୋଇଯାଇଥିଲା। ଗଲା ସାଧାରଣ ନିର୍ବାଚନରେ ବିଜେଡି ଏପରି ଶୋଚନୀୟ ପରାଜୟର, ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିଲା ଯେ, ଲୋକସଭାରେ ଖାତା ଖୋଲିପାରିନଥିଲା। କହି ରଖୁଛୁ ଯେ, ଗଲା ଦୁଇ ଦଶନ୍ଧି ଧରି ପାର୍ଲିଆମେଂଟ (ଉଭୟ ଲୋକସଭା ଓ ରାଜ୍ୟସଭା)ରେ ସଂଖ୍ୟାର ଖେଳ ଦୃଷ୍ଟିରୁ ବିଜେଡିର ଦବ୍‌ଦବା କିଛି କମ୍ ନଥିଲା। ସେହିପରି ଜାତୀୟ ରାଜନୀତି କ୍ଷେତ୍ରରେ ନବୀନଙ୍କ ଗୁରୁତ୍ୱ ତାଙ୍କ ସ୍ୱର୍ଗୀୟ ପିତା ବିଜୁ ବାବୁଙ୍କ ସମତୁଲ୍ୟ ଥିଲା ବୋଲି କହିଲେ ଅତିରଂଜିତ ହେବ ନାହିଁ। ଏବେ ରାଜ୍ୟସଭାର ୯ଜଣ ସାଂସଦଙ୍କ ମଧ୍ୟରୁ ଗତ ବର୍ଷ ଦୁଇଜଣ ବିଜେଡି ଛାଡି ବିଜେପିରେ ଯୋଗଦେବା ଯୋଗୁଁ ସାଂସଦଙ୍କ ସଂଖ୍ୟା ୭କୁ ଖସି ଆସିଛି। ଯାହାର ଉପ-ରାଷ୍ଟ୍ରପତି ନିର୍ବାଚନରେ ଶାସକ ମେଂଟ ଏନଡିଏ ପାଇଁ କୌଣସି ଗୁରୁତ୍ୱ ନଥିଲା ବୋଲି କୁହାଯାଇପାରେ। ଅବଶ୍ୟ ଉଭୟ ଏନଡିଏ ଓ ବିରୋଧ ଇଣ୍ଡିଆ ମେଂଟ ନବୀନଙ୍କ ସହଯୋଗ ଲୋଡ଼ିଥିଲେ। କିନ୍ତୁ ବିଜେଡି ସୁପ୍ରିମୋ ତଥା ପୋଖତ ରାଜନୀତିଜ୍ଞ କୁହାଯାଉଥିବା ନବୀନ ବାବୁ କାହିଁକି ସମଦୂରତ୍ୱର ଦ୍ୱାହି ଦେଇ ଦଳକୁ ଭୋଟ ଦାନରୁ ବିରତ ରଖିଲେ, ସାଂସଦମାନଙ୍କୁ ସେମାନଙ୍କର ସଂସଦୀୟ ଅଧିକାରରୁ ବଂଚିତ କଲେ ଏହାର ରହସ୍ୟ ବୁଝାପଡୁନାହିଁ। ଉଲ୍ଲେଖଯୋଗ୍ୟ ଯେ, ପ୍ରବାଦ ପୁରୁଷ ବିଜୁବାବୁଙ୍କ ପରଲୋକ ପରେ ଓଡିଶାରେ ନବୀନଙ୍କ ନେତୃତ୍ୱରେ ବିଜେଡି ଜନ୍ମ ନେଇଥିବା ବେଳେ ବିଜେପି ମହାମେଂଟ କରି ନିର୍ବାଚନ ଲଢ଼ିଥିଲେ। ଅଥଚ ବିଜୁ ବାବୁ ବିଜେପିକୁ ଏକ 'ସାଇନ ବୋର୍ଡ' ଓ ସାଂପ୍ରଦାୟିକ ଦଳ ବୋଲି ତାଚ୍ଛଲ୍ୟ କରିବାକୁ କୁଣ୍ଠାବୋଧ କରିନଥିଲେ। ବିଜେଡି -ବିଜେପି ମେଂଟ ନିର୍ବାଚନରେ ଅପୂର୍ବ ସଫଳତା ପାଇଥିଲା। ନବୀନ ବାବୁ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୨୦୦୦ ଓଡିଶା ବିଧାନସଭା ନିର୍ବାଚନରେ ମେଂଟ ବିଜୟୀ ହେବା ପରେ ନବୀନବାବୁ ମୁଖ୍ୟମନ୍ତ୍ରୀ ହୋଇଥିଲେ। କ୍ରମାଗତ ଦୁଇଥର ମେଂଟ ସରକାରର ନେତୃତ୍ୱ ନେଇଥିବାବେଳେ ୨୦୦୯ ନିର୍ବାଚନ ପୂର୍ବରୁ ମେଂଟ ଭାଙ୍ଗି ଯାଇଥିଲା। ଉଭୟ ବିଜେପି, କଂଗ୍ରେସଠାରୁ ସମଦୂରତ୍ୱର ଦ୍ୱାହି ଦେଇ ବିଜେଡି ନବୀନଙ୍କ ନେତୃତ୍ୱରେ କ୍ରମାଗତ ପାଂଚଥର ବିଜୟୀ ହୋଇ ଦୀର୍ଘ ୨୪ବର୍ଷ ଧରି ରାଜ୍ୟର ଶାସନ ଡୋରି ସମ୍ଭାଳିଥିଲେ। ଗଲା ୨୦୨୪ ସାଧାରଣ ଓ ବିଧାନସଭା ନିର୍ବାଚନରେ ବିଜେଡି ବିପର୍ଯ୍ୟାୟର ସମ୍ମୁଖୀନ ହୋଇ କ୍ଷମତା ହରାଇଥିବାବେଳେ ବିଜେପି ରାଜ୍ୟରେ କ୍ଷମତାସୀନ ହୋଇଥିଲା। ଏହା ନିସନ୍ଦେହ ଯେ, ରାଜ୍ୟରେ ନବୀନଙ୍କ ଲୋକପ୍ରିୟତା ଅତୁଟ ରହିଥିବାବେଳେ ବିଜେଡିର ପରାଜୟ କେହି ସହଜରେ ଗ୍ରହଣ କରିପାରିନଥିଲେ। ବିଜେଡିର ପରାଜୟ ଏବେ ବି ବିସ୍ମୟ ହୋଇ ରହିନାହିଁ, ରହସ୍ୟବୃତ ହୋଇରହିଛି। ପରାଜୟର କାରଣ ନେଇ ନିର୍ବାଚନକୁ ଏକ ବର୍ଷ ପୁରି ଯାଇଥିବାବେଳେ ଦଳ ଆତ୍ମସମୀକ୍ଷା କରିନାହିଁ କି କାରଣ ବି ଖୋଜି ନାହିଁ। ଯାହାକି ଦଳରେ ଅସନ୍ତୋଷର କାରଣ ହୋଇଛି। ରାଜ୍ୟରେ କ୍ରମାଗତ ଷଷ୍ଠ ଥର ପାଇଁ ନବୀନଙ୍କ ନେତୃତ୍ୱରେ ବିଜେଡି ସରକାର ଗଢିବା ନେଇ ଜନମାନସରେ ଏକ ଧାରଣା ବଳବତର ରହିଥିବା ସମୟରେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ପୁଣି ଥରେ ବିଜେଡି-ବିଜେପି ମେଂଟ ନେଇ ଚର୍ଚ୍ଚା ଯୋର ଧରିଥିଲା। ମେଂଟ ଓ ଆସନ ବୁଝାମଣା ନେଇ ଦିଲ୍ଲୀରେ ବାରମ୍ବାର ଆଲୋଚନା ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଶେଷରେ ମେଂଟ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ପୂର୍ବପରି ଉଭୟଦଳ ପରସ୍ପର ବିରୁଦ୍ଧରେ ଲଢ଼ିଥିଲେ। ବିଜେପିର ପ୍ରଚାର ନେତୃତ୍ୱ ଜଣେ ଅଣଓଡିଆ, ଅଣରାଜନୀତିଜ୍ଞ ତଥା ପୂର୍ବତନ ପ୍ରଶାସକଙ୍କୁ ଦିଆଯାଇଥିଲା। ଦଳର ବରିଷ୍ଠ ନେତାମାନେ ତୁଚ୍ଛ ହୋଇଯାଇଥିଲେ। ଯାହାକୁ ନେଇ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡିଆ ଅସ୍ମିତା ଏବେ ବିପଦରେ ବୋଲି ଏକ ସାକ୍ଷାତକାରରେ କହିଥିଲେ। ଓଡିଆ ଅସ୍ମିତା ପ୍ରସଙ୍ଗକୁ ରାଜ୍ୟ ବିଜେପି ହାତଛଡା ନକରି ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରିଥିଲା, ଯାହାକି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା, ଏହା ସ୍ୱୀକାର କରିବାକୁ ହେବ। କହିବା ବାହୁଲ୍ୟ ଯେ, ୨୦୦୯ରୁ ସମଦୂରତାର ଦ୍ୱାହି ଦେଇ ଆସୁଥିବର ବିଜେଡି ନିଜ ସଂଖ୍ୟାରେ ବିଜେପିର ଜଣେ ପ୍ରାର୍ଥୀଙ୍କୁ ଦୁଇଥର ରାଜ୍ୟସଭାକୁ ପଠାଇବାର କାରଣ ଏବେ ବି ରହସ୍ୟାବୃତ ହୋଇଛି। ଯାହାକି ଭାରତୀୟ ରାଜନୀତିରେ ପ୍ରଥମ ଘଟଣା ବୋଲି କୁହାଯାଇପାରେ। ସେହିପରି ବିଧାନସଭା ନିର୍ବାଚନରେ ଦଳ ପୁଣି ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ ଥିବା ସମୟରେ ପୁଣି ମେଂଟ ପ୍ରସଙ୍ଗ ଉଠାଇଲା କାହିଁକି? ସେହିପରି ଓଡିଆ ଅସ୍ମିତା ପ୍ରସଙ୍ଗ ଦଳପାଇଁ ମହଙ୍ଗା ସାବ୍ୟସ୍ତ ହୋଇ ଥିବାବେଳେ ଦଳରେ ଅଣଓଡିଆ ନେତାଙ୍କର ପୁଣି ଆବିର୍ଭାବ ଏବଂ ତାଙ୍କୁ ନବୀନବାବୁଙ୍କ ଆଖିବୁଜା ସମର୍ଥନ, ତୃଟି ପୂର୍ଣ୍ଣ କାର୍ଯ୍ୟଧାରା ଦଳରେ ଅସନ୍ତୋଷକୁ ଚରମସୀମାରେ ପହଁଚାଇଛି। ଯାହାର ବିସ୍ଫୋରଣ କୋରାପୁଟ ରାଜନୀତିରେ ଘଟିଛି। କେବଳ ଏତିକି ନୁହେଁ, ଦଳର ବହୁ ବରିଷ୍ଠନେତାଙ୍କ ବୟାନବାଜୀ ସେମାନଙ୍କ ଅସନ୍ତୋଷକୁ ସ୍ପଷ୍ଟ କରିଛି। ଏଥିରୁ ନବୀନ ବାବୁ କିଛି ଶିକ୍ଷା କରିପାରିନାହାଁନ୍ତି ମନେହୁଏ। ତେଣୁ ସଂକ୍ଷେପରେ କୁହାଯାଇପାରେ 'ବୁଡିଗଲା ଗୋଡ ତଳକୁ ତଳକୁ'। ସମଦୂରତା ଦ୍ୱାହି ଦେଇ ମତଦାନରୁ ବିରତ ପରୋକ୍ଷରେ ବିଜେପିକୁ ଲାଭବାନ କରିଛି। ଏଥିରୁ ବିଜେଡି-ବିଜେପି ଏକ ବୋଲି ପୁଣି ଥରେ ଧାରଣା ସୃଷ୍ଟି ହୋଇଛି। ଯାହାକୁ ଅଣଦେଖା କରାଯାଇନପାରେ।

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଆଜି ସେପ୍ଟେମ୍ବର ୧୧। ଏହି ଦିନ ଦୁଇଟି ବିପରୀତ ସ୍ମୃତିକୁ ମନେ ପକାଏ। ପ୍ରଥମଟି ହେଉଛି, ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। "ଆମେରିକାର ଭଉଣୀ ଓ ଭାଇମାନେ..." — ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱ ସ୍ତରରେ ପରିଚିତ କରାଇଥିଲେ। ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁଁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା।

ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହିତ ମଧ୍ୟ ଜଡିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜବୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମ ପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକୀ ପାଳନ କରୁଛି । ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର। ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହିତ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ୟ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରସମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରସମଣିକୁ ପ୍ରସ୍ତୁତ କରିଥିଲେ।

ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆରଏସଏସର ଜଣେ ପ୍ରଚାରକ ହୋଇଥିଲେ । 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ, କେହି ଭୁଲରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି । କିନ୍ତୁ, ଯେଉଁମାନେ ଆରଏସଏସର କାର୍ଯ୍ୟ ସହିତ ଉତ୍ତମ ରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଂଗଠନର କାର୍ଯ୍ୟର ମୂଳଦୁଆରେ ରହିଛି । ଗତ ଶହେ ବର୍ଷ ଧରି, ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡିଛନ୍ତି ।

ଆରଏସଏସରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା । ଏହି ସେହି ସମୟ ଥିଲା ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରୀକାଳୀନ ବିରୋଧୀ ଆନ୍ଦୋଳନକୁ ମଜବୁତ କରିବା ସ୍ୱାଭାବିକ ଥିଲା । ମୋହନ ଜୀ ଏବଂ ଅଗଣିତ ଆରଏସଏସ ସ୍ୱୟଂସେବକମାନେ ଏହା ହିଁ କରିଥିଲେ । ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ, ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ । ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା ।

ବର୍ଷ ବର୍ଷ ଧରି ଭାଗବତ ଜୀ ଆରଏସଏସରେ ବିଭିନ୍ନ ପଦବୀରେ ରହିଥିଲେ । ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହିତ ସମ୍ପାଦନ କରିଥିଲେ । ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟାୟାମ ପ୍ରମୁଖର ମୁଖ୍ୟ ଭାବରେ, ମୋହନ ଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି । ଏହି ସମୟ ମଧ୍ୟରେ, ସେ ବିହାରର ଅସଂଖ୍ୟ ଗ୍ରାମମାନଙ୍କରେ କାର୍ଯ୍ୟ କରି ସମୟ ବିତାଇଥିଲେ । ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା । ୨୦୦୦ ମସିହାରେ, ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ । ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ । ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହିତ କାମ କରିଚାଲିଥିଲେ ।

ସରସଂଘଚାଳକ ହେବା ଏକ ସାଂଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ । ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ପଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି । ମୋହନ ଜୀ, ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ, ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବ ?ାପରି ନୀତି ଦ୍ୱାରା ଅନୁପ୍ରାଣିତ ।

ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି — ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଂଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି । ଯୁବପି ? ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପି ?କୁ ସଂଘ ପରିବାର ସହିତ ଯୋଡିବା ପ୍ରତି ତାଙ୍କର ପ୍ରଚେଷ୍ଟା, ଆଜିର ଗତିଶୀଳ ଏବଂ ଡିଜିଟାଲ୍ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଉଁଭଳି ନିୟମିତ ଭାବେ ଯୋଡ଼ି ହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ।

ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆରଏସଏସର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ । ୟୁନିଫର୍ମ ପରିବର୍ତ୍ତନ ଠାରୁ ଆରମ୍ଭ କରି ଶିକ୍ଷା ବର୍ଗ (ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ, ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି ।

ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା । ସେହି ସମୟରେ, ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା । ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ । ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ, ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଜଡିତ ରହିଥିଲେ ।

ସେହି ସମୟରେ, ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁରବସ୍ଥା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା । ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃ ? ନିଷ୍ପତ୍ତି କେବେ ବି ବିଚଳିତ ହୋଇନଥିଲା ।

ଚଳିତ ବର୍ଷ ଆରମ୍ଭରେ, ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦଘାଟନ ସମୟରେ, ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ । ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃ ?; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ । ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବ ?ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି ତାହା ବାସ୍ତବରେ ପ୍ରେରଣାଦାୟକ ।

ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ ।

ଏଠାରେ, ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି । 'ସ୍ୱଚ୍ଛ ଭାରତ ମିଶନ' ଠାରୁ 'ବେଟି ବଚାଓ ବେଟି ପ ?ାଓ' ପର୍ଯ୍ୟନ୍ତ, ମୋହନ ଜୀ ସର୍ବଦା ସମଗ୍ର ଆରଏସଏସ ପରିବାରକୁ ଏହି ଆନ୍ଦୋଳନଗୁଡିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି । ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇ ନେବା ନିମନ୍ତେ, ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ । ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇ ପାରିବ । ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗ ?ିବାର ସ୍ୱପ୍ନ ଦେଖନ୍ତି । ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ, ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ । ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି।

ଭାଗବତ ଜୀ ସଦାସର୍ବଦା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃ ? ଅନୁଗାମୀ, ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରାର ପାଳନରେ ଦୃ ? ବିଶ୍ୱାସୀ ।

ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ, ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି । ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପ ?ା ପ୍ରତି ଆଗ୍ରହ, ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ ।

ଚଳିତ ବର୍ଷ, ଆଉ ମାତ୍ର ଅଳ୍ପ ଦିନ ପରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି । ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ, ବିଜୟା ଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆରଏସଏସ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି । ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି । ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ, ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ । ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି ।

# ଆମର ଗତି କୁଆଡ଼େ ?

**ଅକ୍ଷୟ କୁମାର ମିଶ୍ର**

ସେଦିନ ମୁଁ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯାଉଥାଏ । ପାଖ ସିଟ୍‌ରେ ବସିଥିବା ଜଣେ ସହଯାତ୍ରୀ ଧ୍ୟାନର ସହିତ ଖବରକାଗଜ ପଢ଼ିବାରେ ବ୍ୟସ୍ତ ଥାଆନ୍ତି । ମୋ ଭିତରେ ବ୍ୟଗ୍ରତା ଥାଏ ଲୋକଟି ସହିତ ଟିକିଏ ଆଳାପ ଆଲୋଚନା କରିବାକୁ । ସମୟ ବି କଟିଯିବ, ଆଉ ତାଙ୍କ ଅଞ୍ଚଳ ସମ୍ପର୍କରେ ଶିକ୍ଷାଲାଭ ବି ହେବ । କିନ୍ତୁ ତାଙ୍କର ଏକାଗ୍ରତାକୁ ଭଙ୍ଗ କରିବା ଉଚିତ ମଣିଲି ନାହିଁ । ମାତ୍ର ତାଙ୍କର ମୁଖ ମଣ୍ଡଳରେ ଫୁଟି ଉଠୁଥିବା ଭାବ ଭଙ୍ଗୀ ଦେଖି ମନେହେଉଥିଲା ପଢୁଥିବା ବିଷୟବସ୍ତୁଟି ତାଙ୍କୁ ଗଭୀର ଭାବେ ଆଘାତ ଦେଉଛି । ହଠାତ୍ ସେ ଖବର କାଗଜ ଉପରୁ ମୁହଁ ଉଠାଇ ଝରକା ବାଟେ ବାହାରକୁ ଚାହିଁଲେ ଓ ଦୀର୍ଘ ଶ୍ୱାସଟିଏ ଛାଡ଼ି କହିଲେ, ''ଆମର ଗତି କୁଆଡ଼େ ।''

ମୋ ମୁହଁରୁ ଅଜାଣତରେ ବାହାରି ଆସିଲା ''କାହିଁକି ?''

ଭଦ୍ରବ୍ୟକ୍ତି ଜଣକ ମୋ ଆଡ଼କୁ ଚାହିଁଲେ । ମୁଁ ଅପ୍ରସ୍ତୁତ ହୋଇ ପଡ଼ିଲି । ମନେହେଲା ମୁଁ ବୋଧହୁଏ ଅନଧିକାର ପ୍ରବେଶ କରିଗଲି । ବାବୁ ଜଣକ ମୋ ଆଡ଼କୁ ଚାହିଁଲେ । କିଛି ନକହି ହାତରେ ଧରିଥିବା ଖବରକାଗଜଟି ମୋ ଆଡ଼କୁ ବଢ଼ାଇ ଦେଲେ । କାଗଜର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ପ୍ରକାଶିତ ଏକ ସମ୍ବାଦର ଶିରୋନାମା ଥିଲା 'ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରି ବନ୍ଧା ହେଲେ ।' ତା ତଳକୁ ଆଉ ଏକ ଶିରୋନାମା 'ବିଧାନସଭା ଗୃହରେ ବିଧାୟକ ଦେଖିଲେ ଅଶ୍ଳୀଳ ଭିଡ଼ିଓ ।' କେଉଁ ସମ୍ବାଦଟି ଭଦ୍ର ବ୍ୟକ୍ତିଙ୍କୁ ଅଧିକ ଆଘାତ ଦେଇଛି ଜାଣିବାକୁ ଇଚ୍ଛା ଜାଗିଲା । ଜଣେ ସମାଜ ଗଠନର ମୁଖ୍ୟ ବିଦ୍ଧାଣୀ, ଆଉ ଜଣେ ସମାଜରେ ସମୃଦ୍ଧିର ସାରଥୀ । ମୁଁ ପଚାରିବା ପୂର୍ବରୁ ସେ ପ୍ରକାଶ କରିଦେଲେ ତାଙ୍କ ଭିତରର ଯନ୍ତ୍ରଣାଟିକୁ । ତାଙ୍କର ଉକ୍ତି ଥିଲା 'ସେମାନଙ୍କ ଠାରୁ ଲୋକେ ଏମିତି ଆଶା କରନ୍ତି ନାହିଁ ।' ମୁଁ ପୁଣି ଦ୍ୱନ୍ଦ୍ୱରେ ପଡ଼ିଲି । କାହାଠାରୁ ? ଶିକ୍ଷକଙ୍କ ଠାରୁ ନା ବିଧାୟକଙ୍କ ଠାରୁ ନା ଉଭୟଙ୍କ ଠାରୁ ? ମୋ'ର ଉତ୍ତର ପାଇବା ପୂର୍ବରୁ ଭଦ୍ର ବ୍ଯକ୍ତି ଜଣକ ଚୁପଚାପ୍ ଛିଡ଼ା ହେଲେ । ମୋ ଆଡ଼କୁ ତୀକ୍ଷଣ ଦୃଷ୍ଟିରେ ଚାହିଁଲେ । ଖବର କାଗଜଟି ମୋ ହାତରୁ ଛଡ଼ାଇ ନେଲା ଭଳି ନେଇ ଓହ୍ଲାଇ ଚାଲିଗଲେ ।

ତାଙ୍କ ବ୍ୟବହାର ମୋତେ ଭାରି ଆଘାତ ଦେଲା । ବେଶୀ ଆନ୍ଦୋଳିତ କରୁଥିଲା ଶେଷ ପଦକ କଥା 'ଲୋକେ ଏମିତି ଆଶା କରନ୍ତି ନାହିଁ ।' ମନେ ମନେ କହୁଥିଲି – ଆଶା କରୁ ନଥିବା ଘଟଣା ତ ସମାଜରେ ଅନେକ ଘଟୁଛି । ବାପା ମାଆ କ'ଣ ଆଶା କରିଥିଲେ ସମସ୍ତ କଷ୍ଟ ଯନ୍ତ୍ରଣା ସହିତ ବଡ଼ କରିଥିବା ପୁଅ ଦିନେ ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେବ ? ଜୀବନସାଥୀ ବାଛିବା ବେଳେ ପରସ୍ପରକୁ ସହଯୋଗ କରିବାକୁ ଶପଥ ନେଇଥିବା ପୁଅଟି କ'ଣ ଭାବିଥିଲା ଝିଅଟି ଦିନେ ହାତ ଛାଡ଼ି ଚାଲିଯିବ ନା ଝିଅଟି କେବେ ଆଶା କରିଥିଲା ପୁଅଟି ଏପରି ଜଘନ୍ୟ ଅପରାଧ କରିବ ବୋଲି ? ସମ୍ପର୍କୀୟ ମାନଙ୍କ କଥା ଛାଡ଼ନ୍ତୁ ପ୍ରତିରକ୍ଷା ବିଭାଗରେ କାମ କରୁଥିବା ବ୍ୟକ୍ତି ନିଜ ଦେଶ ସହିତ ବିଶ୍ୱାସଘାତକତା କରିବ ଏହା କ'ଣ କେହି କେବେ ଆଶା କରନ୍ତି ? ମେଧାବୀ ଛାତ୍ରଛାତ୍ରୀମାନେ ବଡ଼ ବଡ଼ ପ୍ରଶାସନିକ ଅଧିକାରୀ ହେବା ପରେ ଦୁର୍ନୀତି ସହିତ ଜଡ଼ିତ ହୋଇ ନିଜର ମର୍ଯ୍ୟାଦା ହାନୀ କରିବେ ବୋଲି କିଏ ଆଶା କରେ ? ଦେଶ ସେବା କରୁଥିବା ବ୍ୟକ୍ତିଗଣ ସମସ୍ତ ପ୍ରକାର ଅନ୍ୟାୟ ଅନୀତି ସହିତ ଜଡ଼ିତ ହୋଇ ଘାତକର ରୂପରେ ଉଭା ହେବେ ବୋଲି କିଏ କ'ଣ କେବେ ଆଶା କରେ ? ତେବେ କ'ଣ ଭଦ୍ର ବ୍ୟକ୍ତି କହିବାକୁ ଚାହୁଁଥିଲେ ଏହିପରି ସମସ୍ତ କୁକାର୍ଯ୍ୟ ସମାଜରେ ହେଉ ତାହା ଲୋକମାନେ ଆଶା କରନ୍ତି ନାହିଁ ? ହଁ, ପ୍ରକୃତରେ ସମାଜରେ ଯାହା ଘଟୁଛି ଏହାକୁ ଅବଲୋକନ କଲାପରେ ଯେ କେହି ସଚେତନ ମଣିଷ କହିବ ହିଁ କହିବ ''ଆମର ଗତି କୁଆଡ଼େ ?'' ଆଉ ଅଧିକ ଚିନ୍ତା ନକରି ମନକୁ ହାଲୁକା କରିବା ପାଇଁ ସହଯାତ୍ରୀ ସହିତ ଆଳାପ ଆଲୋଚନାରେ ମାତିଗଲି ।

ଦୁଇଦିନ ପରେ ଘରକୁ ଫେରୁଥାଏ । ସଂଯୋଗ କ୍ରମେ ଯେଉଁ ଷ୍ଟେସନରେ ଭଦ୍ର ବ୍ୟକ୍ତି ଜଣକ ଓହ୍ଲାଇ ଯାଇଥିଲେ ସେହି ଷ୍ଟେସନରେ ସେ ପୁଣି ଟ୍ରେନ୍ ଚଢ଼ିଲେ । ବିପଦ ଯେମିତି ସହଜେ ପିଛା ଛାଡ଼େ ନାହିଁ ସେମିତି ସେଦିନ ମଧ୍ୟ ସେ ଆସି ମୋ ପାଖ ସିଟ୍‌ରେ ବସିଲେ । ତାଙ୍କୁ ଦେଖୁ ଦେଖୁ ସେ କହିଥିବା ଉକ୍ତିଟି ମନେ ପଡ଼ିଗଲା । ଭାବିଲି ଆଜି ନିଶ୍ଚୟ ଅବଗତ ହେବି ସେ କାହା ଉଦ୍ଦେଶ୍ୟରେ କଥାଟି କହିଥିଲେ । ବସୁ ବସୁ ସେ ପଚାରିଲେ ''ଆପଣ ଜଣେ ଶିକ୍ଷକ ତ ?'' ଉତ୍ତର ଦେଲି ''ହଁ ଥିଲି, ଏବେ ନାହିଁ । ଅବସର ନେଇଯାଇଛି । କିନ୍ତୁ ଆପଣ ଜାଣିଲେ କେମିତି ?'' ଏଥର ଶାଣିତ ସ୍ୱରରେ ସେ ପଚାରିଲେ ''ଆପଣଙ୍କ ଅଞ୍ଚଳର ଲୋକମାନେ କ'ଣ ଏବେ ଆପଣଙ୍କୁ ସାର୍ କିମ୍ବା ମାଷ୍ଟ୍ରେ ବୋଲି ସମ୍ବୋଧନ କରୁନାହାଁନ୍ତି କି ?'' ରୋକ୍ ଠୋକ୍ କଥାରେ ଘାବରେଇ ଗଲି । ହେଲେ ଅବସର ନେଇଯିବା କଥାଟି ଆଦୌ ମିଛ ନଥିଲା । ସେ ପୁଣି କହିଲେ ''ଆପଣ ସିନା ମୋତେ ଚିହ୍ନନ୍ତି ନାହିଁ । ମୁଁ କିନ୍ତୁ ଜାଣିଛି । ଆପଣମାନଙ୍କ ଉପରେ ମୋ ଭଳି ଅନେକଙ୍କର ନଜର ଥାଏ । ଲୋକେ ଶିକ୍ଷକଙ୍କୁ ଏକ ଭିନ୍ନ ଦୃଷ୍ଟିରେ ଦେଖନ୍ତି । ଅନୁକରଣ କରନ୍ତି । ସେମାନେ ଅବସର ନେଇଗଲେଣି ବୋଲି ଲୋକେ ଭାବନ୍ତି ନାହିଁ । ଶିକ୍ଷକତା ନିରୋଳା ଏକ ବୃତ୍ତି ନୁହେଁ । ଏହା ସହିତ ସଂଯମତା, ସାଧୁତା, ସହନଶୀଳତା, ସମୟାନୁବର୍ତ୍ତିତା ଜଡ଼ିତ । ଏଥିରେ ନିଷ୍ଠା, ତ୍ୟାଗର ଆବଶ୍ୟକତା ରହିଛି । ନୂତନ ପ୍ରଯୁକ୍ତି ବିଦ୍ୟାର ସୂଚନା ସହିତ ନିଜକୁ ଖାପଖୁଆଇ ଚାଲିବାକୁ ପଡ଼ିବ । କାରଣ ସୃଜନଶୀଳତାର ଜନନୀ ହେଉଛନ୍ତି ଶିକ୍ଷକ । ଶିକ୍ଷକ ଠାରୁ ସମାଜ ଯାହା ଆଶା କରେ ଅନ୍ୟ କୌଣସି ବୃତ୍ତିଧାରୀ ଠାରୁ ତାହା ଆଶା କରେ ନାହିଁ । ପରିବାରର ସଦସ୍ୟ ମାନଙ୍କୁ ଛାଡ଼ି ଦେଲେ ଶିଶୁମାନେ ଯେଉଁମାନଙ୍କ ସହିତ ଅଧିକ ସମୟ ବିତାନ୍ତି ସେମାନେ ହେଲେ ଶିକ୍ଷକ । ସେଇଥିପାଇଁ ଶିକ୍ଷକଙ୍କୁ ଜାତିର ନିର୍ମାତା ବୋଲି ବିବେଚନା କରାଯାଏ । ଶିକ୍ଷକଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସହିତ ତୁଳନା କରିବାର ତାତ୍ପର୍ଯ୍ୟ ହେଲା ଶିକ୍ଷକ ଚାହିଁଲେ ଏକ ନୂତନ ସମାଜର ସୃଷ୍ଟିକର୍ତ୍ତା ସାଜିପାରିବେ, ଶିକ୍ଷକ ହିଁ ସମାଜର ଦିଗଦର୍ଶକ ହୋଇପାରିବେ ଏବଂ ଶିକ୍ଷକମାନେ ଅଜ୍ଞାନ ରୂପକ ଅନ୍ଧକାର ଓ ଅନ୍ଧବିଶ୍ୱାସକୁ ବିନାଶ କରିପାରିବେ ।

ଏହି କଥାବାର୍ତ୍ତା ଭିତରେ ମୁଁ ମୋର ଉତ୍ତର ପାଇଗଲି । ଲୋକେ କାହାଠାରୁ ଅଧିକ ଆଶା କରନ୍ତି ଜାଣିଗଲି । କିନ୍ତୁ ସମ୍ପ୍ରତି ଶିକ୍ଷକମାନେ ଯାହା କରୁଛନ୍ତି ସେସବୁ ଅବାଞ୍ଛିତ, ଅସହ୍ୟ ଓ ଅଗ୍ରହଣୀୟ । ବାଡ଼ ହୋଇ କାକୁଡ଼ି ଖାଇବା ଯାହା ଶିକ୍ଷକମାନେ ତାହା ହିଁ କରୁଛନ୍ତି ବୋଲି ସର୍ବତ୍ର ଅଭିଯୋଗ ଉଠୁଛି । ବହୁ ଶିକ୍ଷକ ମଦ୍ୟପାନ କରୁଛନ୍ତି, ଅନେକେ ମଧ୍ୟାହ୍ନ ଭୋଜନ ହେରଫେର୍‌ରେ ଲିପ୍ତ ରହୁଛନ୍ତି, ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷାରେ କପି ଯୋଗାଇବା ଭଳି ଘୃଣ୍ୟ କାର୍ଯ୍ୟ କରୁଛନ୍ତି । ଏହିସବୁ କୁକାର୍ଯ୍ୟକୁ ପଛକୁ ପକାଇ ଦେଇଛି ଆଜି ଯାହା ଅଭିଯୋଗ ଉଠୁଛି । ଅଶାଳୀନ ମନ୍ତବ୍ୟ ଦେବା, ଯୌନ ନିର୍ଯାତନା ଦେବା ଭଳି ନିନ୍ଦନୀୟ ଘଟଣାବଳୀକୁ ନେଇ ଶିକ୍ଷକ ବନ୍ଧା ହେବା, ଜେଲ୍ ଯିବା ସମ୍ପୂର୍ଣ୍ଣ ଶିକ୍ଷକ ଜାତିଠାରୁ ଆଶା, ଆସ୍ଥା, ଭରଷାକୁ ତୁଟାଇ ଦେଉଛି । କିଛି ଲୋକ ଯୁକ୍ତି କରନ୍ତି ସମାଜଟା ଯେତେବେଳେ ଅବକ୍ଷୟମୁଖୀ ସେତେବେଳେ ଶିକ୍ଷକ ସେଥିରୁ ବାଦ୍ ପଡ଼ିବ କେମିତି ? ମୋ ଭିତରେ ମଧ୍ୟ ଏହି ଅବବୋଧ ଥିଲା । କିନ୍ତୁ ଭଦ୍ର ବ୍ୟକ୍ତିଙ୍କର ପ୍ରତ୍ୟେକଟି ସଂଳାପ ମୋତେ ଶତ ଦଂଶନ କଲା । ସ୍ୱୀକାର କରିବାକୁ ବାଧ ହେଲି ଶିକ୍ଷକ ଅନ୍ୟ ସମସ୍ତଙ୍କ ଠାରୁ ଭିନ୍ନ ହେବା ଜରୁରୀ । କାରଣ ଶିକ୍ଷକର ଆଚାର, ବିଚାର, ବ୍ୟବହାର ସହିତ କଥା ଓ କାମର ପ୍ରତ୍ୟକ୍ଷ ପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ପଡ଼ିଥାଏ । ଶିକ୍ଷାନୁଷ୍ଠାନ ଶିକ୍ଷାର୍ଥୀଙ୍କ ନିମନ୍ତେ ସବୁଠାରୁ ଆକର୍ଷଣୀୟ, ଆମୋଦଦାୟକ ଓ ନିରାପଦ ସ୍ଥଳୀ ହେବା ଉଚିତ । ଶିକ୍ଷକଙ୍କ ଆନ୍ତରିକତା ନଥିଲେ ଏହା ଆଦୌ ସମ୍ଭବ ହେବ ନାହିଁ ।

ଶିକ୍ଷକଙ୍କୁ ଗୁରୁ ବୋଲି କୁହାଯାଏ, କାରଣ ସେମାନେ ଭବିଷ୍ୟତ ପିଢ଼ିକୁ ଅଜ୍ଞାନ ରୂପକ ଅନ୍ଧକାର ଭିତରୁ ଜ୍ଞାନର ଆଲୋକ ପ୍ରଦାନ କରନ୍ତି । ଯଦି ସେମାନେ ନିଜେ ଅନ୍ଧକାରେ ବୁଡ଼ି ରହିବେ ତେବେ ଲୋକେ ବୋଲିବେ କ'ଣ ? ଶିକ୍ଷକଙ୍କୁ ଦେବତା ବୋଲି କୁହାଯାଏ । ମାତ୍ର ସେମାନେ ଯଦି ଦାନବ ପାଲଟି ଯିବେ ତେବେ ଲୋକେ ଭରଷା କରିବେ କାହାକୁ ? ସେଇଥିପାଇଁ ସେଦିନ ଭଦ୍ର ବ୍ୟକ୍ତି ଜଣକ ହୁଏତ ନିଜକୁ ଅସହାୟ ମନେ କରି ଦୁଃଖର ସହିତ କହିଥିଲେ ''ଆମର ଗତି କୁଆଡ଼େ ?''

ସଭାପତି, ଓସ୍ତା
ମୋ : ୯୯୩୮୭୬୩୨୩୭, ୭୦୦୮୦୭୩୫୯୯



# ଅସ୍ମିତା ଖେଲୋ ଇଣ୍ଡିଆ, ମହିଳା ଉଷୁରେ ଅନୁଗୋଳ ଜିଲ୍ଲା ଓଡ଼ିଶାରେ ୩ୟ ସ୍ଥାନ

ଅନୁଗୋଳ,୧୦।୯:(ମନ୍ଥନ)ଅସ୍ମିତା ଖେଲୋ ଇଣ୍ଡିଆ, ରାଜ୍ୟ ଲିଗ୍ ରେ ମହିଳା ଉଷୁ ଖେଳ ରେ ସ୍ବର୍ଣ ବିଜେତା ସୁରୀୟକାନ୍ତି ଶତପଥୀ, ଓ ଅର୍ଚ୍ଚିତା ସାହୁ, ରୁପ୍ୟ ରେ ଆଶା ବେହେରା, ପଲବି ନାଏକ, ପ୍ରିୟଙ୍କା ବେହେରା, ସ୍ମିତାମନସ୍ୱିନୀ, କାଂସ୍ୟ ରେ ଯୋଷମନ୍ତି ସାହୁ, ବିଷ୍ଣୁପ୍ରିୟା ସାହୁ,ଇଶ୍ରାଇ ନିଶା, ସମୁଦାୟ ୯ ଜଣ ପ୍ରତିଯୋଗୀ ଗ୍ରହଣ କରିଥିଲେ ଅନୁଗୋଳ ଜିଲ୍ଲା ର ଉଷୁ ଏସୋସିସନ ଅନୁଗୋଳ ତରଫରୁ ବାରିପଦା ଡିଗ୍ରୀ କଲେଜ୍ ରେ ଆୟୋଜିତ କରାଯାଇଥିବା ଅସ୍ମିତା ଖେଲୋ ଇଣ୍ଡିଆ, ମହିଳା ଉସୁ ଖେଳ ରେ ସେପ୍ଟେମ୍ବର ୬ ରୁ ୭ସେପ୍ଟେମ୍ବର ୨୦୦୫ ରେ ଅନୁଗୋଳ ଜିଲ୍ଲାର ୯ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ସ୍ୱର୍ଣ୍ଣ ରେ ୨ଜଣ, ସିଲଭର ରେ ୪ ଜଣ, ବ୍ରୋଞ୍ଜ ରେ ୩ ଜଣ କୃତିତ୍ୱ ଅର୍ଜନ କରିଛନ୍ତି । ଏହା ସହିତ ଆଗାମୀ ଦିନରେ ଜାତୀୟ ସ୍ତରରେ ମଧ୍ୟ କୃତୀ ପ୍ରତିଯୋଗୀ ମାନେ ଓଡ଼ିଶା ବାହାରେ ହେବାକୁ ଯାଉଥିବା ଖେଳ ରେ ଭାଗ ନେବେ । ଏଥିରେ କୃତୀ ପ୍ରତିଯୋଗୀ ହୋଇଥିବା ଉଷୁ ଖେଳାଳି ମାନକୁ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିଲ୍ଲା (ଡି. ପି.ଓ.) ଓ ରାଜ୍ୟ ଉଶୁ ସଂଘର ଚେୟାରମ୍ୟାନ



ଏବଂ ରାଜ୍ୟର ମୁଖ୍ୟ ପ୍ରତିଷ୍ଠାତା ଏସ ଏସ ହରିଚନ୍ଦନ ସହିତ ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା ଶୁଭେଚ୍ଛା ସହିତ ଉସୁ ଅସୋସିସନ ଅନୁଗୋଳ ର ଜିଲ୍ଲା ସଭାପତି ଓ ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ , କାର୍ଯ୍ୟକାରୀ ସଭାପତି ଦିନେଶ ପ୍ରଧାନ ଓ ଆନ୍ତରଜାତୀୟ ଜଜ୍ ଓ ଜିଲ୍ଲା ଉସୁ ସଂଘ ର ସାଧାରଣ ସମ୍ପାଦକ ଶ୍ରୀ ସୁସାନ୍ତ ନାଏକ, ଜିଲ୍ଲା କୋଚ୍ ବିନୋଦ କୁମାର ନାଏକ, ଦୋଳଗୋବିନ୍ଦ ଦଳେଇ, ତପନ କୁମାର ସାମଲ, ଅରୁଣ କୁମାର ନାଏକ, ରାଜେଶ ମିଶ୍ର ଚିତ୍ତରଞ୍ଜନ ମହାନ୍ତ, ଅମରଜିତ ଗଡନାୟକ ଓ ସମସ୍ତ ମେମ୍ବର ଶୁଭେଚ୍ଛା ଜଣାଇଛନ୍ତି ।

# ଖଣ୍ଡପଡ଼ାରେ ଦେଢବର୍ଷ ହେବ ବସିନି କାଉନସିଲ ବୈଠକ

ଖଣ୍ଡପଡ଼ା, ୧୦।୯:(ମନ୍ଥନ) ଦିନେ ନୁହେଁ କି ମାସେ ନୁହେଁ ଦେଢବର୍ଷ ହେବ ବସୁନି କାଉନସିଲ ବୈଠକୟ ଫଳରେ ଲୋକଙ୍କ ହାତରେ ସହର ଶାସନ କ୍ଷମତା ଏକପ୍ରକାର ପ୍ରହସନ ବୋଲି ମତପ୍ରକାଶ ପାଇଛି । ମିଳିଥିବା ସୂଚନା ମୁତାବକ ଗତ ୨୦୨୪ ମାର୍ଚ୍ଚ ୬ ତାରିଖରେ ଶେଷଥର ପାଇଁ କାଉନସିଲ ବୈଠକ ବସିଥିଲାୟ ସହରାଞ୍ଚଳ ସମସ୍ୟା, ଉନ୍ନତି ନିମନ୍ତେ ପ୍ରତି ମାସରେ ଯେଉଁ ବୈଠକ ବସିବା କଥା ତାହା ଏବେ ଦୀର୍ଘବର୍ଷ ହେବ ବସିନାହିଁ । ରାଜନୀତି ଓ ପ୍ରଶାସନିକ ଅବହେଳା ଯୋଗୁଁ ସହରର ମୌଳିକ ସମସ୍ୟା ଓ ବିକାଶ ରସାତଳ ଗାମୀ ହୋଇଥିବା ବେଳେ ବିଭିନ୍ନ ୱାର୍ଡରେ ଲୋକେ ଏବେ ମଧ ମୌଳିକ ସୁବିଧା ପାଉନଥିବା ଏବଂ ସହରାଞ୍ଚଳର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡିରହିଛି । ସହରାଞ୍ଚଳ ବାସୀଙ୍କୁ ପରିମଳ ଠାରୁ ଆରମ୍ଭ କରି ଷ୍ଟ୍ରିଟ୍ ଲାଇଟ୍, ପାର୍କିଂ ବ୍ୟବସ୍ଥା, ଜଳଯୋଗାଣ, ରାସ୍ତା ମରାମତି, ସହରର ପାର୍କିଂ ପରିଚାଳନା ଭଳି ମୌଳିକ ସୁବିଧା ମିଳିପାରୁନଥିବା ଅଭିଯୋଗ ହୋଇଆସୁଛି । ବର୍ଷ ବର୍ଷ ଧରି ସହରାଞ୍ଚଳ ବାସୀଙ୍କ ନିମନ୍ତେ ନିର୍ମାଣ ହେଉଥିବା ସ୍ମାର୍ଟ ପାର୍କ, ଆଦର୍ଶ ଶ୍ମଶାନ, ସୁଉଚ୍ଚ ପାଣି ଟାଙ୍କି ତଥା ଏନଏସି କାର୍ଯ୍ୟାଳୟ, ବହୁମୁଖୀ ହଲ, କଂସେଇଖାନା ଭଳି ପ୍ରକଳ୍ପ ଏବେ ଅଧାପନ୍ତରିଆ ଭାବେ ପଡିରହିଛି । ଗତ ୩ ବର୍ଷ ମଧ୍ୟରେ ସହର ସାରା ମାଳମାଳ ଫଳକ ପୋତା ଚାଲିଥିବା ବେଳେ ବିକାଶ ଘର କିନ୍ତୁ ଶୂନ । ପ୍ରକଳ୍ପ ଗୁଡିକୁ ଠିକାଦାର ମାନେ ସଠିକ ସମୟରେ ସାରୁନଥିବା ଅଭିଯୋଗ କରିଆସୁଛନ୍ତି ସହରାଞ୍ଚଳବାସୀୟ ଅନ୍ୟପକ୍ଷରେ ଲକ୍ଷାଧିକ ଟଙ୍କାର କାମ ଗୁଡିକ ବିନା ଟେଣ୍ଡର କିମ୍ବା କାଉନସିଲ ବୈଠକରେ ପାସ ନ ହୋଇ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି । ଖଣ୍ଡପଡ଼ା ଏନଏସିର ଭାଗ୍ୟ ଆଇନଗତ ଜାଲରେ ଛନ୍ଦି ହୋଇଥିବା ଯୋଗୁଁ ଏଭଳି ସମସ୍ୟା ହେଉଥିବା ଜଣାପଡିଛି । କାଉନସିଲ ବୈଠକ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରି କରିଥିବା ଏନଏସି ନିର୍ବାହୀ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । କାଉନସିଲ ବୈଠକ ନ ବସିବା ଯୋଗୁଁ ସହରାଞ୍ଚଳର ବିକାଶ ସମ୍ପର୍କିତ କାର୍ଯ୍ୟ ଯୋଜନା ପାଇଁ ଏବେ ନୟାଗଡ ଯିବାକୁ ପଡୁଥିବା ଜଣାପଡିଛି । ହାଇକୋର୍ଟ ରହିତାଦେଶ ପାଇଁ ଆକ୍ସନ ପ୍ଲାନ ହେଉନଥିବା ଯୋଗୁଁ ଏହା ନୟାଗଡ ଜିଲ୍ଲାପାଳଙ୍କ ଦ୍ୱାରା ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଯାଉଥିବା ଜଣାପଡିଛି । ଫଳରେ ବିଭିନ୍ନ ୱାର୍ଡର କାଉନସିଲର ମାନଙ୍କର କ୍ଷମତା ଗୌଣ ହୋଇପଡିଥିବା ମତପ୍ରକାଶ ପାଇଛି ।

# ଗାୟକ ସମ୍ରାଟ ପ୍ରଶାନ୍ତ ନାଥସର୍ମ୍ମାଙ୍କ ସ୍ମୃତିଚାରଣ

କେନ୍ଦ୍ରାପଡ଼ା,୧୦।୯:(ମନ୍ଥନ)ନିଳାଚଳ ନିଖିଳ ଉତ୍କଳ ପାଲାପରିଷଦ ଅବିଭକ୍ତ କଟକ ଜିଲ୍ଲା ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଗୁରୁବାର ଗାୟକ ସମ୍ରାଟ ସ୍ୱର୍ଗତ ପ୍ରଶାନ୍ତ ନାଥଶର୍ମ୍ମାଙ୍କ ସ୍ମୃତିଚାରଣ ସଭା ପାଲା ପରିଷଦର କେନ୍ଦ୍ରାପଡା ଜିଲ୍ଲା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଗାୟକ ଲକ୍ଷ୍ମୀଧର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦେଇ ସ୍ୱର୍ଗତ ନାଥଶର୍ମ୍ମାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟତମ ଅତିଥି ଭାବେ ପରିଷଦର ରାଜ୍ୟ ସଭାପତି ସିଧାନ୍ତଦର୍ଶୀ ମଦନମୋହନ ବେହେରା, ଉପଦେଷ୍ଟା ପର୍ଶୁରାମ ପଣ୍ଡା, ରାଜ୍ୟ ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ଯୁଧିଷ୍ଠିର ପରିଡା, ସମ୍ପାଦକ ସୁଦର୍ଶନ ମହାପାତ୍ର, ବରିଷ୍ଠ ଗାୟକ ବାବାଜୀ ଚରଣ ସେନାପତି, ଅବିଭକ୍ତ କଟକ ଓ ଜଗତସିଂହପୁର ଜିଲ୍ଲା ସଭାପତି ଅଭିମନ୍ୟୁ ନାୟକ, ରାଜ୍ୟ ଅର୍ଥ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ବସନ୍ତ ରାଉତ, ଅବିଭକ୍ତ କଟକ ଜିଲ୍ଲା ସାଂସ୍କୃତିକ ସମ୍ପାଦକ ଶରତ ଚନ୍ଦ୍ର ତ୍ରିପାଠୀ, ଯାଜପୁର ଜିଲ୍ଲା ସମ୍ପାଦକ ଗୟାଧର ମହାପାତ୍ର, ଶ୍ୟାମସୁନ୍ଦରପୁରର ପ୍ରତାପ ରଥ, କେନ୍ଦ୍ରାପଡା ଜିଲ୍ଲା ସଭାପତି ବସନ୍ତ କୁମାର ବେହେରା, ସମ୍ପାଦକ ବିଶ୍ୱମ୍ଭର ପ୍ରସାଦ ରଣା, ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଥଶର୍ମ୍ମାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କର ସୁପୁତ୍ର ଗାୟକଶ୍ରୀ ପ୍ରମୋଦ କୁମାର ନାଥଙ୍କ ତତ୍ୱାବଧାନରେ ଅନୁଷ୍ଠିତ ସଭାରେ ପ୍ରତାପ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଗାୟକ ପ୍ରଦୀପ ନାୟକ ପାଲା ପରିବେଷଣ କରିଥିଲେ ।

# ଅହମଦିଆ ମୁସଲିମ ସଂଗଠନ ପକ୍ଷରୁ ଭିନ୍ନକ୍ଷମ ଛାତ୍ରଙ୍କୁ ସହାୟତା

କେନ୍ଦ୍ରାପଡା,୧୦।୯:(ମନ୍ଥନ)ବଡହାଟ ସ୍ଥିତ ଅହମଦିୟା ମୁସଲିମ ସଂଗଠନ ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଅଯୋଧ୍ୟା ନଗର ଅନ୍ଧ ସ୍କୁଲ ଓ କଜଳାରେ ଥିବା ମୂକ-ବଧିର ସ୍କୁଲରେ ଯାଇ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ତଥା ବ୍ରେଡ, ବିସ୍କୁଟ, କେକ୍, ମିକଚର,ସେଉ ଓ ଗୁଲକନ ଡି ବଣ୍ଟନ କରାଯାଇଛି । ଏହି ଅବସରରେ ସ୍କୁଲ ପରିଚାଳକ ସୌପନାସ ଦାସ ଏବଂ ସମସ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା ଯଏହି କାର୍ଯ୍ୟକ୍ରମକୁ ସାମୂହିକ ତହଜୁଦ ନମାଜ ପାଠ ଓ ନୀରବ ପ୍ରାର୍ଥନା ସହ ଆରମ୍ଭ କରାଯାଇଥିଲା । ନମାଜ ପାଠ ମୌଲବି ନସିର ଖାଁ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଅହମଦିୟା ମୁସଲିମ ସଂଗଠନର ସଭାପତି ସେକ ସଲିମ ଯୋଗଦେଇଥିଲେ ।ସମ୍ମାନିତ ଅତିଥି ତଥା କର୍ମକର୍ତ୍ତା ଭାବେ ସେକ ଜମାଲୁଦ୍ଦିନ, ସେକ ନସିରୁଦ୍ଦିନ, ସେକ ଅମିର ଅହମଦ, ମହମ୍ମଦ କରିମ, ସେକ ମୁନିରୁଦ୍ଦିନ, ସୟଦ ସରଫରାଜ ଏବଂ ମୌଲବି ନସିର ଖାଁ ଯୋଗଦେଇଥିଲେ ।

# ଏକତା, ଶୃଙ୍ଖଳା ଓ ଶିକ୍ଷା ଦ୍ୱାରା ବିକାଶ ସମ୍ଭବ - ନରସିଂହ

ବଲାଙ୍ଗିର,୧୦।୯:(ମନ୍ଥନ)ଅଂଚଳର ଲୋକଙ୍କ ଭିତର ଏକତା ଓ ଶୃଙ୍ଖଳା ରହୁ ଯା ଦ୍ୱାରା ଆପଣମାନଙ୍କ ଭିତରେ ଭାଇଚାରା ପ୍ରତିଷ୍ଠା ହୋଇପାରିବ, ତା ସହ ଆପଣମାନେ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରନ୍ତୁ ଯାହାକି ଆପଣମାନଙ୍କର ତଥା ଏ ଅଂଚଳର ସାମଗ୍ରିକ ବିକାଶ ସମ୍ଭବ ହେବ ବୋଲି ଆଜି ଶିକାଛିଡା ପଂଚାୟତ ଶିକାଛିଡା ଠାରେ ଗଣପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କୋଠା ଉଦ୍ଘାଟନ ଅବସରରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଛନ୍ତି । ସେ ଏହା ସହ ଆହୁରି ମଧ୍ୟ କହିଛନ୍ତି କ୍ଲବ ଘର ହେଉ କି ଗୋଷ୍ଠି କେନ୍ଦ୍ର ଉଦ୍ଘାଟନ ହେଉ ଏହା ଅଂଚଳର ବିକାଶ ଦିଗରେ ଏତେ ବେଶି ପ୍ରଭାବ ପକାଇ ନ ଥାଏ ଯଦି ଆପଣମାନେ ପ୍ରକୃତ ବିକାଶ ଚାହୁଁଛନ୍ତି ତେବେ ଏ ଅଂଚଳରେ ଶିକ୍ଷା ଯେପରି ଠିକ୍ ହିସାବରେ ହୋଇପାରିବ ସେ ପ୍ରତି ଧ୍ୟାନ ଦିଅନ୍ତୁ । ଏ ଅଂଚଳର ଛୋଟ ଛୋଟ ଛୁଆମାନଙ୍କ ବିଦ୍ୟା ଅଧ୍ୟୟନ ପ୍ରତି ଧ୍ୟାନ ଦିଅନ୍ତୁ । ସ୍କୁଲ, କଲେଜର ଅଭାବ ଯେପରି ପୁରଣ ହୋଇପାରିବ ସେ ଦିଗରେ ଏକତ୍ରିତ ହୋଇ କାମ କରନ୍ତୁ କାରଣ ଆପଣମାନେ ବିଭାଜିତ ହେଲେ ଅଂଚଳର ବିକାଶ ରେ ପ୍ରତିବନ୍ଧକ ସୃଷ୍ଟି ହେବ ବୋଲି ଶ୍ରୀ ମିଶ୍ର କହିଥିଲେ । ଲୋକଙ୍କ ସହ ଆଲୋଚନା ବେଳେ ଏ ଅଂଚଳରେ ଧାନକିଣା କେନ୍ଦ୍ର ନ ଥିବାରୁ ଏଠାରୁ ବହୁତ ଦୂରରେ ଥିବା ଖୁଜେନପାଲି ଧାନକିଣା କେନ୍ଦ୍ରରେ ଏ ଅଂଚଳର ଚାଷୀ ଧାନ ବିକ୍ରି କରିବା ପାଇଁ ଯାଉ ଥିବା ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଥିଲେ । ଶ୍ରୀ ମିଶ୍ର ଏହାର ସମାଧାନ ପାଇଁ ଏଠାରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଧାନ କିଣିବା ପାଇଁ ସମବାୟ ବିଭାଗକୁ ଅର୍ଜି ଲେଖୁ ସେ ଦିଗରେ ସେ ନିଶ୍ଚିତ ଭାବରେ ସହଯୋଗ କରିବେ ବୋଲି ଶ୍ରୀ ମିଶ୍ର ଉପସ୍ଥିତ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ଦଳପଡା ଉଚ୍ଚବିଦ୍ୟାଳୟ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

କନ୍ଧମାଳ,୧୦।୯:(ମନ୍ଥନ)କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ, ଖୁସି କେୟାର ହସ୍ପିଟାଲ ଓ ବିଦ୍ୟାଳୟ ର ଇକୋ କ୍ଲବ ର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦଳପଡା ପଂଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଟ୍ରମକ୍ଟ୍ର ର ସଭାପତି ଡକ୍ଟର ଦିଲ୍ଲୀପ କୁମାର ସାହାଣୀ,ସମ୍ମାନିତ ଅତିଥି ଭାବେ ଉପସଭାପତି ଦ୍ୱୟ ସୁବାସ ଚନ୍ଦ୍ର ପ୍ରଧାନ ଓ ଶୁଭେନ୍ଦୁ ତ୍ରିପାଠୀ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ବାରିକ, ସମସ୍ତ କର୍ମଚାରୀ ଓ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ । ଏଥି ପାଇଁ ଆବଶ୍ୟକ ବୃକ୍ଷ ଚାରା ଖୁସି କେୟାର ହସ୍ପିଟାଲ ପକ୍ଷରୁ ଯୋଗାଇଦିଆ ଯାଇଥିଲା । ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପାଇଁ ପି ଏଚ ଡି ଡିଗ୍ରୀ ହାସଲ କରିଥିବା ଡକ୍ଟର ଦିଲ୍ଲୀପ କୁମାର ସାହାଣୀ ଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆଟାର ଏକ ରାଜ୍ୟସ୍ତରୀୟ ଟିମ ପୁରୀ ଜିଲ୍ଲାର ପ୍ରମୁଖଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ଗୋପ, ୧୦।୯:(ମନ୍ଥନ)ଆସୋସିଏସନ ଅଫ ଟୁଇଟର ଏକ୍ଟିଭିଷ୍ଟସ୍ 'ଆଟା' ର ସଦସ୍ୟମାନେ ଗତ କାଲି ପୁରୀ ଜିଲ୍ଲାର ପ୍ରମୁଖ ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି ।ଏହା ଏକ ସୌଜନ୍ୟ ମୂଳକ ସାକ୍ଷାତକାର ସହିତ ପୁରୀ ଜିଲ୍ଲାର ସମସ୍ୟାକୁ ଉପସ୍ଥାପନା କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ଆଗକୁ ଯେହେତୁ ପାର୍ବଣ ଋତୁ ଆସୁଛି ସେଥିପାଇଁ ପୁରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ସୁରକ୍ଷା ଉପରେ ଗୁରୁତ୍ୱ ଦେବାପାଇଁ ଏସପିଙ୍କୁ ସାକ୍ଷାତ କରିଥିଲେ । ଖାସ କରି ଜିଲ୍ଲା ପୋଲିସ ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର କାର୍ଯ୍ୟକାରୀ ହେଉ ବୋଲି ଦାବି କରାଯାଇଛି । ଯଦି କୌଣସି କ୍ଷେତ୍ରରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ କିଛି ବି ଅସୁବିଧା ହୁଏ ସେମାନେ ତୁରନ୍ତ ଉକ୍ତ ନମ୍ବର ସହିତ ଯୋଗାଯୋଗ କରିପାରିବେ । ନମ୍ବର ଗୁଡିକ ଏକ ସାର୍ବଜନୀନ ସ୍ଥାନ ମାନଙ୍କରେ ହି ବଡ଼ ବଡ଼ ସାଇନ ବୋର୍ଡ ରେ ସତର୍କତା ସୂଚନା ସହିତ ଟୋଲଫ୍ରି ନମ୍ବର ଟି ମଧ୍ୟ ଲେଖାଯାଉ । ତାହା ଓଡ଼ିଆ, ହିନ୍ଦୀ, ଇଂଲିଶ ଭାଷାରେ ଲେଖା ହୋଇଥିବ । ଏଥିପାଇଁ ଜିଲ୍ଲାପାଳ ମହୋଦୟଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି ।ତତସହିତ ପୁରୀ ଜିଲ୍ଲାର ସମସ୍ତ ସରକାରୀ ଅନୁଷ୍ଠାନରେ ସାମାଜିକ ଗଣମାଧ୍ୟମ ଏକ୍ସକୁ ବାଧ୍ୟତାମୂଳକ କରିବା ପାଇଁ



ଅନୁରୋଧ କରିଥିଲେ । ଗୋପ ବ୍ଲକ କୋଡିନେଟର ସଚିନ ଗୋଛାୟତ ।ଶ୍ରୀମନ୍ଦିର ପ୍ରଶାସନ ଜରିଆରେ ବିଭାଗୀୟ ଅଧିକାରୀ ମାର୍ଗଦର୍ଶନରେ ଶ୍ରୀମନ୍ଦିର ଓ ଠାକୁରଙ୍କ ପବିତ୍ର ବଡଦାଣ୍ଡକୁ ଥରେ ମାତ୍ର ବ୍ୟବହାର ଯୋଗ୍ୟ ଓ ପଲିଥିନ ମୁକ୍ତ କରାଯିବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଅଛି । ଏନେଇ ଶ୍ରୀମନ୍ଦିର ପ୍ରଶାସକ ମୁଖ୍ୟଙ୍କ ପରାମର୍ଶ କ୍ରମେ ଯଥାସାଧ୍ୟ ସହଯୋଗ କରିବାକୁ ଆମ ସଙ୍ଗଠନ ପ୍ରତିଶ୍ରୁତି ଦେଉଛି । କୋଭିଡ -୧୯ ପରଠୁ ଗୁଣ୍ଡିଚାଘର ବନ୍ଦ ରହିଥିବାରୁ ଦୈନିକ ଲକ୍ଷାଧିକ ଭକ୍ତ ଠାକୁରଙ୍କ ଜନ୍ମ ବେଦୀ ନଦେଖି ମନ ଦୁଃଖରେ ଫେରୁଛନ୍ତି । ଏନେଇ ସଙ୍ଗଠନ ପକ୍ଷରୁ ୩ ତାରିଖରେ ଲିଖିତାକାରେ ଆବେଦନ କରିବା ପରେ ୫ ଦିନ ଧରି ଗୁଣ୍ଡିଚା ଘର ସମ୍ମୁଖରେ ଯାତ୍ରୀଙ୍କୁ ଭେଟି ଯେତିକି ତଥ୍ୟ ସଂଗ୍ରହ କରିଛନ୍ତି ଗୁଣ୍ଡିଚାଘର ବାବଦରେ ଜଣାଇବା ସହ ସେମାନଙ୍କ ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମ ଜରିଆରେ ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇଛି ।

# କାର କୁ ଧକ୍କା ଦେଲା ଡ଼ବଲ ଡେକର ବସ, ଦୁଇ ମହିଳା ଗୁରୁତର

ପିପିଲି,୧୦।୯:(ମନ୍ଥନ)ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସିଉଳା ଛକ ନିକଟରେ ଏକ କାରକୁ ଧକ୍କା ଦେଲା ସରକାରୀ ଡ଼ବଲ ଡେକର ବସ । ଦୁର୍ଘଟଣା ରେ ରେ ଅଳ୍ପକେ ବର୍ତ୍ତିଛନ୍ତି ଦୁଇ ମହିଳା ଯ ଭୁବନେଶ୍ୱର ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ପିପିଲି ବାଇପାସ ନାୟାରା ପ୍ରେଟୋଲ ପମ୍ପ ସମ୍ମୁଖରେ ରେ କାର ପଛ ପଟ କୁ ଧକ୍କା ଦେଇ ଥିଲା ଡ଼ବଲ ଡେକର ଆମ ବସ । ଭୁବନେଶ୍ୱର ରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା କାର (OD33AK ୮୮୧୩) ପଛ ପଟୁ କୁ ସେହି ରାସ୍ତା ଦେଇ ଯାଉଥିବା ଡବଲ ଡେକର ବସ (OD33AR 1542) ଧକ୍କା ଦେଇଥିଲା । ଫଳରେ କାର ରେ ଥିବା ଦୁଇ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । ଉଭୟ ମହିଳା ଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ କୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଂଚି ଉଭୟ ଗାଡ଼ି କୁ ଜବତ କରିବା ସହ ଡବଲ ଡେକର ବସ ଡ୍ରାଇଭର ବଂଶିଧର ମହାନ୍ତି କୁ ପିପିଲି ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।ଗୁରୁତର ମହିଳା ଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ବେପରୁଆ । ଗାଡି ଚାଳନା ପାଇଁ ବାରମ୍ବାର ସରକାରୀ ବସ ଏଭଳି ଦୁର୍ଘଟଣା ଘଟାଉ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସୂଚନା ଥାଉକି ଚଳିତ ବର୍ଷ ରଥଯାତ୍ରା ସମୟରେ ଭୁବନେଶ୍ୱର ରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା ଆମ ବସ ଦୁର୍ଘଟଣାରେ ତିନି ଯୁବତୀ ଙ୍କ ମୃତ୍ୟୁ ଘଟି ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଆଜିର ଏହି ଘଟଣା ପୁଣିଥରେ ସରକାରୀ ଡ୍ରାଇଭର ଙ୍କ ବେପରୁଆ । ଗାଡି ଚାଳନା ଅଭିଯୋଗ ସାମ୍ନାକୁ ଆସିଛି ।

# ଆରଏମଆଇଟି ଇନଷ୍ଟିଚ୍ୟୁଟରେ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୦।୯:(ମନ୍ଥନ)ଉପକଣ୍ଠ ଅଞ୍ଚଳ କନିଷି ଅନ୍ତର୍ଗତ ଗୋବିନ୍ଦପୁର ସ୍ଥିତ ଆରଏମଆଇଟି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟରେ ଆଜି ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଇଂ ଜିତେନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହପାତ୍ରଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଓ ତୃତୀୟ ବର୍ଷରବଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୁପେ ଅନୁଷ୍ଠାନର ନିର୍ଦ୍ଦେଶକ ତଥା




ହେଟଆଇଟିର ଚେୟାରମ୍ୟାନ ରାଜେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିବା ବେଳେ, ଅନୁଷ୍ଠାନର ସମ୍ପାଦକ ଇଂ ଧିରଜ୍ କୁମାର ପଣ୍ଡା, ଡ ଲକ୍ଷ୍ମୀକାନ୍ତ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନ ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ହେଟଆଇଟିର ଅଧ୍ୟକ୍ଷ ଇଂ ଶିବ ପ୍ରସାଦ ମହପାତ୍ର ସଭାପତିତ୍ୱ କରି ନୂତନ ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସେହିପରି ବିଦ୍ୟାର୍ଥୀ ମାନେ ଈଶ୍ୱର, ପରିଶ୍ରମ ଓ ବିଦ୍ୟାରେ ମନ ଲଗେଇବା ସହ କୁସଙ୍ଗ,ସ୍ୱାର୍ଥ ଓ ନିନ୍ଦା ଠାରୁ ଦୁରେଇ ରହିବା ପାଇଁ ଇଂ ପଣ୍ଡା ପରାମର୍ଶ ଦେଇଥିଲେ ।ସଭାକାର୍ଯ୍ୟ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସ୍ୱେତାଲିନା ପଣ୍ଡା, ଅଜିତ ମହାପାତ୍ର, ସୁଶାନ୍ତ ସାହୁ, ସସ୍ମିତା ବାହିନୀପତି, ରାକେଶ ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ମାନେ ପରିଚାଳନା କରିଥିବା ବେଳେ, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥଲେ ଏବଂ କାର୍ଯ୍ୟକ୍ରମ ଶେଷରେ ଅଧ୍ୟକ୍ଷ ଶ୍ରୀ ମହପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜୋରକଣିରେ ବୋମା ମାଡ଼,ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୧୦।୯:(ମନ୍ଥନ) ଡେଲାଙ୍ଗ ଥାନା ଅନ୍ତର୍ଗତ ଜୋରକଣି (ବିତିପୁର) ଗ୍ରାମରେ ବୋମାମାଡ଼ ଭଳି ଏକ ଅଭାବନୀୟ ଘଟଣା ଘଟିଛି । ହେଲେ ଏଥିରେ କୌଣସି ଧନ ଜୀବନ ହାନୀ ହୋଇ ନ ଥିବାବେଳେ ପୋଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତର ଯାମିନୀ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ନେଇ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଡେଲାଙ୍ଗ ଥାନା ଅନ୍ତର୍ଗତ ଜୋରକଣି(ବିତିପୁର) ଗ୍ରାମର ସ୍ୱର୍ଗତଃ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ(୪୫) ସବୁବେଳେ ନିଜ ଘରେ ବୋମା ତିଆରି କରିବା ନେଇ ଅଭିଯୋଗ ହୋଇଆସୁଛି । ଏଭଳି ବେଆଇନ୍ କାର୍ଯ୍ୟକଳାପ ବିରୋଧରେ ସୂଚନା ଦେଉଥିବା ନେଇ ପୂର୍ଣ୍ଣଚନ୍ଦ୍ରଙ୍କର ପଡୋଶୀ ସେହି ଜୋରକଣି ଗ୍ରାମର ଅଜୟ କୁମାର ସାହୁ(୨୭) ଓ ଅଜୟ କୁମାର ପଲେଇ(୪୦)ଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତେବେ ଏହାକୁ ନେଇ ପୂର୍ଣ୍ଣଚନ୍ଦ୍ର ଉଭୟଙ୍କ ଦାଣ୍ଡ ଦୁଆରକୁ ଲଗାତର ବୋମା ମାଡ଼ କରିଥିବା ନେଇ ସେମାନେ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏପରିକି ଅଭିଯୋଗକାରୀଙ୍କ ବାଡ଼ିରୁ ପୂର୍ଣ୍ଣଚନ୍ଦ୍ର କଦଳୀ ଓ ବାଇଗଣ ଚୋରି କରି ନେଇ ଯାଉଥିବା ସମ୍ପର୍କରେ ଅଜୟ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ତେବେ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କଲେ ବୋମା ପକାଇ ଜୀବନରେ ମାରିଦେବାକୁ ପୂର୍ଣ୍ଣଚନ୍ଦ୍ର କୁଆଡେ ଧମକ ଦେଇଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ଏହି ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ ୩୪୮/୨୫ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜାମିନୀ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ପିପିଲି ଏସଡିପିଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

# ମନ୍ତ୍ରୀଙ୍କ ଚାପରେ ଚାପି ହୋଇ କାର୍ଯ୍ୟ କରୁଛନ୍ତି ପ୍ରଶାସନ - ସନ୍ତୋଷ କୁମାର ପଟ୍ଟନାୟକ

ପାରାଦୀପ,୧୦।୯:(ମନ୍ଥନ)ଜିଲ୍ଲା ଟ୍ରକ ମାଲିକସଂଘ ବିବାଦ ହାଟରେ ପଡି ଦାଣ୍ଡରେ ଗଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ।ଗୋଟିଏ ପଟେ ଏକ ଗୋଷ୍ଠୀ ନିଜର ଐତିହାସିକ ବିଜୟ ପାଳନ କରୁଥିବା ବେଳେ ତାହାକୁ ସିଧାସଳଖ ଟାର୍ଗେଟ କରିଛନ୍ତି ସଭାପତି ଓ ସାଧାରଣ ମାଲିକ ।ଏଠି କିଏ ସତ୍ୟ କିଏ ମିଥ୍ୟା ତାହାକୁ ନେଇ ସାଧାରଣ ମାଲିକ ସନ୍ଦେହ ରେ ପଡିଛନ୍ତି । ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ରେ ହୋଇଛି ଗଣତନ୍ତ୍ର ର ବିଜୟ । ଯାହାକୁ ନେଇ ପାରାଦୀପ ଦୁର୍ଗମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନ ଧରି ରାଜତନ୍ତ୍ର ହିସାବରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସଂଘକୁ ପରିଚାଳନା କରିବା ସହିତ ନିଜର ମନମାନି ରେ କାର୍ଯ୍ୟ କରି ଆସୁଥିଲେ । ଯାହାକୁ ନେଇ ଅସନ୍ତୁଷ୍ଟ ସଙ୍ଘର କାର୍ଯ୍ୟକର୍ତା ମାନେ ବାରମ୍ବାର ପାରାଦୀପ ଏଡିଏମ ଙ୍କ ସହିତ ଜିଲ୍ଲାପାଳ ଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିବା ସହିତ ଏ ନେଇ ହାଇକୋର୍ଟ ରେ ଏକ କେସ ଦାୟର କରିଥିଲେ । ମାନ୍ୟବର ହାଇକୋର୍ଟ ସମସ୍ତ ତଥ୍ୟ ଓ ପ୍ରମାଣ କୁ ଭିତ୍ତିକରି ଶେଷରେ ସଂଘ ପରିଚାଳନା ଦାୟିତ୍ୱ ପ୍ରଶାସନ କୁ ହସ୍ତାନ୍ତର କରିଛନ୍ତି । ଯେ ପର୍ଯ୍ୟନ୍ତ ସଙ୍ଘ ରେ ଗଣତନ୍ତ୍ର ପଦ୍ଧତି ରେ ସଙ୍ଘ ର କାର୍ଯ୍ୟକର୍ତା ନିର୍ବାଚିତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ପ୍ରଶାସନ ସଙ୍ଘ ପରିଚାଳନା କରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ନେଇ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ର କର୍ଯ୍ୟକର୍ତ୍ତା ମାନେ ଖୁସି ରେ ମିଠା ଖାଇ ବାଣ ଫୁଟାଇ ଉତ୍ସବ ପାଳନ କରିଛନ୍ତି । ତେବେ ଏହାର ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କୁ କ୍ଷ ପ୍ରକାଶ ତ୍ରିପାଠୀ ଙ୍କ ଅସୁସ୍ଥତା ହେତୁ ସାମ୍ବାଦିକ ସମ୍ମିଳନୀ ରେ ଯୋଗ ଦେବା ଅସମ୍ଭବ ହୋଇଥିବା ବେଳେ ମା ଦୁର୍ଗା ଙ୍କ ପାଖରେ ଶ୍ରମିକନେତା ପ୍ରକାଶ ତ୍ରିପାଠୀ ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ସଂଘର ସଦସ୍ୟ କ୍ଷ ତେବେ ସଙ୍ଘକୁ ଅଯଥାରେ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ । ନିଜର ପାୱାର କୁ ନେଇ ଯେଉଁଭଳି ବିଭିନ୍ନ ଶିଳ୍ପସଂସ୍ଥାନ ରେ ଲଗାଉଛନ୍ତି ଠିକ ସେହିଭଳି ଜଗତସିଂହପୁର ଜିଲ୍ଲା ମାଲିକ ସଙ୍ଘ କୁ ଭାଙ୍ଗିବାକୁ ଚଳାଇଛନ୍ତି ଅପପ୍ରୟାସ । ଯାହାକୁ ନେଇ ଆଜି ଟ୍ରକ ମାଲିକ ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଏ ନେଇ ଜିଲ୍ଲା ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସିଧାସଳଖ ଅଭିଯୋଗ ଆଣିଛନ୍ତି ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘର ସଭାପତି ସନ୍ତୋଷ କୁମାରଜିଲ୍ଲା ଟ୍ରକ ମାଲିକସଙ୍ଘ ବିବାଦ ହାଟରେ ପଡି ଦାଣ୍ଡରେ ଗଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଗୋଟିଏ ପଟେ ଏକ ଗୋଷ୍ଠୀ ନିଜର ଐତିହାସିକ ବିଜୟ ପାଳନ କରୁଥିବା ବେଳେ ତାହାକୁ ସିଧାସଳଖ ଟାର୍ଗେଟ କରିଛନ୍ତି ସଭାପତି ଓ ସାଧାରଣ ମାଲିକ । ଏଠି କିଏ ସତ୍ୟ କିଏ ମିଥ୍ୟା ତାହାକୁ ନେଇ ସାଧାରଣ ମାଲିକ ସନ୍ଦେହ ରେ ପଡିଛନ୍ତି । ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ରେ ହୋଇଛି ଗଣତନ୍ତ୍ର ର ବିଜୟ । ଯାହାକୁ ନେଇ ପାରାଦୀପ ଦୁର୍ଗମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନ ଧରି ରାଜତନ୍ତ୍ର ହିସାବରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସଂଘକୁ ପରିଚାଳନା କରିବା ସହିତ ନିଜର ମନମାନି ରେ କାର୍ଯ୍ୟ କରି ଆସୁଥିଲେ । ଯାହାକୁ ନେଇ ଅସନ୍ତୁଷ୍ଟ ସଙ୍ଘର କାର୍ଯ୍ୟକର୍ତ୍ତା ମାନେ ବାରମ୍ବାର ପାରାଦୀପ ଏଡିଏମ ଙ୍କ ସହିତ ଜିଲ୍ଲାପାଳ ଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିବା ସହିତ ଏ ନେଇ ହାଇକୋର୍ଟ ରେ ଏକ କେସ ଦାୟର କରିଥିଲେ । ମାନ୍ୟବର ହାଇକୋର୍ଟ ସମସ୍ତ ତଥ୍ୟ ଓ ପ୍ରମାଣ କୁ ଭିତ୍ତିକରି ଶେଷରେ ସଂଘ ପରିଚାଳନା ଦାୟିତ୍ୱ ପ୍ରଶାସନ କୁ ହସ୍ତାନ୍ତର କରିଛନ୍ତି । ଯେ ପର୍ଯ୍ୟନ୍ତ ସଙ୍ଘ ରେ ଗଣତନ୍ତ୍ର ପଦ୍ଧତି ରେ ସଙ୍ଘ ର କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ପ୍ରଶାସନ ସଙ୍ଘ ପରିଚାଳନା କରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ନେଇ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ର କର୍ଯ୍ୟକର୍ତ୍ତା ମାନେ ଖୁସି ରେ ମିଠା ଖାଇ ବାଣ ଫୁଟାଇ ଉତ୍ସବ ପାଳନ କରିଛନ୍ତି । ତେବେ ଏହାର ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କୁ । ପ୍ରକାଶ ତ୍ରିପାଠୀ ଙ୍କ ଅସୁସ୍ଥତା ହେତୁ ସାମ୍ବାଦିକ ସମ୍ମିଳନୀ ରେ ଯୋଗ ଦେବା ଅସମ୍ଭବ ହୋଇଥିବା ବେଳେ ମା ଦୁର୍ଗା ଙ୍କ ପାଖରେ ଶ୍ରମିକନେତା ପ୍ରକାଶ ତ୍ରିପାଠୀ ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ସଂଘର ସଦସ୍ୟ । ତେବେ ସଙ୍ଘକୁ ଅଯଥାରେ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ । ନିଜର ପାୱାର କୁ ନେଇ ଯେଉଁଭଳି ବିଭିନ୍ନ ଶିଳ୍ପସଂସ୍ଥାନ ରେ ଲଗାଉଛନ୍ତି ଠିକ ସେହିଭଳି ଜଗତସିଂହପୁର ଜିଲ୍ଲା ମାଲିକ ସଙ୍ଘ କୁ ଭାଙ୍ଗିବାକୁ ଚଳାଇଛନ୍ତି ଅପପ୍ରୟାସ । ଯାହାକୁ ନେଇ ଆଜି ଟ୍ରକ ମାଲିକ ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଏ ନେଇ ଜିଲ୍ଲା ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସିଧାସଳଖ ଅଭିଯୋଗ ଆଣିଛନ୍ତି ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ । ଆମେ ନ୍ୟାୟାଳୟ ର ନିଷ୍ପତ୍ତି କୁ ସମ୍ମାନ ଦେଉଛୁ, କିନ୍ତୁ ଶିଳ୍ପମନ୍ତ୍ରୀ ଆମ ସଙ୍ଘର କିଛି ମାଲିକ ମାନଙ୍କୁ ନେଇ ଚଳାଇଛନ୍ତି ନିଜର ମନମାନି । ଆମ ସଙ୍ଘ ରେ ଭାଇଚାରା ଅଛି,ବିଭିନ୍ନ ସମୟରେ ଆମର ଭାଇଚାରା ରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ, ଏହାଦ୍ୱାରା ସଭାପତି ଙ୍କ ସହିତ ଅନ୍ୟ କର୍ମକର୍ତ୍ତା ମାନଙ୍କୁ ଅନୁଷ୍ଠାନିକ ଭାବରେ ନିର୍ବାଚିତ କରାଯାଏ । କିନ୍ତୁ କିଛି କୁଚକ୍ରୀ ଶିଳ୍ପମନ୍ତ୍ରୀ ଙ୍କ ସହାୟତା ରେ ସଙ୍ଘ ରେ ଅନିୟମିତତା, ସଙ୍ଘ ର କାଗଜପତ୍ର ନେଇ ଭ୍ରମାତ୍ମକ ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ପ୍ରଦାନ କରିଛନ୍ତି । ଯାହାକୁ ନେଇ ଶିଳ୍ପମନ୍ତ୍ରୀ ଙ୍କ ଚାପରେ ପ୍ରଶାସନିକ ଅଧିକାରୀ ମାନେ କାର୍ଯ୍ୟ କରୁଥିବା ନେଇ ଆଜିର ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିବା ସହିତ ଗତକାଲି ଯେଉଁଭଳି ଆମର ବିଜୟ ହୋଇଛି, ଏଥର ନିର୍ବାଚନ ହେବ, ପ୍ରଶାସନ ଦାୟିତ୍ୱ ନେଇଥିବା ଭଳି ଦେଇଥିବା ଭୁଲ ତଥ୍ୟ କୁ ନେଇ ବର୍ଷୀଛନ୍ତି ସଭାପତି ସନ୍ତୋଷ ପଟ୍ଟନାୟକ । ଆମକୁ ମାନ୍ୟବର ହାଇକୋର୍ଟ ଆସନ୍ତା ନଭେମ୍ବର ଦଶ ତାରିଖ ପର୍ଯ୍ୟନ୍ତ ସ୍ଥିତବସ୍ଥା କାୟମ କରିଥା ସମୟରେ କିଛି କୁଚକ୍ରୀ ଙ୍କ ଏହି ଭୁଲ ତଥ୍ୟ ଘଟଣା କୁ ହାସ୍ୟାସ୍ପଦ ବୋଲି କହିଛନ୍ତି ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ର ସଭାପତି ସନ୍ତୋଷ ପଟ୍ଟନାୟକ । ପଟ୍ଟନାୟକ । ଆମେ ନ୍ୟାୟାଳୟ ର ନିଷ୍ପତ୍ତି କୁ ସମ୍ମାନ ଦେଉଛୁ, କିନ୍ତୁ ଶିଳ୍ପମନ୍ତ୍ରୀ ଆମ ସଙ୍ଘର କିଛି ମାଲିକ ମାନଙ୍କୁ ନେଇ ଚଳାଇଛନ୍ତି ନିଜର ମନମାନି । ଆମ ସଙ୍ଘ ରେ ଭାଇଚାରା ଅଛି,ବିଭିନ୍ନ ସମୟରେ ଆମର ଭାଇଚାରା ରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ, ଏହାଦ୍ୱାରା ସଭାପତି ଙ୍କ ସହିତ ଅନ୍ୟ କର୍ମକର୍ତ୍ତା ମାନଙ୍କୁ ଅନୁଷ୍ଠାନିକ ଭାବରେ ନିର୍ବାଚିତ କରାଯାଏ । କିନ୍ତୁ କିଛି କୁଚକ୍ରୀ ଶିଳ୍ପମନ୍ତ୍ରୀ ଙ୍କ ସହାୟତା ରେ ସଙ୍ଘ ରେ ଅନିୟମିତତା, ସଙ୍ଘ ର କାଗଜପତ୍ର ନେଇ ଭ୍ରମାତ୍ମକ ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ପ୍ରଦାନ କରିଛନ୍ତି କ୍ଷ ଯାହାକୁ ନେଇ ଶିଳ୍ପମନ୍ତ୍ରୀ ଙ୍କ ଚାପରେ ପ୍ରଶାସନିକ ଅଧିକାରୀ ମାନେ ଚାପି ହେଇ କାର୍ଯ୍ୟ କରୁଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀ ରେ କହିବାସହ ଘୋର ନିନ୍ଦା କରିଛନ୍ତି ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ର ସଭାପତି ସନ୍ତୋଷ ପଟ୍ଟନାୟକ ।



# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ 'ସେବା ପକ୍ଷ'କୁ ସଫଳ କରିବ ଯୁବମୋର୍ଚ୍ଚା : ଅଭିଳାଷ ପଣ୍ଡା

ଭୁବନେଶ୍ୱର,୧୧।୯ (ନି.ପ୍ର) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଦେଶର ଯୁବାବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ ସମାଜ ପ୍ରତ୍ୟେକ କ୍ଷେତ୍ରରେ ମୋଦିଜୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଜୀଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ



କରିବା ପାଇଁ ମୋଦିଜୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀଙ୍କ ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ବୃକ୍ଷଚାରା ରୋପଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଜେପି, ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ "ମୋଦୀ ଯୁବା ମାରାଥନ" ଆୟୋଜନ କରାଯିବ ବୋଲି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି।

ଶ୍ରୀ ପଣ୍ଡା କହିଛନ୍ତି ଯେ, ସେବା ପକ୍ଷକୁ ସଫଳ କରିବା ପାଇଁ ଯୁବମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି ଏବଂ ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ କାର୍ଯ୍ୟାଳୟରେ 'ପ୍ରସ୍ତୁତି ବୈଠକ' ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ ଯୋଗଦେଇ ଯୁବବର୍ଗଙ୍କୁ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ମାର୍ଗଦର୍ଶନ ଦେବା ସହିତ ନୂତନ କାର୍ଯ୍ୟକର୍ତାଙ୍କୁ ଏଥିରେ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଜିର ପ୍ରସ୍ତୁତି ବୈଠକରେ ଯୁବ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସୁରକ୍ଷା ଏବଂ ଷ୍ଟେସନ ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ

ଭୁବନେଶ୍ୱର,୧୧।୯ (ନି.ପ୍ର) : ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ମଞ୍ଜେଶ୍ୱର-ତାଳଚେର ସେକ୍ସନ ନିରୀକ୍ଷଣ କରିଥିଲେ। ଯାତ୍ରୀ ଏବଂ ମାଲ ପରିବହନ ପରିଚାଳନା କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ କରିଡରରେ ଟ୍ରେନଗୁଡ଼ିକର ନିରାପଦ, ନିର୍ଭରଯୋଗ୍ୟ ଏବଂ ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ ଟ୍ରେନ ପରିଚାଳନାର ସୁରକ୍ଷା ଦିଗ, ଟ୍ରାକ ଅବସ୍ଥା, ସିଗନାଲିଂ ସିଷ୍ଟମ ଏବଂ ସାମଗ୍ରିକ ଭିତ୍ତିଭୂମି ପ୍ରସ୍ତୁତି ଉପରେ ନିରୀକ୍ଷଣ କେନ୍ଦ୍ରିତ ଥିଲା।



ଗସ୍ତ ସମୟରେ, ଶ୍ରୀ ଫୁଙ୍କୱାଲ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଢେଙ୍କାନାଳ ଏବଂ ତାଳଚେର ଷ୍ଟେସନରେ ପୁନଃବିକାଶ କାର୍ଯ୍ୟର ସମୀକ୍ଷା ମଧ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ହେଉଛି ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ଯାତ୍ରୀ-ଅନୁକୂଳ ହବରେ ପରିଣତ କରିବା ପାଇଁ ସୁବ୍ୟବସ୍ଥିତ ପ୍ରତୀକ୍ଷାଳୟ, ଉନ୍ନତ ସଞ୍ଚାଳନ କ୍ଷେତ୍ର, ଉନ୍ନତ ପ୍ଲାଟଫର୍ମ, ଆଧୁନିକ ସମ୍ମୁଖଭାଗ ଏବଂ ବିଶ୍ୱସ୍ତରୀୟ ଯାତ୍ରା ଅଭିଜ୍ଞତା ପାଇଁ ଆବଶ୍ୟକ ସମସ୍ତ ସୁବିଧା ଉପଲବ୍ଧ ହେବ। ମହାପ୍ରବନ୍ଧକ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉକ୍ତ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମୀକ୍ଷା କରିଥିଲେ। ସୁରକ୍ଷା ମାନଦଣ୍ଡର କଠୋର ପାଳନ, ଉଚ୍ଚ ମାନର କାର୍ଯ୍ୟାନ୍ୱୟନ ଏବଂ ସମସ୍ତ କାର୍ଯ୍ୟ ସମୟସୀମା ଭିତରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକ ଭାରତୀୟ ରେଳବାଇ ପାଇଁ ପ୍ରାଥମିକତା ଏବଂ ଏହା ଯାତ୍ରୀଙ୍କ ଆରାମ ଏବଂ ପରିଚାଳନା ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

# ଶ୍ରୀ ଶ୍ରୀ ଶ୍ରୀ ଗଙ୍ଗାଧର ଈଶ୍ୱରୀୟ ପରିଚାଳନା କମିଟି ନୂତନ ଭାବେ ହେଲା ଗଠନ

କୁକୁଡାଖଣ୍ଡି, ୧୧/୯ (ନି.ପ୍ର) : ଆଜି ଏନେଇ ଏକ ବୈଠକ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ହୋଇଥିଲା। ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ମିଶ୍ର, ଶିଶିର ପଟ୍ଟନାୟକ ଓ ପଣ୍ଡିତ ନାରାୟଣ ଦାଶଙ୍କ ପୌରହିତରେ ବୈଠକ ଆୟୋଜିତ ହୋଇଥିଲା। କମିଟିର ସଦସ୍ୟ ମାନେ ସଭାପତି ଭାବେ ସିଏଚ. ମହେନ୍ଦ୍ର ସୁବୁଦ୍ଧି, ଉପ ସଭାପତି ଲୋକନାଥ ବେହେରା, କର୍ଯ୍ୟକାରୀ ସଭାପତି ମନୋଜ କୁମାର ଦାଶ, ସମ୍ପାଦକ ଭାବେ ନୃସିଂହ ଆଚାର୍ଯ୍ୟ, ସହ ସମ୍ପାଦକ ଦୁର୍ଗା



ପ୍ରସାଦ ମହାପାତ୍ର, କୋଷାଧକ୍ଷ ଶ୍ରୀ ଇ. ଗଣେଶ ଦୋରା ଙ୍କୁ ଚୟନ କରିଥିଲେ । ଏହା ସହିତ ଉପଦେଷ୍ଟା ଭାବରେ ସିମାଞ୍ଚଳ ସାହୁ, ର କାମେଶ୍ୱ ପାତ୍ର ଓ ସୁଶାନ୍ତ କୁମାର ଘୋଷ ଙ୍କୁ ଚୟନ କରାଯାଇଛି । ପର୍ବପର୍ବାଣୀ ସଂଯୋଜକ ବାବୁଲି କୁମାର ସାହୁ ଓ ଗୋଦାମ ସମ୍ପାଦକ ଗୁଣ୍ଡିଚା ସାହୁ ତଥା ଆଇନ ପରାମର୍ଶ ଦାତା ଭାବରେ ଆଇନଜୀବୀ ଶିବ ପ୍ରସାଦ ମିଶ୍ର ଓ ଆଇନଜୀବୀ ଶିଶିର ପଟ୍ଟନାୟକ ଉଭୟଙ୍କୁ ଚୟନ କରାଗଲା । ହିସାବ ଅଧିକ୍ଷକ ଭାବରେ ଭେଙ୍କଟ ରାଓ ଓ କାର୍ଯ୍ୟନିର୍ବାହୀ ସଭ୍ୟ ଭାବରେ ନାଗେଶ୍ୱର ପାତ୍ର, ଶତ୍ରୁଘ୍ନ ସାହୁ, କୁରେଷ୍ଟୁ ପାତ୍ର, ଦିଲ୍ଲୀପ ଆଚାରୀ , ଅଭିରାମ ସାହୁ, ପ୍ରଶାନ୍ତ କୁମାର ସାହୁ, ସୁଧାକର ସାମନ୍ତ, କିଶୋର ପାଣିଗ୍ରାହୀ, ପ୍ରକାଶ କୁମାର ସାହୁ,ବି. ତ୍ରିନାଥ ଦାସ ଓ ବାବୁଲା କୁମାର ସାହୁଙ୍କୁ ଚୟନ କରାଗଲା । ବୈଠକ ଶେଷରେ ସମସ୍ତ କର୍ମକର୍ତ୍ତା ଶପଥ ଗ୍ରହଣ କରି ନିସ୍ୱାର୍ଥପର ଭାବରେ ପ୍ରଭୁ ଗଙ୍ଗାଧରଙ୍କ ସେବାରେ ବ୍ରତୀ ରହିବାକୁ ଶପଥ ନେଇଥିଲେ ।

# ପୋଲିସିକୁ ଖୋଲାଖୋଲି ଚାଲେଞ୍ଜ ଦେଇଛନ୍ତି ଦୁର୍ବୃତ୍ତ

ପୁରୀ,୧୧।୯ (ନି.ପ୍ର) : ଗତକାଲି ଠାରୁ ଆରମ୍ଭ ହୋଇଛି ଅପରେସନ୍ ଚକ୍ର । ପୋଲିସକୁ ମିଳିଛି ୨ଟି ସଫଳତା । ସଦର ଥାନା ଅଂଚଳରେ ୧୪କେଜି ଗଞ୍ଜେଇ ଜବତ ସହିତ ୩ ଜଣକୁ ଧରିଥିବା ବେଳେ, ଚନ୍ଦନପୁର ପୋଲିସ ଦାଦାବଟି ଆଦାୟ କରୁଥିବା ୪ ଜଣକୁ ଧରିବା ସହିତ ବୋମା ଜବତ କରିଛି । ସେହିପରି ପୁରୀଜିଲାର ସିଂହଦ୍ୱାର ଥାନା, ଟାଉନ ଥାନା, ସମୁଦ୍ରକୂଳ ଥାନା, ବଳିଆପଣ୍ଡା ଥାନା, ବାସେଳୀସାହି ଥାନା, କୁମ୍ଭାର ପଡା, ଟ୍ରାଫିକି, ତଳବଣିଆ, ୫,୧୬,୦୦୦ଫାଇନ ଆଦାୟକରି ବାବା ନେଉଥିବାବେଳେ ୨୪ ଘଣ୍ଟା ନ ପୁରୁଣୁ ଆଜି ପୁରୀ ଜଗନ୍ନାଥ ବଲ୍ଲଭରେ ପୁରୀ ପୋଲିସିକୁ ଖୋଲାଖୋଲି ଚାଲେଞ୍ଜ ଦେଇଛନ୍ତି କିଛି ଅସାଧୁ ବ୍ୟକ୍ତି । ପରିବା ବ୍ୟବସାୟୀଙ୍କୁ ଛୁରାମାଡ କରିଛନ୍ତି । ମାର୍କେଟ ଛକ ନିକଟ ଜଗନ୍ନାଥ ବଲ୍ଲଭ ଠାରେ ଘଟିଛି ଏହି ଘଟଣା। ଆକ୍ରମଣର ଶିକାର ପରିବା ବ୍ୟବସାୟୀ ଜଣକ ଚୁଡଙ୍ଗ ସାହି ମଧୁବନ ଅଞ୍ଚଳର ସୁକାନ୍ତ କୁମାର ଦାସ। ତିନିଜଣ ଦୁର୍ବୃତ୍ତ ସୁକାନ୍ତଙ୍କ ବାମ ହାତକୁ ଛୁରୀରେ ଆକ୍ରମଣ କରିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୋକାନ ରୁ ଚୋରି କରିବାକୁ ତାଡୁ ଥିବା ବେଳେ ବାରଣ କରିବାରୁ ଦୁର୍ବୃତ୍ତ ମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ନବମୀ ତିଥିରେ ମା ଡୋକରୀ ଦେବୀଙ୍କ ଛତର ଯାତ୍ରା ସୂଚନା ଦେଲେ ମୁଖ୍ୟ ସେବକ

କଳାହାଣ୍ଡି,୧୧।୯ (ନି.ପ୍ର) : କଳାହାଣ୍ଡି ଜିଲ୍ଲା ମଦନପୂର ରାମପୁର ର ଇଷ୍ଟ ଦେବୀ ମା ଡୋକରୀ ଙ୍କ ଛତର ଯାତ୍ରା ଆସନ୍ତା ତିରିଶ ତାରିଖ ନବମୀ ତିଥି ଦିନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ସେବକ ସୂଚନା ଦେଇଛନ୍ତି । ଆଜି ମଦନପୁର ରାମପୁର ରାଜବାଟି ରେ ମା ଡୋକରୀ ପରିଚାଳନା କମିଟି ର ସଭାପତି ତଥା ମୁଖ୍ୟ ସେବକ, ରାଜା ବୁଧେନ୍ଦ୍ର ପ୍ରତାପ ସିଂହ ଦେଓ, ସମ୍ପାଦକ ଯଶୋବନ୍ତ ସିଂହ ଦେଓ ସୂଚନା ପ୍ରଦାନ କରିଛନ୍ତି । ଚଳିତ ବର୍ଷ ମୁଖ୍ୟ ସେବକ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ଏହି ଛତର ଯାତ୍ରା ର ଆୟୋଜନ କରା ଯାଇଛି। ଜେନା ବୁଢା ମନ୍ଦିରରୁ ସକାଳ ପ୍ରାୟ ୬ଘଣ୍ଟା ସମୟ ରେ ଏହି ଛତର ଯାତ୍ରା ଆରମ୍ଭ ହୋଇ ବିଭିନ୍ନ ଛକ ରେ ଶ୍ରଦ୍ଧାଳୁ, ଭକ୍ତ ଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ସହ ବିଭିନ୍ନ ଲୋକ ନୃତ୍ୟ, ଲୋକ ବାଦ୍ୟ ର ସମାହାର ରେ ଏକ ବିରାଟ ଶୋଭାଯାତ୍ରା କରି ମା ଙ୍କ ବିଜୟ ଛତର କୁ ମା ଡୋକରୀ ମନ୍ଦିର କୁ ଅଣା ଯିବ ବୋଲି କହିଛନ୍ତି । ଏହି ଶୋଭା



ଯାତ୍ରା ସମୟରେ କେହି ଭକ୍ତ ମାଁ ଙ୍କ ଉଦ୍ଦେଶ୍ୟ ରେ ରାଜ ରାସ୍ତା ରେ ବଳୀ ନ ଦେବାକୁ ଅନୁରୋଧ କରା ଯାଇଛି । ଯଦି କେହି ମା ଙ୍କ ଉଦ୍ଦେଶ୍ୟ ରେ ବଳୀ ଦେବାକୁ ଚାହାନ୍ତି, ମୁଖ୍ୟ ମନ୍ଦିର ବାହାରେ ଦେଇ ପାରିବେ ବୋଲି ସୂଚନା ମିଳିଛି । ତେବେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ଛତର ଯାତ୍ରା ଆରମ୍ଭ ହେଉ ଥିବାରୁ ଅଞ୍ଚଳବାସୀ ବହୁତ୍ ମାତ୍ରା ରେ ଉତ୍ସାହିତ ଥିବା ସହ ମାଆ ଙ୍କ ଦର୍ଶନ ସହ ମାଆ ଙ୍କ ଆର୍ଶିର୍ବାଦ ଲାଭ କରନ୍ତୁ ବୋଲି ସମ୍ପାଦକ ଶ୍ରୀ ସିଂହ ଦେଓ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ୫୧ତମ ଶାନ୍ତି ପୂର୍ଣ୍ଣ ଧାରଣାରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟ

ଭୁବନେଶ୍ୱର,୧୧।୯ (ନି.ପ୍ର) : ମନ୍ଦିରମାଳିନୀ ସହର, ଖଣ୍ଡଗିରି, ଧଉଳି ମଧରେ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଅବସ୍ଥିତ। ଏଠାକୁ ଦୂରଦୂରାନ୍ତରୁ ଆସୁଥିବା ଆଗନ୍ତୁକ ସହିତ ଦ୍ରୁତଗାମୀ ରେଳ ଲିଙ୍ଗରାଜ ପାସେଞ୍ଜର ହଲ୍ଟରେ ରହିଲେ ସେମାନେ ସହଜରେ ଭୁବନେଶ୍ୱରର ପର୍ଯ୍ୟଟନ ସ୍ଥଳୀ ଗୁଡିକୁ ବୁଲି ଦେଖିପାରନ୍ତେ। ଏଥି ନିମନ୍ତେ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ୫୧ ମାସ ଧରି ଶାନ୍ତି ପୂର୍ଣ୍ଣ ଧାରଣା ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଠାରେ ଦେଇଚାଲିଛନ୍ତି ।ତା ସହିତ ଲିଙ୍ଗରାଜଙ୍କ ନାମରେ ଏକ ରେଳ ନାମକରଣ, ପାସେଞ୍ଜର ହଲ୍ଟରେ ଅଟୋ ଷ୍ଟାଣ୍ଡ ଓ ପାଞ୍ଚ ଟଙ୍କିଆ ଆହାର କେନ୍ଦ୍ର ଖୋଲିବା ପାଇଁ ଧାରଣାରେ କୁହାଯାଇଥିଲା ।ରେଳ ଉପଭୋକ୍ତା ସମାଚାର ପତ୍ରିକା ଡକ୍ଟର ସୁଦର୍ଶନ ବଳିଆରସିଂହ ଓ ଦାମୋଦର ସାମନ୍ତରାୟଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ।ଅର୍ଜୁନ ଚରଣ ସାମନ୍ତରାୟ, ଦାମୋଦର ସାମନ୍ତରାୟ, ନବକିଶୋର ପ୍ରଧାନ, ଖଗେଶ୍ୱର ବଳ ପ୍ରଭୃତି ଏହି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଧାରଣାରେ ଗିରିଜା ଶଙ୍କର ମହାପାତ୍ର, ରଙ୍କନିଧି ପଟ୍ଟନାୟକ, ଶୁଭେନ୍ଦୁ କୁମାର ସାମନ୍ତରାୟ,ଶେକ୍ କୌଶିକ ଉଦ୍ଦିନ ଓ ଅନେକ ଭାଗ ନେଇଥିଲେ।

# ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବ ବିଜେପି ସରକାର : ମନମୋହନ

ଯାଜପୁର,୧୧।୯ (ନି.ପ୍ର) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସ୍ୱାଧୀନତାର ୭୮ ବର୍ଷ ପରେ ବିଜେପି ଓଡ଼ିଶାରେ ଏକାକୀ ସରକାର ଗଢ଼ିବାରେ ସଫଳ ହୋଇଛି। ସରକାର ପରିବର୍ତ୍ତନ କରିବାରେ ସମସ୍ତଙ୍କ ଯୋଗଦାନ ରହିଛି। ଏଥିରେ ଯାଜପୁର ଜିଲ୍ଲାର ଭୂମିକା ସବୁଠାରୁ ଆଗରେ ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଏବେ ଲୋକଙ୍କ ସରକାର ଚାଲିଛି। ପୂର୍ବରୁ କଂଗ୍ରେସ, ବିଜେଡି ସରକାର ଓଡ଼ିଶାର ଜନସାଧାରଣଙ୍କୁ ଲୁଟି ଚାଲିଥିଲେ। ଏପରିକି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ମଧ କରିପାରି ନ ଥିଲେ। ଏସବୁ ସମାସ୍ୟାର ସମାଧାନ କରି ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଯାଜପୁର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଦଶରଥପୁର ବ୍ଲକର ନନ୍ଦୀପୁରଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଗଠନର ମାତ୍ର ୨୪ ଘଂଟା ମଧ୍ୟରେ ପୁରୀ ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲି ଦିଆଗଲା। ଜଗନ୍ନାଥଙ୍କ ରୀତିନୀତି ପାଇଁ ଅର୍ଥର ଅଭାବ ନ ହେବା ପାଇଁ ଅଗ୍ରୀମ ୫୦୦ କୋଟି ଟଙ୍କା ଦିଆଗଲା। ପ୍ରଭୁ



ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯାଇ ମରାମତି କାର୍ଯ୍ୟ ଶେଷ କରଗଲା। ଧାନ କୁଇଂଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟ ଦୁଇଗୁଣିତ କରିବାରେ ସହାୟତା କରାଗଲା। ରାଜ୍ୟର ମା' ଓ ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରାଗଲା। ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶାର ମା' ଭଉଣୀମାନେ ଏବେ ୧ ନମ୍ବର ହେଲେଣି। ଏହାଦ୍ୱାରା କେବଳ ଆତ୍ମବିଶ୍ୱାସ ବଢ଼ିନି, ଆତ୍ମନିର୍ଭର ଓଡ଼ିଶା ଗଠନର ସ୍ୱପ୍ନ ମଧ ପୂରଣ ହେବାରେ ଲାଗିଛି। ବିଜେପି ଯାହା କହିଛି ତାହା ପୂରା କରିଛି। ସବୁ ଗ୍ରାମରେ ପକ୍କା ସଡ଼କ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୭୫ ହଜାର କିଲୋମିଟର ରାସ୍ତା ଗଢ଼ିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ୧୫ ଲକ୍ଷ୍ୟ ହେକ୍ଟର ଜମିରେ ଜଳସେଚନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସଂକଳ୍ପପତ୍ରରେ ଦିଆଯାଇଥିବା ଗୋଟିଏ ପରେ ଗୋଟିଏ ପ୍ରତିଶ୍ରୁତି ପୂରଣ କରି ବିଜେପି ସରକାର ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି। ଇତିମଧରେ ୨୧ ପ୍ରତିଶ୍ରୁତିରୁ ୧୧ଟି ପୂରଣ ହୋଇସାରିଛି। ବାକି ୭ଟି ପ୍ରତିଶ୍ରୁତି ମଧ ଖୁବ୍‌ଶୀଘ୍ର ପୂରଣ ହୋଇଯିବ। ପୂର୍ବ ସରକାର ସମୟରେ ଏସବୁ ସଂକଳ୍ପ ଓ ବିଶ୍ୱାସର ଅଭାବ ଥିଲା। ଯାଜପୁର ଜିଲ୍ଲା ହେଉଛି ସମ୍ଭାବନାର ଜିଲ୍ଲା। ଏଠାରେ ଖଣିଖାଦନ ଭରପୁର ରହିଛି। ନଦୀଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସବୁ ସୁବିଧା ରହିଛି। ଯାଜପୁର ଜିଲ୍ଲାର କଳିଙ୍ଗ ନଗରରେ ଅନେକ ଶିଳ୍ପସଂସ୍ଥା ରହିଛି। ଏଠାରେ କୃଷିଭିତିକ ଶିଳ୍ପଠାରୁ ଆରମ୍ଭ କରି ଓ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ଏହି ଜିଲ୍ଲାକୁ ୧ ନଂମ୍ବର କରି ଗଢ଼ି ତୋଳିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିସହ ୨୦୪୭ରେ ବିକଶିତ ଭାରତ ଗଠନରେ ଓଡ଼ିଶାର ଯେପରି ସବୁଠାରୁ ଅଧିକ ଯୋଗଦାନ ଦେଇପାରିବ ସେଥିପାଇଁ ଆମ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଓଡ଼ିଶା ଦେଶରେ ୧ନଂ. ରାଜ୍ୟ ହୋଇପାରିବ। ତାଙ୍କର ଯେଉଁ ଭରସା ଓ ବିଶ୍ୱାସ ରହିଛି ତାହାକୁ ରାଜ୍ୟ ସରକାର ନିଶ୍ଚିନ୍ତ ପୂରଣ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ପଦୀପ ବଳସାମନ୍ତ, ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ରାଜ୍ୟ ସମ୍ପାଦକ ସରୋଜ କର, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ମୁଖପାତ୍ର ମନୋଜ ମହାପାତ୍ର, ବବିତା ମଲ୍ଲିକ, ଉମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଂଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକର ନନ୍ଦୀପୁରଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଶରଥପୁର ବ୍ଲକ ପୂର୍ବତନ ଉପାଧକ୍ଷ ବିଷ୍ଣୁଚରଣ ମହାପାତ୍ରଙ୍କ ସମେତ ବିଜେଡି ଓ କଂଗ୍ରେସର ବହୁ ସରପଂଚ, ସମିତି ସଭ୍ୟ ନିଜ ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଥିଲେ।

ଆଜି ସକାଳେ ରାଜ୍ୟ ସଭାପତି ଶ୍ରୀ ସାମଲ ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରି ରାଜ୍ୟର କଲ୍ୟାଣ ଓ ଉନ୍ନତି ପାଇଁ ପ୍ରାର୍ଥନା କରି ଆଶୀର୍ବାଦ ଗ୍ରହଣ କରିଛନ୍ତି । ଏହାପରେ ସଠିପୁର, ଯାଜପୁର ଟାଉନ, ବିଂଝାରପୁର, ବରହଟା ଛକ, ଦଶରଥପୁର, ନନ୍ଦିପୁରରେ ଅନୁଷ୍ଠିତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗତକାଲି ଯାଜପୁର ଜିଲା ଗସ୍ତରେ ଆସି ଧର୍ମଶାଳା ସମେତ ବରୀ, ପାଣିକୋଇଲିରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ। ବିପୁଳ ସ୍ୱାଗତ, ସମ୍ବର୍ଦ୍ଧନା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ଯାଜପୁର ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ୨୩ ବର୍ଷୀୟ ବିବାହିତ ଯୁବତୀ ବିଷ ପିଇ ମୃତ୍ୟୁ ଯୌତୁକ ନିର୍ଯାତନାର ଅଭିଯୋଗ ଆଣିଲେ ପରିବାରବର୍ଗ

କଳାହାଣ୍ଡି,୧୧/୯ (ନି.ପ୍ର) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଭଅଁରମାଲ ଗ୍ରାମର ୨୩ ବର୍ଷୀୟ ଖିରବତି ସାହୁ(ଖୁଲଣା) ଙ୍କ ଗତକାଲି ବିଷ ପିଇ ମୃତ ଘଟିଛି ।ମୃତ୍ୟୁ କୁ ପରିବାର ଲୋକ ହତ୍ୟା ଅଭିଯୋଗ କରି କେସିଙ୍ଗା ଥାନା ର ଦ୍ୱାରସ୍ଥ ହୋଇଛନ୍ତି ।ସୂଚନା ଅନୁଯାୟୀ ମଦନପୁର ରାମପୁର ଥାନା ସାପଲହରା ଗ୍ରାମପାଖ ବାଞ୍ଜିପଡ଼ର ଗ୍ରାମର ୨୩ ବର୍ଷୀୟ ଖିରବତି ସାହୁ ୨୦୨୩ ମସିହା ମାର୍ଚ୍ଚ ମାସରେ କେସିଙ୍ଗା ଥାନା ଭମରମାଲ ଗ୍ରାମର ଜଗନ୍ନାଥ ସାହୁ ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ ତାଙ୍କର ୧ ବର୍ଷ ର ଏକ ଶିଶୁ ପୁତ୍ର ମଧ ଅଛି ।ଲିଖିତ ଅଭିଯୋଗ ଅନୁଯାୟୀ ଗତ



ବୁଧବାର ଦିନ ରାତ୍ର ପ୍ରାୟ ୧୧.୩୦ ସମୟରେ ପୁଅ ର ବାପା ଝିଅ ର ବାପା ଙ୍କୁ ଫୋନ୍ କରି ତମ ଝିଅ ବିଷ ପିଇ ଦେଇଛି ତମେ କେସିଙ୍ଗା ମେଡିକାଲ କୁ ଆସ କହିଥିଲେ। ସଙ୍ଗେ ସଙ୍ଗେ ଝିଅ ର ପରିବାର ର ଦୁଇ ଜଣ ମଟର ସାଇକଲ ରେ ଆସି କେସିଙ୍ଗା ମେଡିକାଲ ରେ ପହଞ୍ଚିଥିଲେ ପରିବାର ଲୋକ ଙ୍କୁ ଦେଖି ବିଷପିଇ ଥିବା ଝିଅ ମୋତେ ପରିବାର ଲୋକେ ଗଳା ଚିପି ବିଷ ପିଆଇ ଦେଇଛନ୍ତି ବୋଲି କହିଲା ବୋଲି ଅଭିଯୋଗ ପତ୍ର ରେ ଲିଖିତ ଅଛି ।ପରେ ବିଷ ପିଇ ଥିବା ଝିଅକୁ ପ୍ରାଥମିକ ଚିକିତ୍ସା ପରେ କେସିଙ୍ଗା ମେଡିକାଲ ରୁ ଭବାନୀପାଟଣା ମେଡିକାଲ କୁ ରେଫର୍ କରାଯାଇଥିଲା ଭବାନୀପାଟଣା ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଲିଖିତ ଅଭିଯୋଗ ଅନୁଯାୟୀ ବାହାଘର ସମୟରେ ଯୌତୁକ ବାବଦରେ ନଗଦ ତିନି ଲକ୍ଷ ଟଙ୍କା ମଟର ସାଇକଲ ଓ ସୁନା ୫ ଭରି ଦେବା ପରେ ମଧ ବାହା ଘରର ୬ ମାସ ପରେ ଝିଅକୁ ସବୁ ସମୟରେ ପାରିବାର ଲୋକେ ଯୌତୁକ ନିର୍ଯ୍ୟାତନା ଅଭିଯୋଗ ଆଣିଛନ୍ତି ପରିବାର ଲୋକ ।ଅଭିଯୋଗ ପରେ ମୃତକ ଙ୍କ ସ୍ୱାମୀ କିମ୍ବା ତାଙ୍କର ପରିବାର ଲୋକଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ କି ତାଙ୍କୁ ଯୋଗାଯୋଗ ସମ୍ଭବ ହୋଇନଥିଲା। ଉକ୍ତ ବିଷୟ ଉପରେ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ ଙ୍କୁ ପଚାରିବାରୁ ଝିଅ ର ପରିବାର ଲୋକେ ଥାନା କୁ ଆସି ଲିଖିତ ଅଭିଯୋଗ କରିଛନ୍ତି ତଦନ୍ତ ଆରମ୍ଭ ହୋଇଛି ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନା କୁ ଆସିବ ବୋଲି ପ୍ରକାଶ କରିଥିଲେ।



# କେନଷ୍ଟାର ଶୁଭାରମ୍ଭ କରିଛି ନେକ୍ସଟ-ଜେନ ୫-ଷ୍ଟାର ସଞ୍ଚୟକାରୀ ୱାଟର ହିଟର

ନୂଆଦିଲ୍ଲୀ, ୧୧।୯ : କେନଷ୍ଟାର, ଯାହାକି ଭାରତର ଏକ ସବୁଠାରୁ ଅଧିକ ବିଶ୍ୱସନୀୟ ବ୍ରାଣ୍ଡ ଆଜି ଏହାର ଅଧୁନତମ ୱାଟର ହିଟର ସମ୍ଭାର ଶୁଭାରମ୍ଭର ଘୋଷଣା କରିଛି, ଗାଧୋଇବାକୁ ନେଇ ଅଭିଜ୍ଞତାର ଏକ ବୈପ୍ଳବାତ୍ମିକ ପ୍ରତିଶ୍ରୁତି ପ୍ରଦାନ କରି। ଆଧୁନିକ ଘର ଗୁଡ଼ିକ ପାଇଁ ଡ଼ିଜାଇନ ହୋଇଥିବା ଏହି ନୂତନ ପୋର୍ଟଫୋଲିଓ ନିରବଚ୍ଛିନ୍ନ ଭାବରେ ଆଧୁନିକ ଜ୍ଞାନକୌଶଳ, ଚ଼ମତ୍କାରୀ ଡ଼ିଜାଇନ ତଥା ଅସମାଧାନ ସୁରକ୍ଷାର ମାଦକତାକୁ ନେଇ ପ୍ରତ୍ୟେକ ଗାଧୁଆକୁ ଏକ ସନ୍ତୁଷ୍ଟିଭରା ତଥା ସମ୍ପୂର୍ଣ୍ଣ ଅଭିଜ୍ଞତାରେ ପ୍ରସ୍ତୁତ କରିପାରିଛି। ଶୁଭାରମ୍ଭର ଅଂଶବିଶେଷ ଭାବରେ, କେନଷ୍ଟାର 'ବାଥ ବନ ଜାଏ' ଅଭିଯାନର ଏକ ପ୍ରଭାବଶାଳୀତାକୁ ଆଗକୁ ବଢ଼ାଇଛି ଯାହାକି 'ଅଧା ସ୍ନାନ'ର ସେହି ଧାରଣା ଯାହା ସାଧାରଣ ୱାଟର ହିଟରରେ ଦେଖାଦେଇଥାଏ ତାକୁ ଧରି ରଖିପାରିଛି। ଏହି ଅଭିଯାନ କେନଷ୍ଟାର ୱାଟର ହିଟର କିଭଳି ଭାବରେ ପ୍ରତ୍ୟେକ ଗାଧୁଆକୁ ସମ୍ପୂର୍ଣ୍ଣ, ଆରାମଦାୟକ ତଥା ଆନନ୍ଦର ଅଭିଜ୍ଞତା ପ୍ରଦାନ କରିପାରିଛି ତାହା ଉପରେ ଦୃଷ୍ଟି ପ୍ରଦାନ କରିଛି।




ସ୍ୱିରଲ ହିଟ ଜ୍ଞାନକୌଶଳରେ ସଜ୍ଜିତ, ଏହି ନୂତନ ୱାଟର ହିଟରର ସମ୍ଭାର ୨୦%ରୁ ଅଧିକ ଗରମ ପାଣି ପ୍ରଭାବ ସହିତ, ଏଥିରେ ରହିଥିବା ଉଚ୍ଚ-ସାନ୍ଦ୍ରତାଯୁକ୍ତ ପିୟୁଏଫ ଇନସ୍ୟୁଲେସନ ୧୦%ରୁ ଅଧିକ ଉତ୍ତାପ ଗ୍ରହଣକାରୀତାକୁ ସୁନିଶ୍ଚିତ କରିବା ସହିତ, ଏହା ମଧ୍ୟ ଶକ୍ତି ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିଥାଏ। ନବୀନତମ ଜର୍ମାନ ବ୍ଲୁ ସାଫାୟାର ଜ୍ଞାନକୌଶଳ ଏହି ଉତ୍ପାଦନର ଜୀବନଧାରାକୁ ଅଧିକ ୪୦% ବ୍ୟାପକ କରିଥାଏ, ଯାହାକି ଏକ ଅତୁଳନୀୟ ସ୍ଥାୟିତ୍ୱ ପ୍ରଦାନ କରିଥାଏ। ଅତିରିକ୍ତ ଭାବରେ, ଏହି ସମ୍ଭାରରେ ରହିଛି ୫-ଷ୍ଟାର ବିଇଇ ରେଟ, ଯାହାକି ବିଦ୍ୟୁତ୍ ବିଲରେ ବହୁ ମୂଲ୍ୟ ଭାବରେ ସଞ୍ଚୟକୁ ସକ୍ଷମ କରିଥାଏ। ଏହାର ଟାଙ୍କିରେ ୭ ବର୍ଷର ୱାରେଣ୍ଟି ସହିତ, ଏହି ୱାଟର ହିଟର ବର୍ଦ୍ଧିତ ସ୍ଥାୟିତ୍ୱ ସହିତ, ସ୍ଥିର ଦକ୍ଷତା ଏବଂ ଗ୍ରାହକ ସନ୍ତୁଷ୍ଟିକରଣର ମଧ୍ୟ ଗ୍ୟାରେଣ୍ଟି ଦେଇଥାଏ।

"କେନଷ୍ଟାରରେ ଆମର ଲକ୍ଷ୍ୟ ସ୍ମାର୍ଟ, ଷ୍ଟାଇଲିଷ୍ଟ ଏବଂ ସ୍ଥାୟୀ ଘରୋଇ ସମାଧାନ ଜରିଆରେ ଭାରତୀୟ ଘର ଗୁଡ଼ିକର ଦୈନନ୍ଦିନ ଜୀବନଧାରାରେ ଉନ୍ନତି ପରିଲକ୍ଷିତ କରାଇବା ମତବ୍ୟକ୍ତ କରି କହିଛନ୍ତି, ସୁନୀଲ ଜୈନ, ସିଇଓ କେନଷ୍ଟାର। ଆମର ଏହି ଅଧୁନତମ ୱାଟର ହିଟର ସମ୍ଭାର ସହିତ ଆମେ ବ୍ରାଣ୍ଡର ପ୍ରତିଶ୍ରୁତିବଦ୍ଧତା 'ହିଟ୍ସ ଫାଷ୍ଟ, ମେକସ ଇଟ ଲାଷ୍ଟ'କୁ ପ୍ରସ୍ତୁତ କରିବା ସହିତ ଅନେକଗୁଡ଼ିଏ ପ୍ରମୁଖ ଗ୍ରାହକ ଅନୁଭୂତ କଷ୍ଟ ବିନ୍ଦୁ ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ ଯାହା ମଧ୍ୟରେ ରହିଛି ଗତିଶୀଳ, ଶକ୍ତି ଦକ୍ଷତା ଏବଂ ସୁରକ୍ଷା ଯେତେବେଳେ କି ଏହି ଡ଼ିଜାଇନ ଏବଂ ଦକ୍ଷତାର ବେଞ୍ଚମାର୍କ ବଜାରରେ ସମସ୍ତଙ୍କୁ ଆକର୍ଷିତ କରିପାରିଛି। ଏହି ନୂତନ ପୋର୍ଟଫୋଲିଓ ନବୀନତାର ପ୍ରତିଶ୍ରୁତିବଦ୍ଧତାର ଏକ ପ୍ରମାଣପତ୍ର ଭାବରେ ଗ୍ରାହକମାନଙ୍କୁ ଆହୁରି ଅଧିକ ଖୁସି କରିବା ସହିତ ପ୍ରତ୍ୟେକ ଦିନର ସ୍ନାନର ଅଭିଜ୍ଞତା ଯେଭଳି ସମ୍ପୂର୍ଣ୍ଣ ଏବଂ ଆନନ୍ଦଦାୟକ ହୋଇପାରିବ ତାକୁ ସୁନିଶ୍ଚିତ କରିପାରିଛି।"

# ପୁରୀରେ ପର୍ଯ୍ୟଟକଙ୍କ ଭିଡ଼ ବୃଦ୍ଧି ପାଉଛି

## ମେକ ମାଇଁ ଟ୍ରିପ୍ସର ପିଲଗ୍ରିମେଜ ଟ୍ରାଭେଲ ଟ୍ରେଣ୍ଡସ ରିପୋର୍ଟ

ଭୁବନେଶ୍ୱର,୧୧।୯ (ନି.ପ୍ର) : ତୀର୍ଥଯାତ୍ରା ଭାରତର ଯାତ୍ରା ଏବଂ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧିଶୀଳ କ୍ଷେତ୍ର ମଧ୍ୟରୁ ଗୋଟିଏ ଭାବରେ ଉଭା ହେଉଛି। ମେକମାଇଁଟ୍ରିପ୍ସର ପିଲଗ୍ରିମେଜ ଟ୍ରାଭେଲ ଟ୍ରେଣ୍ଡସ ୨୦୨୪-୨୫ ଅନୁଯାୟୀ, ଆର୍ଥିକବର୍ଷ ୨୪-୨୫ରେ ୫୬ଟି ତୀର୍ଥସ୍ଥଳରେ ରହଣୀ ବୁକିଙ୍ଗ ୧୯% ବୃଦ୍ଧି ପାଇଛି। ଏଭଳି ତୀର୍ଥସ୍ଥାନ ଭ୍ରମଣ ଗତିବିଧି ବିସ୍ତୃତ-ଆଧାରିତ ଗୁରୁତ୍ୱକୁ ଅଧିକ ଦୃଷ୍ଟି ଦେଇଛି ଯାହା ମଧ୍ୟରେ ରହିଛି ୩୪ଟି ସ୍ଥାନ ଯାହା ଦୁଇଅଙ୍କର ଅଭିବୃଦ୍ଧିର ରେକର୍ଡ଼ କରିଥିବା ବେଳେ ୧୫ଟି ସ୍ଥାନ ୨୫%ରୁ ଅଧିକ ଅଭିବୃଦ୍ଧି କରିଛି। ଏହା ଆଧାତ୍ମିକ ଯାତ୍ରା କିପରି ଯାତ୍ରା ଚାହିଦାର ଏକ ଶକ୍ତିଶାଳୀ ଚାଳକ ହୋଇପଡୁଛି ତାହାକୁ ସ୍ପଷ୍ଟ କରୁଛି। ଯେଉଁ ପ୍ରମୁଖ ତୀର୍ଥ କେନ୍ଦ୍ରମାନଙ୍କରେ ଏଭଳି ଅଭିବୃଦ୍ଧିର ବିସ୍ତାର ଦେଖାଯାଇପାରିଛି ସେଗୁଡ଼ିକ ମଧ୍ୟରେ ରହିଛି ପୁରୀ (ଓଡ଼ିଶା), ପ୍ରୟାଗରାଜ (ଉତ୍ତରପ୍ରଦେଶ), ବାରାଣାସୀ (ଉତ୍ତରପ୍ରଦେଶ), ଅଯୋଧ୍ୟା (ଉତ୍ତରପ୍ରଦେଶ), ଅମୃତସହର (ପଞ୍ଜାବ) ଏବଂ ତୀରୁପତି (ଆନ୍ଧ୍ରପ୍ରଦେଶ), ଯାହା ବୃଦ୍ଧି ପାଇବାରେ ଲାଗିଛି। ଠିକ୍ ସେହି ସମୟରେ ସେହି ସ୍ଥାନଗୁଡ଼ିକ ଦୃଢ଼ ଭାବରେ ଦର୍ଶନୀୟ ସ୍ଥାନ ଭାବରେ ପଞ୍ଜିକୃତ ହୋଇଛି ଯାହା ମଧ୍ୟରେ ରହିଛି ଖାଟୁଶ୍ୟାମଜୀ (ରାଜସ୍ଥାନ), ଓଁମକାରେଶ୍ୱର (ମଧ୍ୟପ୍ରଦେଶ) ଏବଂ ଥିରୁଚେନ୍ଦୁର (ତାମିଲନାଡୁ) ଯାହାକି ଦେଶର ଆଧ୍ୟାତ୍ମିକ ଭ୍ରମଣରେ ବିସ୍ତାରିତ ଦୃଶ୍ୟପଟକୁ ପ୍ରତିଫଳିତ କରୁଛି। ମେକମାଇଁଟ୍ରିପ୍ସର ପିଲଗ୍ରିମେଜ ଟ୍ରାଭେଲ ଟ୍ରେଣ୍ଡସ ୨୦୨୪-୨୫ ରହଣୀ ପାଇଁ ବୁକିଙ୍ଗ ତଥା ପିଲଗ୍ରିମେଜ ହଲିଡ଼େ ପ୍ୟାକେଜ ଆର୍ଥିକବର୍ଷ ୨୪-୨୫ର କ୍ରୟଜନିତ ମଞ୍ଚ ଉପରେ ଆଧାରିତ ଅଟେ।

ପିଲଗ୍ରିମେଜ ଟ୍ରାଭେଲ ଟ୍ରେଣ୍ଡସ ୨୦୨୪-୨୫ସମ୍ପର୍କରେ ମତବ୍ୟକ୍ତ କରି ରାଜେଶ ମାଗୋଓ, ସହପ୍ରତିଷ୍ଠାତା ତଥା ଗ୍ରୁପ ସିଇଓ, ମେକମାଇଁଟ୍ରିପ କହିଛନ୍ତି, "ତୀର୍ଥସ୍ଥାନ ଭ୍ରମଣ ସର୍ବଦା ଆମର ସଂସ୍କୃତିର ଅଂଶବିଶେଷ ଭାବରେ ରହି ଆସିଛି, କିନ୍ତୁ ଆମେ ଏବେ ଯାହା ଦେଖୁଛୁ ତାହା ହେଉଛି ସମଗ୍ର ଦେଶରେ ଏହାର ମାପଚିହ୍ନ ଏବଂ ସ୍ଥିରତା। ଆମେ ଏହାର ଏକ ସ୍ଥିର ଅଭିବୃଦ୍ଧି ଲକ୍ଷ୍ୟ କରିପାରିଛୁ। ଏହି ବର୍ଦ୍ଧିତ ଚାହିଦା ଯାତ୍ରୀଙ୍କ ଆଶାକୁ ବୃଦ୍ଧି କରୁଛି ଏବଂ ଶିଳ୍ପକୁ ଏପରି ନୂତନତ୍ୱ ଆଣିବାକୁ ପ୍ରେରଣା ଦେଉଛି ଯାହା ତୀର୍ଥଯାତ୍ରୀଙ୍କ ଅନନ୍ୟ ଆବଶ୍ୟକତାକୁ ଭଲ ଭାବରେ ପୂରଣ କରିପାରିବ।"

# ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରୁ ଜିଏସଟି ଉଚ୍ଛେଦକୁ ଗ୍ରାହକ ଓ ଶିଳ୍ପ ପାଇଁ ଲାଭଦାୟକ

ଭୁବନେଶ୍ୱର,୧୧।୯ (ନି.ପ୍ର) : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କ ଅଧକ୍ଷତାରେ ଅୟୋଜିତ ଜିଏସଟି ପରିଷଦ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଘୋଷଣା କରିଛନ୍ତି ଯାହା ଫଳରେ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରୁ ସାମଗ୍ରୀ ଏବଂ ସେବା କର (ଜିଏସଟି) ଉଚ୍ଛେଦ କରାଯାଇଥିବା ବେଳେ ବୀମା କମ୍ପାନିମାନଙ୍କୁ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ବ୍ୟବହାର କରିବାର ଅନୁମତି ଦିଆଯାଇଛି। ଏହି ପଦକ୍ଷେପକୁ ଏକ ଦ୍ୱିମୁଖୀ ଉପକାରୀ ପଦକ୍ଷେପ ଭାବେ ଦେଖାଯାଉଛି ଯାହା ଗ୍ରାହକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଅଧିକ ସମ୍ଭବ କରିବ ଏବଂ ବୀମା କ୍ଷେତ୍ରର ବୃଦ୍ଧିକୁ ସମର୍ଥନ କରିବ। ଶ୍ରୀମତୀ ସୀତାରାମଣ କହିଛନ୍ତି ଯେ ଜିଏସଟି ପରିଷଦର ଏହି ନିଷ୍ପତି ସରକାରଙ୍କ ପ୍ରତିଶ୍ରୁତିକୁ ପ୍ରତିଫଳିତ କରୁଛି ଯେ ସ୍ୱାସ୍ଥ୍ୟସେବା ଏବଂ ଆର୍ଥିକ ସୁରକ୍ଷା ଅଧିକ ଲୋକଙ୍କ ପାଖରେ ପହଂଚିବା ଦରକାର। ଜିଏସଟି ପରିଷଦ ବୈଠକ ପରେ ସେ କହିଥିଲେ ଯେ ସ୍ୱାସ୍ଥ୍ୟ ବୀମା ପରିବାର ପାଇଁ ଏକ ଅତ୍ୟାବଶ୍ୟକ ସୁରକ୍ଷା କବଚ ଏବଂ ପ୍ରିମିୟମ୍ ଉପରେ ଟିକସ ଭାର ହ୍ରାସ କରିବା ମଧ୍ୟବିତ ଶ୍ରେଣୀ ଏବଂ ବରିଷ୍ଠ ନାଗରିକ ଭିତରେ ବିଶେଷ ଭାବରେ ଅଧିକ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ। ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରାକେଶ ଜୈନ ଏହି ଘୋଷଣାକୁ ସ୍ୱାଗତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ସେ କହିଛନ୍ତି ଯେ,"ଗ୍ରାହକଙ୍କ ଉପକାର ସହିତ ଉଦ୍ୟୋଗକୁ ଆଗକୁ ବଢ଼ାଇବାକୁ ଥିବା ଏକ ଐତିହାସିକ ପଦକ୍ଷେପ ହେଉଛି ଜିଏସଟି ପରିଷଦର ସ୍ୱାସ୍ଥ୍ୟ ବୀମା ପ୍ରିମିୟମକୁ ଟିକସ ମୁକ୍ତ କରିବା ଏବଂ ବୀମା କମ୍ପାନିମାନଙ୍କୁ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ବ୍ୟବହାର କରିବାର ଅନୁମତି ଦେବାର ନିଷ୍ପତି। ଏହି ସଂସ୍କାର ଲକ୍ଷାଧିକ ପରିବାର, ବରିଷ୍ଠ ନାଗରିକ ଏବଂ ଛୋଟ ବ୍ୟବସାୟଗୁଡ଼ିକ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଅଧିକ ସମ୍ଭବ କରିବ। ସେମାନେ ପ୍ରାୟତଃ ପ୍ରିମିୟମକୁ ଏକ ଅତିରିକ୍ତ ଅର୍ଥନୈତିକ ଭାର ଭାବେ ଦେଖୁଥିଲେ। ପ୍ରବେଶ ଖର୍ଚ୍ଚ କମ୍ କରିବା ଦ୍ୱାରା ଏହା ଅଧିକ ଲୋକଙ୍କୁ ବୀମା ସୁରକ୍ଷା ନେବାକୁ ଉତ୍ସାହିତ କରିବ ଯାହାଦ୍ୱାରା ବିପଦ ସୁରକ୍ଷା ଦୃଢ଼ ହେବ ଏବଂ ବୀମା କ୍ଷେତ୍ରର ଦୀର୍ଘମିଆଦୀ ସ୍ଥିରତା ଉନ୍ନତ ହୋଇପାରିବ। ବୀମା କେବଳ ଏକ ଆର୍ଥିକ ଉତ୍ପାଦ ନୁହେଁ ବରଂ ବଢୁଥିବା ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଏବଂ ଅପ୍ରତ୍ୟାଶିତ ଜରୁରୀ ପରିସ୍ଥିତିରେ ପରିବାରବର୍ଗମାନଙ୍କ ପାଇଁ ଏକ ସୁରକ୍ଷା କବଚ। ଏହି ପଦକ୍ଷେପ ଏହାକୁ ଆର୍ଥିକ ଯୋଜନା ଭିତରେ ଅଧିକ ଗଭୀର ଭାବେ ସ୍ଥାପିତ କରିବାରେ ସାହାଯ୍ୟ କରିବ। ଆମେ ଏହାକୁ ଏକ ଦୂରଦର୍ଶୀ ସଂସ୍କାର ଭାବେ ଦେଖୁଛୁ ଯାହା ଗ୍ରାହକ ଏବଂ ବୀମା କମ୍ପାନି ଉଭୟଙ୍କ ପାଇଁ ଲାଭଦାୟକ ପରିସ୍ଥିତି ସୃଷ୍ଟି କରିବ ଏବଂ ଏକ ସୁସ୍ଥ ଏବଂ ଅଧିକ ଆର୍ଥିକ ଭାବରେ ସୁରକ୍ଷିତ ଭାରତ ଗଠନର ଯାତ୍ରାକୁ ଅର୍ଥପୂର୍ଣ୍ଣ ଯୋଗଦାନ ପ୍ରଦାନ କରିବ।" ଉଦ୍ୟୋଗ ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ, ଯେତେବେଳେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ବଢ଼ିବାରେ ଲାଗିଛି ସେତେବେଳେ ଏହି ସଂସ୍କାର କେବଳ ଭାରତରେ ବୀମା ସାତନ୍ତ୍ରତାକୁ ବଢ଼ାଇବ ନାହିଁ ବରଂ ପରିବାରଗୁଡ଼ିକ ମଧ୍ୟରେ ଶକ୍ତିଶାଳୀ ଆର୍ଥିକ ସ୍ଥିରତା ସୃଷ୍ଟି କରିବ।

# ଏନଆଇଆରଏଫ ୨୦୨୫ରେ ୨୬ତମ ସ୍ଥାନ ହାସଲ କଲା କେଏଲ ୟୁନିଭର୍ସିଟି

ଭୁବନେଶ୍ୱର,୧୧।୯ (ନି.ପ୍ର) : କେଏଲ ଡିମ୍‌ଡ ଟୁ ବି ୟୁନିଭର୍ସିଟି, ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ ଫ୍ରେମୱର୍କ (ଏନଆଇଆରଏଫ) ୨୦୨୫ରେ ଦେଶର ସମସ୍ତ ବିଶ୍ୱ ବିଦ୍ୟାଳୟଗୁଡିକ ମଧ୍ୟରେ ୨୬ତମ ର୍ୟାଙ୍କ ହାସଲ କରି ଭାରତୀୟ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଜର ନେତୃତ୍ୱକୁ ସୁଦୃଢ କରିଛି । ଏହି ଫ୍ରେମୱର୍କ ଏକ ବିସ୍ତୃତ ଓ ସ୍ୱଚ୍ଛ ପଦ୍ଧତିର ବ୍ୟବହାର କରି ଭାରତର ଶିକ୍ଷାନୁଷ୍ଠାନଗୁଡିକୁ ମୂଲ୍ୟାୟନ କରିବା ସହ ର୍ୟାଙ୍କ ପ୍ରଦାନ କରିଥାଏ । ଏହାର ଶୀର୍ଷ ଜାତୀୟ ସ୍ଥିତି ବ୍ୟତୀତ ଏହି ୟୁନିଭର୍ସିଟିକୁ ଇଞ୍ଜିନିୟରିଂ କ୍ଷେତ୍ରରେ ୩୫ତମ, ମୋଟ କ୍ୟାଟାଗୋରିରେ ୪୬ତମ ଓ ମ୍ୟାନେଜମେଂଟ କ୍ଷେତ୍ରରେ ୭୦ତମ ସ୍ଥାନରେ ରଖାଯାଇଛି, ଯାହା ବିବିଧ କ୍ଷେତ୍ରରେ ଉତ୍କର୍ଷତା ପ୍ରଦାନ କରୁଥିବା ଏକ ମଲ୍ଟି-ଡିସିପ୍ଲିନାରୀ ଇନଷ୍ଟିଚ୍ୟୁଶନ ଭାବେ ଏହାର କ୍ଷମତାକୁ ପ୍ରତିଫଳନ କରୁଛି ।




ଏହି ୟୁନିଭର୍ସିଟି ତେଲୁଗୁ-ଭାଷୀ ରାଜ୍ୟଗୁଡିକରେ ଶୀର୍ଷ ଘରୋଇ ଇଞ୍ଜିନିୟରିଂ ଇନଷ୍ଟିଚ୍ୟୁଶନ ହେବାର ସ୍ୱତନ୍ତ୍ରତା ବଜାୟ ରଖିଛି, ଯାହା ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏହାର ନେତୃତ୍ୱକୁ ପ୍ରଦର୍ଶିତ କରୁଛି । ଏହି ଏନଆଇଆରଏଫ ର୍ୟାଙ୍କିଙ୍ଗଗୁଡିକ ଶିକ୍ଷାଦାନ ଗୁଣବତା, ଅନୁସନ୍ଧାନ ଫଳାଫଳ, ଶିକ୍ଷାବିତଙ୍କ କ୍ଷମତା, ଭିତିଭୂମି, ନିଯୁକ୍ତି, ଦକ୍ଷତା ବିକାଶ ଓ ଛାତ୍ରଛାତ୍ରୀଙ୍କ ଫଳାଫଳ ସମେତ ବିଭିନ୍ନ ପରିମାପ ଉପରେ ଆଧାରିତ ଅଟେ । ଏହି ପରିମାପଗୁଡିକରେ କେଏଲ ୟୁନିଭର୍ସିଟିର ନିରନ୍ତର ପ୍ରଦର୍ଶନ ଏହାର ଶିକ୍ଷାଗତ ଦକ୍ଷତା, ଅନୁସନ୍ଧାନ-ଚାଳିତ ଇକୋସିଷ୍ଟମ ଓ ଶିଳ୍ପ-ସମ୍ପର୍ଥତ ଆଭିମୁଖ୍ୟକୁ ପ୍ରଦର୍ଶିତ କରିଛୁ ।

ଏହି ସଫଳତା ସମ୍ପର୍କରେ କେଏଲ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ଉପାଧକ୍ଷ ଇଞ୍ଜିନିୟର କୋନେରୁ ଲକ୍ଷବଜ୍ଚ ହାବିଶ କହିଛନ୍ତି, " ଏହି ସ୍ୱୀକୃତି ଶିକ୍ଷା, ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାରେ ଆମର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ନିରନ୍ତର ପ୍ରୟାସର ଏକ ପ୍ରମାଣ ଅଟେ । ଜାତୀୟ ସ୍ତରରେ ଏଭଳି ଏକ ସମ୍ମାନିତ ର୍ୟାଙ୍କ ହାସଲ କରିବା କେବଳ ଏକ ସଂଖ୍ୟା ନୁହେଁ ବରଂ ଏହା ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏକ ଶିକ୍ଷାନୁଷ୍ଠାନରେ ପରିଣତ ହେବାର ଆମର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି ଯାହା ପରବର୍ତୀ ପିଢିର ଲିଡର, ଉଦ୍ଭାବନ ଓ ପରିବର୍ତନକାରୀଙ୍କୁ ସଶକ୍ତ କରିବ ।" ଶିକ୍ଷାଗତ ସଫଳତା ବ୍ୟତୀତ ଏହି ୟୁନିଭର୍ସିଟି ବିଶ୍ୱବ୍ୟାପୀ ସହଭାଗିତା, ଗବେଷଣା, ଉଦ୍ଭାବନ ଓ ଆନ୍ତର୍ଜାତୀୟ ସହଯୋଗିତା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଜାରି ରଖିଛି । ପ୍ରାୟ ଦୁଇ ଦଶନ୍ଧିର ଦୃଢ ନିଯୁକ୍ତିର ଏକ ପ୍ରମାଣିତ ଟ୍ରାକ ରେକର୍ଡ ଏବଂ ଶିଳ୍ପ ପ୍ରସ୍ତୁତ ଗ୍ରାଜୁଏଟ ସୃଷ୍ଟି କରିବାର ଏକ ପ୍ରତିବଦ୍ଧତା ସହିତ କେଏଲ ଡିମ୍‌ଡ ଟୁ ବି ୟୁନିଭର୍ସିଟି ସାମାଜିକ ଭାବେ ଦାୟିତ୍ୱପୂର୍ଣ୍ଣ ଓ ଆନ୍ତର୍ଜାତୀୟ ସ୍ତରରେ ଦକ୍ଷ ପ୍ରଫେସନାଲମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଉତ୍ସର୍ଗୀକୃତ ରହିବା ସହ ଭାରତୀୟ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି ।

# ସାମସଙ୍ଗ ସିଙ୍ଗଲ ଡ଼ୋର ରେଫ୍ରିଜିରେଟରର ନୂତନ ସମ୍ଭାର ସହିତ ଚମତ୍କାରୀ ଫ୍ଲୋରାଲ ଡ଼ିଜାଇନ ଏବଂ ଦୀର୍ଘସ୍ଥାୟୀ କାର୍ଯ୍ୟଦକ୍ଷତା

ଭୁବନେଶ୍ୱର,୧୧।୯ (ନି.ପ୍ର) : ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଅଧୁନତମ ୧୮୩ ଲିଟର କ୍ଷମତା ସିଙ୍ଗଲ ଡ଼ୋର ଯୁକ୍ତ ରେଫ୍ରିଜିରେଟର ସମ୍ଭାର ଶୁଭାରମ୍ଭର ଘୋଷଣା କରିଛି, ଯାହାକି ଭାରତୀୟ ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସକ୍ଷମକାରୀ ତଥା ଷ୍ଟାଇଲିଷ୍ଟ ପାଇଁ ପ୍ରସ୍ତୁତ ଏକ ଆକର୍ଷଣୀୟ ରେଫ୍ରିଜିରେଟର। ୮ଟି ନୂଆ ମଡ଼େଲ ସହିତ ଦୁଇଟି ଫ୍ଲୋରାଲ ଢ଼ାଂଚ଼ା ମଧ୍ୟରେ, ବେଗୋନିଆ ଏବଂ ୱାଇଲ୍ଡ ଲିଲିକୁ ନେଇ ନୂତନ ସିଙ୍ଗଲ ଡ଼ୋର ରେଫ୍ରିଜିରେଟର ଦୁଇଟି ରଙ୍ଗ ଯଥା – ଲାଲ ଏବଂ ନୀଳ ତଥା ୩ଷ୍ଟାର ଏବଂ ୫ଷ୍ଟାର ଯୁକ୍ତ ଏନର୍ଜି ରେଟିଙ୍ଗରେ ଉପଲବ୍ଧ। ଏହି ନୂତନ ବ୍ୟବସ୍ଥିତକାରୀ ଚ଼କିତ କଳାଭଳି ଡ଼ିଜାଇନ, ଆଧୁନିକ ବିଶେଷତ୍ୱ ତଥା ଉନ୍ନତ ମାନର ସ୍ଥାୟିତ୍ୱକୁ ଏକାଠି କରିଛି, ଯାହାକି ଏହାକୁ ଏକ ଆଦର୍ଶ ପସନ୍ଦ ଭାବରେ ପରିବାରର ଦୈନନ୍ଦିନ ଜୀବନରେ ଏହାର ଷ୍ଟାଇଲ ତଥା ବିଶ୍ୱସନୀୟତା ପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି। ମାନସିକ ସ୍ତରରେ ଏହାର ପାରମ୍ପରିକ ଡ଼ିଜାଇନ ସହିତ, ଏହି ନୂତନ ସିଙ୍ଗଲ ଡ଼ୋର ଯୁକ୍ତ ସମ୍ଭାର ଆଧୁନିକ ଭାରତୀୟ ଘର ଗୁଡ଼ିକ ପାଇଁ ବିଶେଷ ଭାବରେ ପ୍ରସ୍ତୁତ ହୋଇଛି। ବେଗୋନିଆ ଏବଂ ୱାଇଲ୍ଡ ଲିଲି ଫ୍ଲୋରାଲ ଢ଼ାଂଚ଼ା ରୋଷେଇ ଘରର ଆକର୍ଷଣୀୟତାକୁ ଅଧିକ ବୃଦ୍ଧି କରିବା ସହିତ ପତଳା ଗ୍ରାଣ୍ଡେ ଡ଼ୋର ଡ଼ିଜାଇନ ସହିତ ବାର ହାଣ୍ଡେଲ ଏକ ପ୍ରିମିୟମ ଅନୁଭବ ସହିତ ସୁବିଧାଜନକ ବ୍ୟବହାରକାରୀତାକୁ ସୁନିଶ୍ଚିତ କରିପାରିଛି। ଝଲସିଗଲା ଭଳି ରଙ୍ଗ ତଥା ଚ଼ମତ୍କାରୀ ଢ଼ାଂଚ଼ାକୁ ନେଇ ଏହି ରେଫ୍ରିଜିରେଟର ଗୁଡ଼ିକ କେବଳ ଘରୋଇ ସରଞ୍ଜାମରେ ଗଣାଯାଇ ନଥାଏ ଏହା ମନ୍ତବ୍ୟର ଅଂଶ ଭାବରେ ନିରବଚ୍ଛିନ୍ନ ମାଧୁର୍ଯ୍ୟ ଏବଂ ସୌନ୍ଦର୍ଯ୍ୟ ସହିତ କାର୍ଯ୍ୟ ଧାରାକୁ ମଧ୍ୟ ଜାରି ରଖିଥାଏ।




"ନୂତନ ସିଙ୍ଗଲ ଡ଼ୋର ରେଫ୍ରିଜିରେଟର ର ଏହି ନୂତନ ସମ୍ଭାର ସହିତ, ଆମେ ମିଳିତ ଭାବରେ ସାମସଙ୍ଗର ଡ଼ିଜାଇନ ଦକ୍ଷତା ଏବଂ ଜ୍ଞାନକୌଶଳର ନବୀନତାକୁ ଆଣିପାରିଛୁ ଯାହାକି ଏଭଳି ଏକ ଉତ୍ପାଦନ ସୃଷ୍ଟି କରିଛି ଯାହା ସୌନ୍ଦର୍ଯ୍ୟ ଏବଂ ଦକ୍ଷତାରେ ପରିପୂର୍ଣ୍ଣ। ଭାରତୀୟ ଗ୍ରାହକ ମାନଙ୍କ ମଧ୍ୟରେ ଫ୍ଲୋରାଲ ଢ଼ାଂଚ଼ାର ସିଙ୍ଗଲ ଡ଼ୋର ରେଫ୍ରିଜିରେଟର ସବୁଠାରୁ ଅଧିକ ଲୋକପ୍ରିୟ ହୋଇଥିବା ବେଳେ ଏହା ଆମକୁ ସର୍ବମୋଟ ସିଙ୍ଗଲ ଡ଼ୋର ବିକ୍ରୟର ୭୦%ରୁ ଅଧିକ ଯୋଗଦାନ ଦେଇପାରିଛି। ଭାରତୀୟ ଗ୍ରାହକମାନେ ସେହି ଘରୋଇ ସାମଗ୍ରୀର ବୃଦ୍ଧି ପ୍ରାପ୍ତ ଆବଶ୍ୟକତାକୁ ଚାହିଁଥାନ୍ତି ଯାହାକି ସେମାନଙ୍କର ଘରୋଇ ପରି ପାଟି ପାଇଁ ଅତ୍ୟନ୍ତ ଉଲ୍ଲସିତ ହେବା ସହିତ ଏକ ଦୃଢ଼ ଦକ୍ଷତା ପ୍ରଦାନ କରିଥାଏ ତଥା ଏକ ନୂତନ ବ୍ୟବସ୍ଥିତତା ଠିକ୍ ସେହି ସମାନ ଜିନିଷ ପ୍ରଦାନ କରିଥାଏ ଯାହା ମଧ୍ୟରେ ରହିଛି ଷ୍ଟାଇଲର ସନ୍ତୁଳନତା, ସହଜତା ଏବଂ ଦୀର୍ଘ-ସ୍ଥାୟୀ ବିଶ୍ୱାସନୀୟତା" ମତବ୍ୟକ୍ତ କରି କହିଛନ୍ତି, ଘୁଫରାନ ଆଲାମ, ଉପସଭାପତି, ଡ଼ିଜିଟାଲ ଆପ୍ଲାଇନସେସ ବିଜିନେସ, ସାମସଙ୍ଗ ଇଣ୍ଡିଆ।

# ଜିନ୍ଦଲ ଷ୍ଟେନଲେସର ଲକ୍ଷ୍ମୀ ମୁର୍ମୁଙ୍କୁ ଆଇଏସଏ ଜେଣ୍ଡର ଡାଇଭର୍ସିଟି ପୁରସ୍କାର

ଭୁବନେଶ୍ୱର ୧୧।୯ (ନି.ପ୍ର) : ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସଏ) ପକ୍ଷରୁ ଜିନ୍ଦଲ୍ ଷ୍ଟେନଲେସର ଯାଜପୁର ପ୍ଲାଂଟର ଲକ୍ଷ୍ମୀ ମୁର୍ମୁଙ୍କୁ ପ୍ରତିଷ୍ଠିତ ଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସଏ ଷ୍ଟିଲ୍ କନକ୍ଲେଭର ଷଷ୍ଠ ସଂସ୍କରଣର ଉଦଘାଟନୀ ଅଧିବେଶନରେ ମାନ୍ୟବର କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀମତୀ ମୁର୍ମୁଙ୍କୁ ତାଙ୍କର ନେତୃତ୍ୱ, ସମାବେଶୀ ଭାବଧାରା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଂଟରେ ସମାନ କାର୍ଯ୍ୟସ୍ଥଳ ଗଢ଼ିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଲକ୍ଷ୍ମୀ ମୁର୍ମୁ ଗତ ସାତ ବର୍ଷ ଧରି ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ସହିତ କାମ କରୁଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ଶିଖିବା ଦିଗରେ ପ୍ରତିବଦ୍ଧତା ଯୋଗୁଁ ସେ ଏକ୍ସକାଭେଟର, ଜେସିବି, କ୍ରେନ୍ ଏବଂ ଫୋର୍କଲିଫ୍ଟ ଭଳି ଭାରୀ ଯନ୍ତ୍ରପାତି ପରିଚାଳନା କରିପାରୁଛନ୍ତି, ଯେଉଁଥିରେ ଉତ୍ପାଦନ ଶିଳ୍ପରେ ମହିଳାମାନଙ୍କୁ ଏଭଳି ସୁଯୋଗ ବହୁତ କମ୍ ମିଳେ । ଏହି ସମୟ ମଧ୍ୟରେ ଜିନ୍ଦଲ୍ ଷ୍ଟେନଲେସର ଯାଜପୁର ପ୍ଲାଂଟରେ ସେ ସୁରକ୍ଷା ଏବଂ ପରିଚାଳନାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅନେକ ପୁରସ୍କାର ହାସଲ କରିଛନ୍ତି।




ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି,ଲକ୍ଷ୍ମୀ ମୁର୍ମୁ ଆଇଏସଏ ଦ୍ୱାରା ସମ୍ମାନିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଗର୍ବିତ। ଏହା ତାଙ୍କ ଅଧ୍ୟବସାୟ, ଦୃଢ଼ତା ଏବଂ ପ୍ରତିବଦ୍ଧତାକୁ ଦର୍ଶାଉଛି। ଜିନ୍ଦଲ ଷ୍ଟେନଲେସରେ ଆମେ ଏକ ପ୍ରଗତିଶୀଳ କର୍ମକ୍ଷେତ୍ର ନିର୍ମାଣ ପାଇଁ ପ୍ରତିବଦ୍ଧ ଯେଉଁଠାରେ ବିବିଧତା ଏବଂ ସମାନତା କେବଳ ଆଦର୍ଶ ନୁହେଁ, ବରଂ ବାସ୍ତବରେ କାର୍ଯ୍ୟକାରୀ ହେଉଅଛି। ଶ୍ରୀମତୀ ମୁର୍ମୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ମହିଳା ସାହସର ସହ ଏହି କ୍ଷେତ୍ରର ନେତୃତ୍ୱ ନେବେ ବୋଲି ମୁଁ ଆଶାବାଦୀ ଅଛି।

ପୁରସ୍କାର ଗ୍ରହଣ କରିବା ପରେ ଶ୍ରୀମତୀ ମୁର୍ମୁ କହିଥିଲେ,ଏହା ମୋ ପାଇଁ ଏକ ଗର୍ବର ମୁହୂର୍ତ୍ତ। ମୁଁ ଏହାକୁ ସବୁ ମହିଳାଙ୍କ ଏକ ବିଜୟ ଭାବରେ ଦେଖୁଛି, ଯେଉଁମାନେ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ସାହସର ସହିତ ନେତୃତ୍ୱ ନେଇଛନ୍ତି। ମୁଁ ଜିନ୍ଦଲ ଷ୍ଟେନଲେସରେ ମୋର ସହକର୍ମୀ ଏବଂ ମେଂଟରଙ୍କ ପ୍ରତି ସେମାନଙ୍କର ସମର୍ଥନ ପାଇଁ କୃତଜ୍ଞ, ଯାହା ମୋତେ ଆତ୍ମବିଶ୍ୱାସ ଦେବା ସହିତ ଏହି ଯାତ୍ରାରେ ଆଗକୁ ବଢ଼ିବାରେ ସକ୍ଷମ କରିଛି।

୨୦୨୩ ଏବଂ ୨୦୨୪ରେ ଯଥାକ୍ରମେ ମିନୁ ମହନ୍ତ ଏବଂ ସାଗରିକା ସୋରେନଙ୍କ ସଫଳତା ପରେ ଶ୍ରୀମତୀ ଲକ୍ଷ୍ମୀ ମୁର୍ମୁ ହେଉଛନ୍ତି ଜିନ୍ଦଲ ଷ୍ଟେନଲେସର ତୃତୀୟ ମହିଳା ଯିଏକି ଆଇଏସଏ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ଷଷ୍ଠ ସଂସ୍କରଣରେ ସରକାରଙ୍କ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ, ଯାହାଙ୍କ ନେତୃତ୍ୱ ଏବଂ ଦୃଷ୍ଟିକୋଣ ଶିଳ୍ପ ଅଭିବୃଦ୍ଧି ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଦିଗରେ ମାର୍ଗଦର୍ଶନ କରିଆସୁଛି। ଏଥିରେ ଶିଳ୍ପ ନେତୃବୃନ୍ଦ ମଧ୍ୟ ସାମିଲ ହୋଇଥିଲେ, ଯେଉଁମାନେ ଏହି କ୍ଷେତ୍ରର ଭବିଷ୍ୟତକୁ ଆକାର ଦେଉଛନ୍ତି।

# ମଣିପାଲ ହସ୍ପିଟାଲରେ ପ୍ରଥମ ବ୍ରେନ୍ ଏନ୍ୟୁରିଜମ୍ ସର୍ଜରୀ ହାତର ଧମନୀ ମାଧ୍ୟମରେ ସଫଳ

ଭୁବନେଶ୍ୱର, ୧୧।୯ (ନି.ପ୍ର) : ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପୁଣି ଏକ ସଫଳତା ହାସଲ କରିଛି ମଣିପାଲ ହସ୍ପିଟାଲ ଭୁବନେଶ୍ୱର। ପ୍ରଥମଥର ପାଇଁ ଓଡ଼ିଶାରେ 'ବ୍ରେନ୍ ଏନ୍ୟୁରିଜମ୍ ଏଣ୍ଡୋଭାସ୍କୁଲାର ସର୍ଜରୀ' ହାତର ଧମନୀ ମାଧ୍ୟମରେ ସଫଳତାର ସହିତ କରାଯାଇଛି। ସମ୍ବଲପୁରର ୪୦ ବର୍ଷୀୟ ରୋଗୀ ଜଣଙ୍କ,ଭୀଷଣ ମୁଣ୍ଡବ୍ୟଥା, ମୁଣ୍ଡ ବୁଲେଇ ହେବା ଓ ଚେତା ଶୁନ୍ୟ ହୋଇ ମଣିପାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସିଟି ସ୍କାନ ପରୀକ୍ଷା ପରେ ତାଙ୍କ ବ୍ରେନ୍ ଭିତରେ ହେମୋରେଜ୍ ହୋଇଛି ବୋଲି ଚିହ୍ନଟ ହୋଇଥିଲା। ପରବର୍ତ୍ତି ସମୟରେ ତାଙ୍କର ବ୍ରେନ୍ ଆଞ୍ଜିଓଗ୍ରାମ ପରୀକ୍ଷା ପରେ ବ୍ରେନ୍ ଭିତରେ ରକ୍ତ ନଳୀ ଗୁଡିକ ଫୁଲିଥିବା ଚିହ୍ନଟ ହେବା ପରେ ତାଙ୍କ ଜୀବନ ରକ୍ଷା କରିବା ପାଇଁ ତୁରନ୍ତ ସର୍ଜରୀ କରାଯାଇଥିଲା। ମଣିପାଲ ହସ୍ପିଟାଲର ନ୍ୟୁରୋ ଭାସ୍କୁଲାର ଇଣ୍ଟରଭେନ୍ସନାଲ ରେଡିଓଲୋଜିଷ୍ଟ୍ ଡାକ୍ତର ଟି ସୀତମ କୁମାରଙ୍କ ନେତୃତ୍ୱରେ ଗୋଟିଏ ନ୍ୟୁରୋ ଇଣ୍ଟରଭେନ୍ସନ୍ ଟିମ୍ ଗଠନ କରାଯାଇ ତାଙ୍କ ଚିକିତ୍ସା କରାଯାଇଥିଲା। ଡାକ୍ତର ଟି ସୀତମ ହାତର ଧମନୀ ବାଟ ଦେଇ ବ୍ରେନ୍ ଏନ୍ୟୁରିଜମ୍ ପାଖରେ ପହଞ୍ଚି ତାର ସଫଳ ଚିକିତ୍ସା କରିପାରିଥିଲେ। ସର୍ଜରୀ ଫଳରେ ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରିଲା





ଏବଂ ରୋଗୀ ଜଣଙ୍କ ସମ୍ପୂର୍ଣ୍ଣ ସୁସ୍ଥ୍ୟ ଅଛନ୍ତି। ହାତର ଧମନୀ ବାଟ ଦେଇ ବ୍ରେନ୍ ଏନ୍ୟୁରିଜମ୍ ଚିକିତ୍ସା କରିବା ଓଡ଼ିଶାରେ ପ୍ରଥମ ଘଟଣା। ଡାକ୍ତର ଟି ସୀତମ ମତରେ – "ବ୍ରେନ୍ ଏନ୍ୟୁରିଜମ୍ ଏକ ଜଟିଳ ପରିସ୍ଥିତି ତୁରନ୍ତ ଏହାର ଚିକିତ୍ସା କରାନଗଲେ ରୋଗୀଙ୍କ ମୃତ୍ୟୁ ମଧ ହୋଇପାରେ। ହାତର ଧମନୀ ବ୍ରେନ୍ ପାଖରେ ଥିବାରୁ ଏହି ଧମନୀ ମାଧ୍ୟମରେ ସର୍ଜରୀ କଲେ ଆମେ ଶୀଘ୍ର ବ୍ରେନ୍ ନିକଟରେ ପହଞ୍ଚି ପାରିଥିଲୁ ଏବଂ ରୋଗୀଙ୍କ ଶୀଘ୍ର ଚିକିତ୍ସା କରିଥିଲୁ ଫଳରେ ରୋଗୀ ଜଣଙ୍କ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏହା ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଯାହାକି ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଛି। ଏହି ସର୍ଜରୀରେ ସହଯୋଗ କରିଥିବାରୁ ଏଥିପାଇଁ ଡାକ୍ତର ଟି ସୀତମ, ମଣିପାଲ ହସ୍ପିଟାଲର ନ୍ୟୁରୋସର୍ଜରୀ ବିଭାଗର ଡାଇରେକ୍ଟର ତଥା ସିନିୟର କନସଲ୍ଟାଣ୍ଟ ଡାକ୍ତର ଅମିତ୍ ଜଶୱାଲ, ନ୍ୟୁରୋ ଆନେସ୍ଥେସିଆ ଡାକ୍ତର ସୌରଭ ଶର୍ମାଙ୍କ ସମେତ କ୍ୟାଥ ଲାବ୍ ଓ ନ୍ୟୁରୋ ଆଇସିୟୁର ସମସ୍ତ ଡାକ୍ତର ଓ ନର୍ସ ମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

# ମରିସସ ପ୍ରଧାନମନ୍ତ୍ରୀଙ୍କ ସହ ମିଳିତ ପ୍ରେସ ବିବୃତ୍ତି: ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ, ୧୧।୯ (ପିଆଇବି): ମରିସସ୍ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଅଭିଭାଷଣ ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହା ମୋ ପାଇଁ ଗର୍ବର କଥା ଯେ, ମୁଁ ଆପଣଙ୍କୁ ମୋର ସଂସଦୀୟ କ୍ଷେତ୍ରରେ ସ୍ୱାଗତ କରିବାର ସୁଯୋଗ ପାଇଛି। କାଶୀ ଅନାଦି କାଳରୁ ଭାରତର ସଭ୍ୟତା ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ ହୋଇଆସିଛି ।

ଶହ ଶହ ବର୍ଷ ପୂର୍ବରୁ ଆମର ସଂସ୍କୃତି ଏବଂ ପରମ୍ପରା ଭାରତରୁ ମରିସସରେ ପହଞ୍ଚିବା ସହ ସେଠାକାର ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟି ଥିଲା। କାଶୀରେ ମା' ଗଙ୍ଗାଙ୍କ ଅବିରତ ପ୍ରବାହ ପରି, ଭାରତୀୟ ସଂସ୍କୃତିର ଏହି ନିରନ୍ତର ଧାରା ଆଜି ପର୍ଯ୍ୟନ୍ତ ମରିସସକୁ ସମୃଦ୍ଧ କରିଆସୁଛି।

ଯେତେବେଳେ ଆମେ କାଶୀରେ ମରିସସର ବନ୍ଧୁମାନଙ୍କୁ ସ୍ୱାଗତ କରୁଛୁ, ଏହା କେବଳ ଏକ ଔପଚାରିକତା ନୁହେଁ ବରଂ ଏକ ଆଧ୍ୟାତ୍ମିକ ମିଳନ। ସେଥିପାଇଁ ମୁଁ ଗର୍ବର ସହିତ କହୁଛି ଯେ, ଭାରତ ଏବଂ ମରିସସ କେବଳ ଅଂଶୀଦାର ନୁହଁନ୍ତି ବରଂ ଏକ ପରିବାର।

ମରିସସ୍ ହେଉଛି ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଏବଂ ଦୃଷ୍ଟିକୋଣ 'ମହାସାଗର'ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ମାର୍ଚ୍ଚ ମାସରେ, ମୁଁ ମରିସସର ଜାତୀୟ ଦିବସ ସମାରୋହରେ ଯୋଗଦେବାର ସୌଭାଗ୍ୟ ପାଇଥିଲି। ସେହି ସମୟରେ ଆମେ ଆମର ସମ୍ପର୍କକୁ 'ଉନ୍ନତ ରଣନୈତିକ ସହଭାଗୀତା'ର ସ୍ଥିତିକୁ ଉନ୍ନୀତ କରିଥିଲୁ। ଆଜି ଆମେ ଦ୍ୱିପାକ୍ଷିକ ସହଯୋଗର ସମସ୍ତ ଦିଗକୁ ବିସ୍ତୃତ ଭାବରେ ସମୀକ୍ଷା କରିଛୁ। ଆମେ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତାମତ ଆଦାନପ୍ରଦାନ କରିଛୁ।

ମୁଁ ପ୍ରଧାନମନ୍ତ୍ରୀ ରାମଗୁଲାମ ଓ ମରିସସ୍ର ଜନତାଙ୍କୁ ଚାଗୋସ୍ ଚୁକ୍ତିନାମା ସମାପ୍ତ ହୋଇଥିବା ଯୋଗୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏହା ମରିସସ୍ର ସାର୍ବଭୌମତ୍ୱର ଏକ ଐତିହାସିକ ବିଜୟ। ଭାରତ ସଦା ସର୍ବଦା ଉପନିବେଶମୁକ୍ତି ଏବଂ ମରିସସର ସାର୍ବଭୌମତ୍ୱର ପୂର୍ଣ୍ଣ ସ୍ୱୀକୃତିକୁ ସମର୍ଥନ କରିଆସିଛି । ଏହି ଯାତ୍ରାରେ ଭାରତ ସର୍ବଦା ମରିସସ ସହିତ ଦୃଢ଼ ଭାବରେ ଠିଆ ହୋଇଛି। ମରିସସର ବିକାଶରେ ଏକ ବିଶ୍ୱସ୍ତ ଏବଂ ପ୍ରାଥମିକ ଅଂଶୀଦାର ହେବାରେ ଭାରତ ଗର୍ବ ଅନୁଭବ କରେ । ଆଜି ଆମେ ମରିସସର ଆବଶ୍ୟକତା ଏବଂ ପ୍ରାଥମିକତାକୁ ଧ୍ୟାନରେ ରଖି ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ପାଇଁ ନିଷ୍ପତ୍ତି ନେଇଛୁ। ଏହା ଭିତ୍ତିଭୂମିକୁ ସୁଦୃଢ଼ କରିବ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସ୍ୱାସ୍ଥ୍ୟସେବା ସୁବିଧାକୁ ଆହୁରି ଉନ୍ନତ କରିବ।



ଭାରତ ବାହାରେ, ପ୍ରଥମ ଜନ ଔଷଧି କେନ୍ଦ୍ର ଏବେ ମରିସସରେ ପ୍ରତିଷ୍ଠିତ ହୋଇଛି। ଆଜି ଆମେ ନିଷ୍ପତ୍ତି ନେଇଛୁ ଯେ, ମରିସସରେ 'ଆୟୁଷ ଉତ୍କର୍ଷ କେନ୍ଦ୍ର', ୫୦୦ ଶଯ୍ୟା ବିଶିଷ୍ଟ ସାର ସିୱୁସାଗୁର ରାମଗୁଲାମ ଜାତୀୟ ହସ୍ପିଟାଲ ଏବଂ 'ଭେଟେରିନାରି ସ୍କୁଲ୍ ଓ ପଶୁ ହସ୍ପିଟାଲ୍' ପ୍ରତିଷ୍ଠାରେ ଭାରତ ସହଯୋଗ କରିବ ।ସେହି ସମୟ ମଧ୍ୟରେ, ଆମେ ଚାଗୋସ୍ ସାମୁଦ୍ରିକ ସୁରକ୍ଷିତ କ୍ଷେତ୍ର; ଏସ୍‌ଏସ୍‌ଆର ଅନ୍ତର୍ଜାତୀୟ ବିମାନବନ୍ଦରରେ ଏଟିସି ଟାୱାର; ତଥା ରାଜପଥ ଓ ରିଙ୍ଗ ରୋଡର ସମ୍ପ୍ରସାରଣ ଭଳି ପ୍ରକଳ୍ପଗୁଡ଼ିକୁ ମଧ୍ୟ ଆଗେଇ ନେବୁ। ଏହି ପ୍ୟାକେଜ ଏକ ସହାୟତା ନୁହେଁ। ଏହା ଆମର ସାମୂହିକ ଭବିଷ୍ୟତରେ ଏକ ପୁଞ୍ଜିନିବେଶ ।

ଗତ ବର୍ଷ, ମରିସସରେ ୟୁପିଆଇ ଏବଂ ରୁପେ କାର୍ଡ ଲଞ୍ଚ କରାଯାଇଥିଲା। ଏବେ, ଆମେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟକୁ ସକ୍ଷମ କରିବା ପାଇଁ କାର୍ଯ୍ୟ କରିବୁ ।ଶକ୍ତି ସୁରକ୍ଷା ଆମର ସହଭାଗୀତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଭାରତ ମରିସସକୁ ଏହାର ଶକ୍ତି ପରିବର୍ତ୍ତନରେ ସମର୍ଥନ କରୁଛି। ଆମେ ମରିସସକୁ ୧୦୦ଟି ବୈଦ୍ୟୁତିକ ବସ୍ ଯୋଗାଇ ଦେଉଛୁ, ଯାହା ମଧ୍ୟରୁ ୧୦ଟି ପୂର୍ବରୁ ପ୍ରଦାନ କରାଯାଇଛି। ଶକ୍ତି କ୍ଷେତ୍ରରେ ସମ୍ପନ୍ନ ବ୍ୟାପକ ସହଭାଗୀତା ଚୁକ୍ତିନାମା ଏହି ସହଯୋଗକୁ ଆହୁରି ସୁଦୃଢ କରିବ। ଆମେ ତେମାରିଣ୍ଡ ଜଳପ୍ରପାତରେ ୧୭.୫ ମେଗାୱାଟ ଭାସମାନ ସୌର ଶକ୍ତି କେନ୍ଦ୍ର ପ୍ରତିଷ୍ଠାରେ ସମର୍ଥନ ଦେବାକୁ ମଧ୍ୟ ନିଷ୍ପତ୍ତି ନେଇଛୁ। ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଆମର ଏକ ଦୀର୍ଘକାଳୀନ ସହଭାଗୀତା ରହିଛି। ମରିସସର ୫,୦୦୦ ରୁ ଅଧିକ ନାଗରିକ ଭାରତରେ ପ୍ରଶିକ୍ଷଣ ପାଇସାରିଛନ୍ତି। ମାର୍ଚ୍ଚ ମାସରେ ମୋର ଗସ୍ତ ସମୟରେ, ୫୦୦ ଜଣ ସରକାରୀ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୁଁ ଏହା ଜାଣି ବହୁତ ଖୁସି ଯେ, ପ୍ରଥମ ବ୍ୟାଚ୍ ବର୍ତ୍ତମାନ ମସୁରୀରେ ପ୍ରଶିକ୍ଷଣ ନେଉଛନ୍ତି ।ଆଜି, ଆମେ ମରିସସରେ ଏକ ନୂତନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛୁ। ବହୁତ ଶୀଘ୍ର, ଆମେ ମରିସସରେ ମିଶନ କର୍ମଯୋଗୀର ତାଲିମ ମଡ୍ୟୁଲ ମଧ୍ୟ ଆରମ୍ଭ କରିବୁ ।ମାଡ୍ରାସର ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଏବଂ ଭାରତୀୟ ବୃକ୍ଷରୋପଣ ପରିଚାଳନା ସଂସ୍ଥାନ ମରିସସ ବିଶ୍ୱବିଦ୍ୟାଳୟ ସହିତ ଚୁକ୍ତିନାମା କରିଛନ୍ତି। ଏହି ଚୁକ୍ତିନାମାଗୁଡ଼ିକ ଗବେଷଣା, ଶିକ୍ଷା ଏବଂ ନବସୃଜନରେ ଆମର ସହଭାଗୀତାକୁ ନୂତନ ଶିଖରକୁ ନେଇଯିବ।

ଏକ ମୁକ୍ତ, ଖୋଲା, ସୁରକ୍ଷିତ, ସ୍ଥିର ଏବଂ ସମୃଦ୍ଧ ଭାରତ ମହାସାଗର ଆମର ମିଳିତ ପ୍ରାଥମିକତା। ଏହି ପରିପ୍ରେକ୍ଷୀରେ, ଭାରତ ମରିସସର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରର ସୁରକ୍ଷାକୁ ସୁଦୃଢ଼ କରିବା ତଥା ଏହାର ସାମୁଦ୍ରିକ କ୍ଷମତା ବୃଦ୍ଧି କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ।ଭାରତ ସଦାସର୍ବଦା ଭାରତ ମହାସାଗର କ୍ଷେତ୍ରରେ ପ୍ରଥମ ପ୍ରତିକ୍ରିୟାଦାତା ଏବଂ ନେଟ୍ ସୁରକ୍ଷା ପ୍ରଦାନକାରୀ ଭାବରେ ଦଣ୍ଡାୟମାନ ହୋଇଛି ।ଭାରତରେ ମରିସସ ତଟରକ୍ଷୀ ଜାହାଜର ପୁନଃନିର୍ମାଣ କରାଯାଉଛି। ଏହା ସହିତ, ସେମାନଙ୍କର ୧୨୦ ଜଣ ଅଧିକାରୀଙ୍କୁ ମଧ୍ୟ ଭାରତରେ ପ୍ରଶିକ୍ଷଣ ଦିଆଯାଉଛି। ଆଜି, ଜଳଗ୍ରାଫି କ୍ଷେତ୍ରରେ ସହଯୋଗ ପାଇଁ ଏକ ଚୁକ୍ତିନାମା ସମ୍ପାଦିତ ହୋଇଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ, ଆମେ ମିଳିତ ସର୍ଭେ, ନାଭିଗେସନ୍ ଚାର୍ଟ ଏବଂ ଇଇଜେଡର ଜଳଗ୍ରାଫିକ୍ ତଥ୍ୟ ଉପରେ ଏକାଠି କାମ କରିବୁ।

# ମହାନଦୀ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର, ୧୧।୯:** ବହୁ ଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା। ଜଳ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ। ଯୋଜନାକୁ ମଞ୍ଜୁରୀଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହାନଦୀ ହେଉଛି ଓଡିଶାର ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନ ସ୍ଥଳୀ ଗୁଡିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହିଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଗୁଡିକ ହେଉଛି, ନଦୀ କୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା, ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହିତ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବା। ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି ସମ୍ବଲପୁରର ମାଦଳିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଂ ପାର୍କ, ସେଲ୍‌ଫି ପଏଂଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତିକରଣ, ସ୍ନାନ ଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସଫି କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ। ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଙ୍ଗ୍ ରୋଡ ସହିତ ଦୃଶ୍ୟ ପଏଂଟ ବିକାଶ, ଭାସ୍‌ମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କ, କାଫେଟେରିଆ, ଶୌଚାଳୟ, ନଦୀପଥ ସହିତ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟିଟଙ୍କା ବିନିଯୋଗ କରାଯିବ।

# ୧୦ ମାଓବାଦୀ ନିପାତ

ଭୁବନେଶ୍ୱର, ୧୧।୯: ୨୦୨୬ ଏପ୍ରିଲ୍ ସୁଦ୍ଧା ଦେଶରୁ ନକ୍ସଲ ମୂଳପୋଛ ଲକ୍ଷ୍ୟ ନେଇ ପୁଣି ଥରେ ସୁରକ୍ଷାବାହିନୀ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଇଛି। ସୁରକ୍ଷା ବାହିନୀର ଯବାନମାନେ ଓଡ଼ିଶା-ଛତିଶଗଡ଼ ସୀମାରେ ଏକ ବଡ଼ଧରଣର ଏନ୍‌କାଉଣ୍ଟର କରିଛନ୍ତି। ଏଥିରେ ୧୦ ଜଣ ନକ୍ସଲ ନିହତ ହୋଇଛନ୍ତି। ତେବେ ଏହାକୁ ବଡ ଏନକାଉଣ୍ଟର ବୋଲି ପୁଲିସ କହିଛି। ତେବେ ଏହାକୁ ବଡ ଏନକାଉଣ୍ଟର ବୋଲି ପୁଲିସ କହିଛି। କାରଣ ନୂଆପଡ଼ା ଜିଲ୍ଲା ସୀମାନ୍ତ ମହାସମୁନ୍ଦ ଜିଲ୍ଲା ଗରିଆବନ୍ଧ ଜଙ୍ଗଲରେ ଯବାନମାନେ ମୋଡେମ୍ ବାଲକ୍ରିଷ୍ଣାକୁ ନିପାତ କରିଛନ୍ତି। ଏ ନେଇ ଛତିଶଗଡ଼ ପୁଲିସ୍ ପକ୍ଷରୁ ନିଶ୍ଚିତ କରାଯାଇଛି। ଓଡ଼ିଶାରେ ମଧ୍ୟ ମୋଷ୍ଟୱାଣ୍ଟେଡ ମାଓବାଦୀ ରହିଥିଲେ। ଏକାଧିକ ନକ୍ସଲ ହିଂସାକାଣ୍ଡରେ ମନୋଜ ସାମିଲ ଥିଲା । ତାକୁ ବିଭିନ୍ନ ରାଜ୍ୟର ପୁଲିସ୍ ଖୋଜୁ ଥିବା ବେଳେ ଏବେ ତାର ଖେଳ ଖତମ ହୋଇଛି। ନିହତ ମାଓବାଦୀଙ୍କ ମୃତଦେହଗୁଡ଼ିକୁ ବେସ୍ କ୍ୟାମ୍ପକୁ ଅଣାଯାଉଛି। ଏହାପରେ ସ୍ୱତନ୍ତ୍ର ଭାବେ ସେମାନଙ୍କ ପରିଚୟ ଓ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ସମ୍ପର୍କରେ ସୂଚନା ଦିଆଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

ମୋଡେମ ବାଲକ୍ରୀଷ୍ଣା ଏକାଧିକ ନାମରେ ଜଣାଶୁଣା ମନୋଜ, ଭାସ୍କର, ବାଲାନ୍ନା, ରାମଚନ୍ଦ୍ର ଆଦି ନାଁରେ ସେ ପରିଚିତ ତେଲେଙ୍ଗାନାର ହାଇଦ୍ରାବାଦ୍ ନିବାସୀ ମେଡେମ ବାଲକ୍ରୀଷ୍ଣା ପ୍ରାୟ ୩ ଦଶକ ଧରି ମାଓ ସଙ୍ଗଠନ ସହ ଜଡ଼ିତ ରହିଥିଲା। କେନ୍ଦ୍ରୀୟ କମିଟି ଓ ସେଣ୍ଟ୍ରାଲ ରିଜିଓନାଲ ବ୍ୟୁରୋ ସଦସ୍ୟ ଥିଲା। ଓଡ଼ିଶା ରାଜ୍ୟ କମିଟିର ମୁଖ୍ୟ ଥିଲା। ଓଡ଼ିଶା-ଛତିଶଗଡ଼ ସୀମାରେ ସକ୍ରିୟ ଥିଲା। ତା ନାଁରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ପୁରସ୍କାର ଥିଲା। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ ଅଂଚଳରେ ସକ୍ରିୟ ଥିଲା।

ଓଡିଶା ସୀମାରେ ଅବସ୍ଥିତ ଗରିଆବନ୍ଧର ମୈନପୁର ଜଂଗଲରେ ମାଓବାଦୀ ଏକ ବଡକ୍ୟାମ୍ପ କରି ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଯୋଜନା କରୁଥିବା ବେଳେ ଜିଲ୍ଲା ପୁଲିସ, ଡିଆରଜି ଏବଂ ଏସଟିଏଫ ଯବାନ ଚଢାଉ କରିଥିଲେ। ଆଜି ସକାଳରୁ ହିଁ ଗୁଳିବିନିମୟ ଜାରି ରହିଛି। ଏବେ ମଧ୍ୟ ରହି ରହି ଗୁଳିବିନିମୟ ହେଉଥିବା ଏସପି ନିଖିଲ ରାଖେଚ଼ା ପ୍ରକାଶ କରିଛନ୍ତି ଘଟଣାସ୍ଥଳରେ ବହୁ ମାଓବାଦୀଙ୍କ ଶବ ପଡିଥିବା ଏସପି କହିଛନ୍ତି। ଏଥିସହ ଅତ୍ୟାଧୁନିକ ବନ୍ଧୁକ ସହ ମାଓ ସାମଗ୍ରୀ ପଡିଛି ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଛନ୍ତି ବୋଲି ପୁଲିସ କହିଛି ଯବାନ ଫେରିବା ପରେ ହିଁ ସବିଶେଷ ବିବରଣୀ ପ୍ରଦାନ କରାଯାଇପାରିବ ବୋଲି କୁହାଯାଇଛି।

ପ୍ରକାଶ ଥାଉକି ଏହି ଅଂଚଳରେ ହିଁ ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଚଲପତିକୁ ମଧ୍ୟ ପୁଲିସ ମାରିଥିଲା। ଏହା ଦ୍ୱିତୀୟ ବଡ ସଫଳତା ବୋଲି ପୁଲିସ କହୁଛି। ଏହି

ଏକାଉଣ୍ଟରରେ ଓଡିଶା କ୍ୟାଡର ଏସଜେଡସିଏମ ପ୍ରମୋଦ ଅରଫ ପାଣ୍ଡୁ ମଧ୍ୟ ମୃତ୍ୟୁବରଣ କରିଥିବା ପୁଲିସ ଅନୁମାନ କରୁଛି। ଏଥିସହ ଅନ୍ୟ ୩ ଜଣ ବଡ ନେତାଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ପୁଲିସ ଅନୁମାନ କରୁଛି। ମୃତ ସମସ୍ତ ନକ୍ସଲ ଓଡିଶା ରାଜ୍ୟ କମିଟିର ନକ୍ସଲ ଥିଲେ। ଭାଲୁ ଡୋଗି ଜଂଗଲରେ ଏମାନେ ସବୁବେଳେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଏଥର କିନ୍ତୁ ନକ୍ସଲଙ୍କର ସମସ୍ତ ଚାଲକୁ ପୁଲିସ ବିଫଳ କରିଛି। ଯବାନ ପହଞ୍ଚିବା ପରେ ବିସ୍ତୃତ ରିପୋର୍ଟ ମିଳିବ ବୋଲି ପୁଲିସ କହିଛି।

## ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱର ସବୁଠୁ ବଡ ସ୍ୱୟଂସେବକ ସଙ୍ଗଠନ ଆରଏସଏସର ପରମ ପୂଜନୀୟ ସରସଂଘଚାଳକ ଆଦରଣୀୟ ଶ୍ରୀ ଡ.ମୋହନ ଭାଗବତଙ୍କୁ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଅର୍ପଣ କରୁଛି ।ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛି ଯେ, ସେ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ଅବିରାମ ଉର୍ଜାର ଆଶୀର୍ବାଦ ପ୍ରଦାନ କରନ୍ତୁ ।ଆପଣଙ୍କର ତପସ୍ୟା, ତ୍ୟାଗ ଓ ପ୍ରେରଣାଦାୟୀ ମାର୍ଗଦର୍ଶନ ଭାରତୀୟ ସମାଜରେ ଦେଶପ୍ରେମ, ସଂସ୍କାର ଓ ସଂଗଠନର ଭାବନାକୁ ଲଗାତାର ଭାବେ ପ୍ରବାହିତ କରୁ। ଆପଣଙ୍କ ଦୃଷ୍ଟିସାରଥୀ ନେତୃତ୍ୱରେ ଭାରତ ତାଙ୍କ ପ୍ରାଚୀନ ଆଦର୍ଶ, ସନାତନ ମୂଲ୍ୟବୋଧ ଓ ସାଂସ୍କୃତିକ ଗୌରବରୁ ଶକ୍ତି ସଂଗ୍ରହ କରି ପୁନଃ ସର୍ବୋଚ୍ଚ ବୈଭବର ଦିଗରେ ଅଗ୍ରସର ହେଉ।

# ଦୁର୍ନୀତି ରୋକିବା ପାଇଁ ମୁଖ୍ୟସଚିବଙ୍କ କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୧୧।୮: ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ ସଂପର୍କରେ ରାଜ୍ୟ ମୁଖ୍ୟ ଶାସନ ମନୋଜ ଆହୁଜା କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏ ସଂପର୍କରେ ଦୃଢ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଉଲ୍ଲେଖିତ ଏକ ପତ୍ରରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକୈନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି ଯେ, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନହିଁ ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ ପଦକ୍ଷେପ ଆବଶ୍ୟକ। ଏ ସଂପର୍କରେ "ସନ୍ଥାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁସେଥିପ୍ରତି ଆଗୁଆ ପଦକ୍ଷେପ ନେବା ବିଶେଷ ଗୁରୁତ୍ୱ ରଖୁଛି । ପ୍ରତିରୋଧାତ୍ମକଦୁର୍ନୀତି ନିବାରଣ ସଚେତନତା ମାଧ୍ୟମରେ ଅଧିକ ନିୟାମକତା, ଇଚ୍ଛାଧୀନ କ୍ଷମତା, ସେବା ପ୍ରଦାନରେ ଏକାଧିକାର, ଦୁର୍ବଳ ଅଭିଯୋଗ ଶୁଣାଣି ବ୍ୟବସ୍ଥା, ଯାଞ୍ଚ ପ୍ରଣାଳୀରେ କୋହଳ ବ୍ୟବସ୍ଥାଏବଂ ଜନସଚେତନାର ଅଭାବ ପରି ବିଷୟଗୁଡ଼ିକର ସମାଧାନ କରିପାରିବ । ଦୁର୍ନୀତି ନିବାରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଆକର୍ଷଣକାରୀ କ୍ଷେତ୍ରଗୁଡ଼ିକ ମଧ୍ୟରେ : କ୍ରୟ ଏବଂ ଚୁକ୍ତି ପରିଚାଳନା, ମାନବ ସମ୍ବଳ ପରିଚାଳନା, ସେବା ପ୍ରଦାନ, ସର୍ବସାଧାରଣଙ୍କ କାର୍ଯ୍ୟ ନିରୀକ୍ଷଣ ବ୍ୟବସ୍ଥା, ବ୍ୟବସାୟ କରିବାର ସୁବିଧା (ଇଜ୍ ଅଫ୍ ଡୁଇଙ୍ଗ ବିଜନେସ)ଏବଂ 'ଜନ ବିଶ୍ୱାସ ବିଲ୍' କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କ୍ରୟ ଏବଂ ଚୁକ୍ତି ପରିଚାଳନାକ୍ଷେତ୍ରରେ ଇ-କ୍ରୟ (ପ୍ରୋକ୍ୟୋରମେଣ୍ଟ), ଇ-ଟେଣ୍ଡରିଂ ଏବଂ ତୃତୀୟ ପକ୍ଷ ସାର୍ଟିଫିକେସନ୍ ଅବଲମ୍ବନ କରିବାଦ୍ୱାରା ଇଚ୍ଛାଧୀନ କ୍ଷମତାର ବ୍ୟବହାର ସମ୍ଭାବନା କମିଥାଏ ଏବଂ ସ୍ୱଚ୍ଛତା ସୁନିଶ୍ଚିତ ହୁଏ। ଉଦାହରଣସ୍ୱରୂପ, ଯେଉଁସବୁ ବିଭାଗମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଅନଲାଇନ୍ ଟେଣ୍ଡରିଂ ବ୍ୟବହାର କରୁଛନ୍ତି, ସେଥିରେ ପକ୍ଷପାତିତା ସଂପର୍କିତ ଅଭିଯୋଗ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଦେଖାଯାଇଛି।

ମାନବ ସମ୍ବଳ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନକୁ ଗୁରୁତ୍ୱ ଦିଆଯାଇ ଅନଲାଇନ୍ ବଦଳୀ ନୀତିର କାର୍ଯ୍ୟକାରିତା ଏବଂ ସମ୍ବେଦନଶୀଳ ପଦବୀରେ କର୍ମଚାରୀମାନଙ୍କର ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ,ଅନୁଚିତ ଲାଭ ପ୍ରବୃତ୍ତିକୁ ନିରୁତ୍ସାହିତ କରେ। କିଛି ବିଭାଗନ୍ୟାୟସଙ୍ଗତ ଓ ସ୍ୱଚ୍ଛତାର ସହ ଅନଲାଇନ୍ ବଦଳୀ ପ୍ରଣାଳୀ ପରିଚାଳନା କରୁଛନ୍ତି, ଯାହାକି ଅନ୍ୟ ବିଭାଗମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁସରଣ କରାଯିବା ଆବଶ୍ୟକ। ନିୟମଗୁଡ଼ିକର ସରଳୀକରଣ ଏବଂଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ, ୨୦୧୨ ଅଧୀନରେ ନାଗରିକମାନଙ୍କୁ ମଧ୍ୟସ୍ଥି ବିନା ନିଜର ଅଧିକାରଗୁଡ଼ିକ ପ୍ରାପ୍ତ କରିବାରେ ସାହାଯ୍ୟ କରିଛି।'ଆମ ଶାସନ'ପରି ପ୍ରୟାସଗୁଡ଼ିକ ନାଗରିକଙ୍କୁ ସେବାପ୍ରଦାନ ସମ୍ପର୍କରେ ସିଧାସଳଖ ମତାମତ(ଫିଡବ୍ୟାକ) ପ୍ରଦାନର ସୁଯୋଗ ପ୍ରଦାନ କରୁଛି, ଯାହା ଫଳରେଉତ୍ତରଦାୟିତ୍ୱ ବୃଦ୍ଧି ପାଇଛି ।ୱାମିସ୍‌ଏବଂୱାର୍କ ପାସ୍ ବୁକ୍ସରି ବ୍ୟବସ୍ଥା ନାଗରିକମାନଙ୍କୁ ନିଜ ଅଞ୍ଚଳର ପ୍ରକଳ୍ପଗୁଡ଼ିକର ଭୌତିକ ଏବଂ ଆର୍ଥିକ ପ୍ରଗତି ସମ୍ପର୍କରେତତ୍କାଳିକ ସୂଚନାପ୍ରଦାନ କରୁଛି, ଯାହା ଫଳରେ ଅନୀତିମୂଳକ ହସ୍ତକ୍ଷେପର ସମ୍ଭାବନା କମିଛି ।ବ୍ୟବସାୟ କରିବାର ସୁବିଧା (ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍) ଏବଂ 'ଜନ ବିଶ୍ୱାସ ବିଲ୍', ବ୍ୟବସାୟ ସମ୍ପର୍କୀୟ ନିୟମାବଳୀର ସୁଧାର ଏବଂ ସାଧାରଣ ବା ସାମାନ୍ୟ ଉଲ୍ଲଂଘନକୁ ଅପରାଧୀକରଣରୁ ମୁକ୍ତ କରିବା ଅତିରିକ୍ତ ଇଚ୍ଛାଧୀନ କ୍ଷମତାର ବ୍ୟବହାର ଓଦୁର୍ନୀତିର ସୁଯୋଗକୁ କମାଇଥାଏ।

ମୁଖ୍ୟ ଶାସନ ସଚିବ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଭ୍ୟନ୍ତରୀଣ ସଚେତନତା କମିଟି ( ଇଣ୍ଟରନାଲ ଭିଜିଲାନ୍ସ କମିଟି ) ଗଠନ କରି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ ପୂର୍ବକ ସ୍ୱଳ୍ପ ମିଆଦୀ ଓ ଦୀର୍ଘମିଆଦୀ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା, ଇଜ୍‌ଅଫ୍ଡୁଇଙ୍ଗବିଜନେସ୍, ୱାମିସ୍, ଇ-ଟେଣ୍ଡରିଂ, ଇ-ପ୍ରୋକ୍ୟୁରମେଣ୍ଟ, ୱାର୍କପାସ୍ବୁକ୍, ଡିବିଟି ଜରିଆରେ ଅର୍ଥପ୍ରେରଣ ଏବଂ ଅନ୍ଲାଇନ୍ମାନବ ସମ୍ବଳପରିଚାଳନା ବ୍ୟବସ୍ଥା ପାଇଁ ପ୍ରଯୁକ୍ତି-ଭିତ୍ତିକ ସୁଧାରଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସେଥିରେ ଅଧିକ ଉନ୍ନତି ଆଣିବା, କର୍ମଚାରୀମାନଙ୍କ ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ, ନ୍ୟାୟସଙ୍ଗତ ଓ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ଅନଲାଇନ୍ ବ୍ୟବସ୍ଥାରେ ବଦଳି ଏବଂ କାର୍ଯ୍ୟରେ ସାଧୁତା ଅବଲମ୍ବନ ସନ୍ଦେହ ରହୁଥିବା ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ(ସମ୍ବେଦନଶୀଳ) ପଦବୀରୁ ନିବୃତ୍ତରଖିବା ସହ ସ୍ୱଚ୍ଛତାର ସହ ମାନବ ସମ୍ବଳ ପରିଚାଳନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଭୁବନେଶ୍ୱରରେ ନିର୍ମାଣ ହେବ ଆଦର୍ଶ ଗୋଶାଳା

ଭୁବନେଶ୍ୱର, ୧୧।୯: ଭୁବନେଶ୍ୱରରେ ନିର୍ମାଣ ହେବ ଆଦର୍ଶ ଗୋଶାଳା । ୪୦ କୋଟି ବ୍ୟୟରେ ଆଦର୍ଶ ଗୋଶାଳା ନିର୍ମାଣ କରିବେ ସରକାର । ଭୁବନେଶ୍ୱରର ବୁଲା ଗାଈ ଗୋରୁଙ୍କୁ ସେଠାରେ ରଖାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ରାଜଧାନୀକୁ ସମ୍ପୂର୍ଣ୍ଣ ରୂପରେ ବୁଲା ଗାଈ ଗୋରୁ ମୁକ୍ତ କରାଯିବ । ଏଥିପାଇଁ ସରକାର ବଡ ଯୋଜନା କରିଛନ୍ତି । ଆଦର୍ଶ ଗୋଶାଳା ପାଇଁ ଜମି ବି ଚିହ୍ନଟ ସରିଛି । କେବଳ କ୍ଷୀର ନୁହେଁ, ଗୋମାତାଙ୍କ ଗୋବର ଏବଂ ମୂତ୍ରରୁ ବିଭିନ୍ନ ପ୍ରଡକ୍ଟ ବାହାରିବ । ସରକାର ଏ ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଗୋଶାଳା ନିର୍ମାଣ ଆରମ୍ଭ ହୋଇଛି । ସେହିପରି ସହରାଞ୍ଚଳ ଗୁଡିକରେ ରାଜରାସ୍ତାରୁ ଗାଈଗୋରୁଙ୍କୁ ହଟାଇବା ପାଇଁ ୫ ଟି ସ୍ଥାନରେ ଗୋଶାଳା କରାଯାଉଛି । ରାସ୍ତାରେ ଦୁର୍ଘଟଣା ଯୋଗୁଁ ଉଭୟ ଲୋକ ଏବଂ ଗାଈ ଗୋରୁ ଆଘାତ ପାଉଛନ୍ତି ଓ ପ୍ରାଣ ହରାଉଛନ୍ତି । ତେଣୁ ସରକାର ଏ ନେଇ ସମ୍ବେଦନଶୀଳ ଅଛନ୍ତି ଏବଂ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଗ୍ଲୋବାଲ ୟୁନିଭରସିଟି ଫେୟାର

ଭୁବନେଶ୍ୱର, ୧୧।୯: କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ଗ୍ଲୋବାଲ ୟୁନିଭରସିଟି ଫେୟାର'ର ତୃତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୭୦ରୁ ଅଧିକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଯୋଗ ଦେଇଥିଲେ। ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଦେଶରେ ଉଚ୍ଚଶିକ୍ଷା ସମ୍ଭାବନା ସୃଷ୍ଟି କରିବାର ଏକ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିଛି ଗ୍ଲୋବାଲ ୟୁନିଭରସିଟି ଫେୟାର। ଏହି ଫେୟାରରେ ଭାରତ ସମେତ ଆମେରିକା, ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଆୟାର୍ଲାଣ୍ଡ, ଦୁବାଇ, ଫିନଲାଣ୍ଡ ଓ ବିଭିନ୍ନ ଦେଶର ବଡ଼ବଡ଼ ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ଅଗ୍ରଣୀ ସ୍କୁଲର ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ସହିତ ସିଧାସଳଖ ଆଲୋଚନା କରିବା ସହିତ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ସୁଯୋଗ, ଛାତ୍ରବୃତ୍ତି, ପ୍ରବେଶ ପ୍ରକ୍ରିୟା ଏବଂ କ୍ୟାରିୟର ସୁଯୋଗ ଆଦି ପଚାରି ବୁଝିଥିଲେ।



ମେଳା ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ମଧ୍ୟ ଅନ୍ତର୍ଜାତୀୟ ଇଂରାଜୀ ଭାଷା ପରୀକ୍ଷା ପ୍ରଣାଳୀ (ଆଇଇଏଲଟିଏସ) ସହିତ ଏକ ଆନୁଷ୍ଠାନିକ ସହଭାଗିତାରେ ସ୍ୱାକ୍ଷର କରିଥିଲା। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଆଇଇଏଲଟିଏସର ଏକ କେନ୍ଦ୍ର ଖୋଲିବ। ଫଳରେ ବିଦେଶରେ ପଢ଼ିବାକୁ ଚାହୁଁଥିବା ବହୁ ଛାତ୍ରଛାତ୍ରୀ ଏଥିରୁ ତାଲିମ ପାଇପାରିବେ। ଏଭଳି କେନ୍ଦ୍ର ଖୋଲିବାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ ହେଉଛି ଓଡ଼ିଶାର ଏକମାତ୍ର ବିଦ୍ୟାଳୟ। ବିଶ୍ୱର ସବୁଠାରୁ ବିଶ୍ୱସନୀୟ ଇଂରାଜୀ ଭାଷା ଦକ୍ଷତା ପରୀକ୍ଷା ଆଇଇଏଲଟିଏସ ୧୪୦ ରୁ ଅଧିକ ଦେଶର ୧୨ ହଜାରରୁ ଅଧିକ ପ୍ରତିଷ୍ଠାନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଏହି ସହଯୋଗ ଛାତ୍ରଛାତ୍ରୀମାନଙ୍କୁ ଆଇଇଏଲଟିଏସ ସମ୍ବଳ, କର୍ମଶାଳା ଏବଂ ପ୍ରସ୍ତୁତି ସହାୟତା ପାଇଁ ସ୍ୱତନ୍ତ୍ର ପ୍ରବେଶ ପ୍ରଦାନ କରିବାରେ ସହାୟକ ହେବ। ଏହା ସହ ସେମାନଙ୍କୁ ଶ୍ରେଷ୍ଠ ବ୍ୟାଣ୍ଡ ସ୍କୋର ହାସଲ, ବିଶ୍ୱସ୍ତରୀୟ ଶିକ୍ଷା ଏବଂ କ୍ୟାରିଅର ସମ୍ଭାବନାକୁ ଅନୁସରଣ କରିବାରେ ସାହାଯ୍ୟ କରିବ।

ଏହି ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ ମୋନା ଲିସା ବଳ ସୂଚନା ଦେଇ କହିଲେ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ସହିତ ସଶକ୍ତ କରିବାକୁ ପ୍ରତିବଦ୍ଧ। ଏଭଳି ଗ୍ଲୋବାଲ ୟୁନିଭରସିଟି ଫେୟାର ଏବଂ ଆଇଇଏଲଟିଏସ୍ ଜରିଆରେ ପ୍ରତ୍ୟେକ ପିଲା ବିଶ୍ୱ ସ୍ତରରେ ଯେଭଳି ଉଚ୍ଚଶିକ୍ଷା ଲାଭ କରିପାରିବେ ସେ ନେଇ ଆମେ ଯତ୍ନଶୀଳ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, ଇଣ୍ଟରନ୍ୟାସ୍‌ନାଲ୍ ପାଠ୍ୟକ୍ରମ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଦ୍ୱାରା ପଶ୍ଚିମ ଓଡ଼ିଶାର ଶିଳ୍ପକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭିବୃଦ୍ଧି ଘଟିଛି: ଟିପିଡବ୍ଲୁଓଡିଏଲ୍

ବୁର୍ଲା, ୧୧।୯: ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶକୁ ଶକ୍ତି ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ବିଗତ ୪ ବର୍ଷ ଧରି କମ୍ପାନୀ ପଶ୍ଚିମ ଓଡ଼ିଶାର ନଅ ଗୋଟି ଜିଲ୍ଲାର ୪୮ ହଜାର ବର୍ଗ କିଲୋମିଟର କ୍ଷେତ୍ରରେ ପ୍ରାୟ ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଘରୋଇ, ଶିଳ୍ପ ତଥା କୃଷି ଭଳି ବିଭିନ୍ନ ବର୍ଗର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେଇ ଆସୁଅଛି ।

ଶିଳ୍ପ ପ୍ରାଧାନ୍ୟ ଅଞ୍ଚଳ ଭାବେ ପରିଗଣିତ ପଶ୍ଚିମ ଓଡ଼ିଶା ଏବଂ ଏହି ଅଞ୍ଚଳ ଗୁଡ଼ିକରେ ଶିଳ୍ପର ଅଭିବୃଦ୍ଧିକୁ ଟିପିଡବ୍ଲୁଓଡିଏଲର ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯଥେଷ୍ଟ ସମର୍ଥନ କରୁଅଛି । କମ୍ପାନୀ ପକ୍ଷରୁ ବର୍ତ୍ତମାନ ୬,୦୪୫ ଶିଳ୍ପ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ପ୍ରଦାନ କରାଯାଉଅଛି । ଯେଉଁଥିରେ ପ୍ରାୟ ୧,୦୦୦ ବୃହତ ଶିଳ୍ପ ଏବଂ ୫,୦୦୦ ରୁ ଅଧିକ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍‌ଯୋଗ ଅନ୍ତର୍ଭୁକ୍ତ ରହିଛି । ଏଥିମଧ୍ୟରୁ ୩୪ ଜଣ ଉପଭୋକ୍ତାଙ୍କୁ ଏକ୍ସଟ୍ରା ହାଇ ଟେନସନ୍ (ଇଏଚଟି) ବିଦ୍ୟୁତ୍ ଯୋଗାଣ ଏବଂ ୧୮୭୫ ଜଣ ଉପଭୋକ୍ତାଙ୍କୁ ହାଇ ଟେନସନ୍ (ଏଚ୍‌ଟି) ବିଦ୍ୟୁତ୍ ଯୋଗାଣ କରାଯାଉଅଛି । ତେବେ ସମଗ୍ର ପଶ୍ଚିମ ଓଡ଼ିଶାର ଶିଳ୍ପ ଉପଭୋକ୍ତାଙ୍କ ପାଇଁ ଚୁକ୍ତିବଦ୍ଧ ବିଦ୍ୟୁତ୍ ଚାହିଦା ୧୦୬.୨ ମେଗାୱାଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏମାନଙ୍କ ସର୍ବାଧିକ ବିଦ୍ୟୁତ୍ ଚାହିଦା ୮୮.୯ ମେଗାୱାଟ୍ ରହିଛି । ପ୍ରକାଶଥାଉ କି, ବୃହତ ଶିଳ୍ପ ଠାରୁ ଆରମ୍ଭ କରି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍‌ଯୋଗ ଶିଳ୍ପଗୁଡ଼ିକର ବିବିଧ ଆବଶ୍ୟକତା ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ନିରନ୍ତର ଭାବରେ ଏହାର ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରାଯାଉଛି । ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଛି, ଯେତେବେଳେ ନେଟୱାର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟାଧୀନ ରହିଛି । ତେବେ ଗତ ଚାରି ବର୍ଷ ମଧ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ଧାରବାହିକ ଉନ୍ନତକରଣ ହେତୁ କେବଳ ଶିଳ୍ପ ଉଦ୍‌ଯୋଗ କ୍ଷେତ୍ରରେ ବିଦ୍ୟୁତ୍ ଚାହିଦାରେ ୪୦.୫୩ ପ୍ରତିଶତ ବୃଦ୍ଧି ଘଟିଛି ।ସୂଚନାଥାଉ କି, ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଶିଳ୍ପାଞ୍ଚଳ ପାଇଁ କମ୍ପାନୀ ପକ୍ଷରୁ ମୋଟ୍ ୩୫.୭୦ ସର୍କିଟ୍ କିଲୋମିଟର (ସିକେଏମ୍)ର ସ୍ୱତନ୍ତ୍ର ୩୩ କେ.ଭି ଫିଡର୍ ଲାଇନ୍ ବିଛାଯାଇଅଛି । ସେହିପରି ସୁନ୍ଦରଗଡ଼ ଓ ରାଜଗାଙ୍ଗପୁରର ଶିଳ୍ପାଞ୍ଚଳ ପାଇଁ ୫୧.୫୦ ସର୍କିଟ୍ କିଲୋମିଟର ଏବଂ ରାଉରକେଲା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ରହିଥିବା ଶିଳ୍ପକ୍ଷେତ୍ର ପାଇଁ ସର୍ବମୋଟ୍ ୫୦.୩୦ ସର୍କିଟ୍ କିଲୋମିଟର (ସିକେଏମ୍)ର ସ୍ୱତନ୍ତ୍ର ୩୩ କେ.ଭି ଫିଡର୍ ଲାଇନ୍ ବିଛାଯାଇବା ବେଳେ ୫୨.୪୨ ସର୍କିଟ୍ କିଲୋମିଟର (ସିକେଏମ୍)ର ସ୍ୱତନ୍ତ୍ର ୩୩ କେ.ଭି ଫିଡର୍ ଲାଇନ୍ କାର୍ଯ୍ୟ ଏବେ ଜାରି ରହିଛି । ଏହି ବିକାଶ ବିଷୟରେ ସୂଚନା ଦେଇ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ଶିଳ୍ପକ୍ଷେତ୍ର ହେଉଛି ପଶ୍ଚିମ ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ । ଆମ କମ୍ପାନୀ ନିରାପଦ, ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ସହ ଏହି ଶିଳ୍ପ ଅଭିବୃଦ୍ଧିକୁ ଅଧିକ ଶକ୍ତିଶାଳୀ କରୁଅଛି । ସେହିପରି ଭବିଷ୍ୟତର ବିଦ୍ୟୁତ୍ ଚାହିଦା ପୂରଣ କରିବା ପାଇଁ ମଧ୍ୟ ଆମେ ଆମର ବିଦ୍ୟୁତ୍ ଭିତ୍ତିଭୂମିକୁ ନିରନ୍ତର ଉନ୍ନତ କରିବାରେ ଲାଗିଛୁ । ଶିଳ୍ପଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ପ୍ରଦାନ କରି ଟିପିଡବ୍ଲୁଓଡିଏଲ ସମଗ୍ର ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ଏବଂ ସ୍ଥାୟୀ ବିକାଶକୁ ଆଗେଇ ନେଉଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ